R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୩
ତିଥି : ଅଷ୍ଟମୀ
୦୯ ମେ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 213
09 May 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**ବାଲିଅନ୍ତା କନଷ୍ଟେବଲ ହତ୍ୟା ଘଟଣା**

## ଦୁଇ ମାମଲା, ଜେଲ୍‌ଗଲେ ୫



- ଘଟଣାସ୍ଥଳରେ ଡିଜିପି, ମହିଳା କମିଶନର
- ମୃତ ସୌମ୍ୟ ଗାଁ ନିକଟରେ ରାସ୍ତାରୋକ
- ମାଡ଼ ମାରି ଅସଦାଚରଣ ଅଭିଯୋଗ ଆଣିଲେ ପୀଡ଼ିତା

ଭୁବନେଶ୍ୱର, ୮।୫ (ସବ୍ୟୁ) : ବାଲିଅନ୍ତାରେ କନଷ୍ଟେବଲଙ୍କୁ ପିଟି ପିଟି ହତ୍ୟା କରିବା ଘଟଣାରେ ପୋଲିସ ଦୁଇଟି ମାମଲା ରୁଜୁ କରିଛି । ପୀଡିତା ଯୁବତୀଙ୍କ ଏତଲା ଆଧାରରେ ଗୋଟିଏ ମାମଲା ରୁଜୁ ହୋଇଥିବା ବେଳେ ସୌମ୍ୟଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ଆଉ ଗୋଟିଏ ମାମଲା ରୁଜୁ ହୋଇଛି । ଦୁଇଟି ମାମଲାରେ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି ।

ଘଟଣାସ୍ଥଳକୁ ଶୁକ୍ରବାର ଡିଜିପି ଓ୍ୱାଇବି ଖୁରାନିଆ ଯାଇଥିଲେ । ତାଙ୍କ ସହ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ, ଡିସିପି ଜଗମୋହନ ମିନା ଥିଲେ। ଘଟଣାସ୍ଥଳ ପରିଦର୍ଶନ କରି ଆସିବା ପରେ ଗଣମାଧ୍ୟମକୁ ଡିଜିପି କହିଛନ୍ତି, ଯିଏ ସମ୍ପୃକ୍ତ ଥିବେ କାହାରିକୁ ଛଡାଯିବ ନାହିଁ । ସେହିପରି ମହିଳା କମିଶନ ଅଧକ୍ଷା ସୋଭନା ମହାନ୍ତି ଘଟଣାସ୍ଥଳକୁ ଯାଇ ଦୁଇ ପୀଡିତା ଯୁବତୀଙ୍କ ସହ କଥା ହୋଇଛନ୍ତି । ଦୁଇ ଯୁବତୀଙ୍କ ସହ କଥା ହେବା ପରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଦୁଇ ଯୁବତୀଙ୍କ ସୁରକ୍ଷା ଉପରେ ନଜର ରଖିବ ପୋଲିସ । ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ହେବ। ଅନ୍ୟ ପକ୍ଷରେ ମୃତ ସୌମ୍ୟଙ୍କ ମା' କ୍ୟାପିଟାଲ ହସ୍ପିଟାଲକୁ ପୁଅର ଶବ ନେବାକୁ ଆସିବା ଅବସରରେ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଫାଶୀ ଦିଆଯାଉ। ଅସଦାଚରଣ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଯୋଜନାବଦ୍ଧ ଭାବେ (୯ ପୃଷ୍ଠାରେ)

## ବାଲିଅନ୍ତା ପରେ ବାଲିପାଟଣା | ଯୁବକଙ୍କୁ ପିଟିପିଟି ହତ୍ୟା

### ବ୍ରାଉନ୍‌ସୁଗର ବ୍ୟବସାୟୀ ଗିରଫ

ଭୁବନେଶ୍ୱର/ବାଲିପାଟଣା, ୮।୫ (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ହତ୍ୟାକାଣ୍ଡ ଲୋକଙ୍କ ମନରୁ ନଲିଭୁଣୁ ପୁଣି ବାଲିପାଟଣାରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ବ୍ରାଉନସୁଗର ବ୍ୟବସାୟୀ ଶେଖ୍ ଜାକିରକୁ ଗିରଫ କରିଛି । ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ମାମଲାର ତଦନ୍ତ ଜାରି ରହିଛି ।

ବାଲିପାଟଣା ବେଙ୍ଗବତୀ ଗାଁରେ ଅଠାନ୍ତରର ରାକେଶ ଦାସକୁ ଜିଆଇ ପାଇପ୍‌ରେ ଅଭିଯୁକ୍ତ ପିଟିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ ପରିବାର ଲୋକେ। ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାକେଶଙ୍କ ବାପ-ମା'ଙ୍କ କହିବାନୁଯାୟୀ ଜାକିର ତାଙ୍କୁ ଫୋନ୍ କରି କହିଥିଲା ଯେ, ପୁଅ ୨୫ ହଜାର ଟଙ୍କା ମୋ ଠାରୁ ନେଇଛି । ସେ ଟଙ୍କା ଦିଅ ନଚେତ ପୁଅକୁ ମାରିଦେବି । ଟେଲିଫୋନ୍ ଉତ୍ତରରେ ରାକେଶର ବାପା କହିଥିଲେ ଯେ, ଥାନାରେ ଏତଲା ଦିଅ ତା'ପରେ ଟଙ୍କା କଥା ବିଚାର କରାଯିବ । ଏହା ଶୁଣିବାର କିଛି ସମୟ ପରେ ଜାକିର ରାକେଶକୁ ଆକ୍ରମଣ କରିଥିଲା ।

ବେଙ୍ଗବତୀ ଗାଁର ଜାକିର ଦୀର୍ଘଦିନ ହେବ ସେହି ଅଞ୍ଚଳରେ ବ୍ରାଉନସୁଗର ବ୍ୟବସାୟ କରି ପୋଲିସକୁ ହାତରେ ରଖିଥିବାରୁ ସେ କୌଣସି କଥାକୁ ଖାତିର କରିନଥିଲା । ଏକ ଜିଆଇ ପାଇପ୍‌ରେ ରାକେଶକୁଜାକିର ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ, ମୁହଁ, ଗୋଡ, ଛାତି ପ୍ରଭୃତିରେ ଗୁରୁତର ଆଘାତ ଲାଗିଥିବା ମା' କହିଛନ୍ତି । ପୁଅ ଗୁରୁତର ହୋଇ ପଡିଥିବା ଖବର ପାଇବା ପରେ ରାକେଶର ମା' ୧୦୮ ଆମ୍ବୁଲାନ୍ସକୁ ଡାକି କ୍ୟାପିଟାଲ ହସ୍ପିଟାଲକୁ ଆଣିଥିବା ବେଳେ ଫଳ କିଛି ହେଲାନାହିଁ । ପୁଅକୁ ଡାକ୍ତର ମୃତ ଘୋଷଣା କରିବା ଖବର ପାଇ ପୋଲିସ ଜାକିରକୁ ଗିରଫ କରିବା ସହ ରାକେଶର ପରିବାର ଲୋକଙ୍କ ଠାରୁ ଏତଲା ଗ୍ରହଣ କରିଛି । ଜାକିରର ଅଭିଯୋଗ ଯେ, ସେ ଦୀର୍ଘଦିନ ହେବ ମୋଠାରୁ ୨୫ ହଜାର ଟଙ୍କା ନେଇଥିଲା ଓ ବାକିରେ ବହୁ ଟଙ୍କାର ବ୍ରାଉନସୁଗର ଖାଇଛି । ଏହି ଟଙ୍କା ଜାକିର ମାଗିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡା ହୋଇଥିଲା । ଯଦ୍ୱାରା ଜାକିର ଉତ୍କ୍ଷିପ୍ତ ହୋଇ ରାକେଶକୁ ଆକ୍ରମଣ କରିଥିଲା ।

## ୨୦୦ ଆସନ ପାର ହେବା ଅବିସ୍ମରଣୀୟ ଯାତ୍ରା : ମୋହନ




ଭୁବନେଶ୍ୱର, ୮।୫ (ସବ୍ୟୁ) : ପଶ୍ଚିମବଙ୍ଗବାସୀଙ୍କୁ ବହୁତ ଅନୁନନ୍ଦନ ଓ ଶୁଭେଚ୍ଛା। ଆଜିର ଏହି ଦିନକୁ ସମ୍ଭବ କରିବାରେ ବିଜେପି ନେତା, କାର୍ଯ୍ୟକର୍ତ୍ତାଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ୨୦୧୧ ମସିହାରେ ମାତ୍ର ୩ ସିଟ୍‌ରୁ ଆରମ୍ଭ କରି ଆଜି ୨୦୦ ପାର ହେବା ଆମ ପାଇଁ ଏକ ଅବିସ୍ମରଣୀୟ ଯାତ୍ରା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ପ.ବଙ୍ଗ ବିଜେପି ବିଧାୟକ ଦଳ ବୈଠକ ଲାଗି ଶ୍ରୀ ମାଝୀଙ୍କୁ ସହପ୍ରଭାରୀ ଭାବେ ଚୟନ କରାଯାଇଥିଲା। ଆଜି ବିଧାୟକଦଳ ବୈଠକରେ ଶ୍ରୀ ମାଝୀ କହିଥିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହି ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଛି। ଓଡ଼ିଶା ଓ ବଙ୍ଗଳା ମଧ୍ୟରେ କୌଣସି ଅନ୍ତର ନାହିଁ। ଆମ ଲୋକମାନେ ଓ ଇତିହାସ ରଚନା ହୋଇଛି। ଅନେକ ସଂଘର୍ଷ ପରେ ପ.ବଙ୍ଗ ଜନତା ଆମକୁ ପ୍ରଥମଥର ସେବା କରିବାକୁ ସୁଯୋଗ ଦେଇଛନ୍ତି। ଆସନ୍ତାକାଲିଠୁ ବଙ୍ଗଳାର ରାଜନୈତିକ ଇତିହାସରେ ନୂଆ ଅଧ୍ୟାୟ ଲେଖାଯିବ। ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ସହାୟତା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି ମୁଁ ଉଭୟଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି। ପ.ବଙ୍ଗର ଲୋକମାନେ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ବିରୋଧରେ ବିକାଶ ପଥକୁ ବାଛିଛନ୍ତି। ବଙ୍ଗଳା ପାଇଁ ଏହା ବଡ ପରିବର୍ତ୍ତନ। ଲୌହ ମାନବ ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ମଜଭୁତ ରଣନୀତି ଆଗରେ ବିରୋଧୀ ଦଳଙ୍କ କୌଣସି ଚାଲ୍ କାମ କଲାନାହିଁ। ମୋଦୀଙ୍କ ମାର୍ଗଦର୍ଶନ ଓ ଶାହାଙ୍କ ରଣନୀତି ଯୋଗୁ ଆମ ପାଇଁ କିଛି ଅସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀ ସବୁବେଳେ ପୂର୍ବୋଦୟ ବିଷୟରେ ଆମକୁ କହିଆନ୍ତି। ଆଜି ସେହି ଲକ୍ଷ୍ୟ ସଠିକ୍ ଭାବେ ସାକାର ହେବାକୁ ଯାଉଛି। ଅଙ୍ଗ, ବଙ୍ଗ, କଳିଙ୍ଗରେ ମିଶନ ପୂରଣ ହୋଇଛି। ବଙ୍ଗଳାର ସମସ୍ତ ନେତା, କାର୍ଯ୍ୟକର୍ତ୍ତାମାନଙ୍କୁ (୯ ପୃଷ୍ଠାରେ)

## ଶୁଭେନ୍ଦୁ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ



- ଆଜି ଶୁଭେନ୍ଦୁଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ନେବେ ଶପଥ
- ପ.ବଙ୍ଗ ବାସୀଙ୍କୁ ଧନ୍ୟବାଦ ଦେଲେ ଶାହା

ନୂଆଦିଲ୍ଲୀ, ୮।୫ (ଏଜେନ୍ସି) : ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ନେବେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିର ବିପୁଳ ବିଜୟ ପରେ ଆଜି ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପର୍ଯ୍ୟବେକ୍ଷକ ଭାବେ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବୈଠକ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଶୁଭେନ୍ଦୁ ଅଧିକାରୀ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରିଛନ୍ତି।

ବିଜେପି ବିଧାୟକ ଦଳ ବୈଠକରେ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ଘୋଷ ଶୁଭେନ୍ଦୁଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାପରେ ଶ୍ରୀ ଶାହା ଏଥିରେ ମୋହର ମାରିଥିଲେ। ବିଧାୟକ ଦଳ ବୈଠକ ପରେ ଶ୍ରୀ ଶାହା କହିଥିଲେ ଯେ, ଶୁଭେନ୍ଦୁ ଅଧିକାରୀଙ୍କୁ ବିଜେପି ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଛି। ଆସନ୍ତାକାଲି ଦିନ ୧୦ଟା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପଶ୍ଚିମବଙ୍ଗରେ ଟିଏମସିର ୧୫ ବର୍ଷ ଶାସନରେ ବିକାଶ ହେଉନଥିଲା। ବିଜେପିର ବିଜୟ ପରେ ମମତାଙ୍କର ଦୀର୍ଘ ଦିନର କ୍ଷମତା ଶେଷ ହୋଇଛି। ଏବେ କମ୍ୟୁନିଟି ଶାସନ ସମୟରେ ଯେଉଁ ବାତାବରଣ ଥିଲା ତାହା ସୃଷ୍ଟି କରାଯାଉଛି। ପଶ୍ଚିମବଙ୍ଗବାସୀଙ୍କୁ ଏହି ବଡ଼ ବିଜୟ ପାଇଁ ଧନ୍ୟବାଦ ଦେଉଛି। ପଶ୍ଚିମବଙ୍ଗ ବାସିନ୍ଦା ବିଜେପି ଓ ଆମର ନେତା ନରେନ୍ଦ୍ର ମୋଦୀଙ୍କ ଉପରେ ଭରଷା କରିଛନ୍ତି। ଶ୍ୟାମ (୯ ପୃଷ୍ଠାରେ)

## ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷିବ

ଭୁବନେଶ୍ୱର, ୮।୫ (ସବ୍ୟୁ): ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିଛି । ଫଳରେ ତାପମାତ୍ରା ସାମାନ୍ୟ ବଢ଼ିଥିଲେ ମଧ୍ୟ ୪୦ ଡିଗ୍ରୀ ଅତିକ୍ରମ କରିନି । ତେବେ ଆଭ୍ୟନ୍ତରୀଣ ଓଡ଼ିଶାରୁ ପୂର୍ବ ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଦେଇ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ରାଜ୍ୟର ବର୍ଷା ହେବାର ସମ୍ଭାବନା ରହିଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର କହିବାନୁସାରେ, ଆସନ୍ତାକାଲି(ଶନିବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ଝଡ଼ତୋଫାନ ବର୍ଷା ସହିତ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୫୦ କିମି ରହିବ ।

ରବିବାର ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୋନପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ସ୍ଥାନେ ସ୍ଥାନେ (୯ ପୃଷ୍ଠାରେ)

## ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ



ପୁରୀ, ୮।୫ (ସବ୍ୟୁ) : ପ୍ରବଳ ହଟ୍ଟଗୋଳ ଓ କଥା କଟି ମଧ୍ୟରେ ଚଳିତ ବର୍ଷ ରଥ ଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ ଶୁକ୍ରବାର ପୂର୍ବାହ୍ନରେ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଟାଟା ପାୱାର କମ୍ପାନୀର ମନ ମୁଖୀ କାର୍ଯ୍ୟ ଓ ଗ୍ରାହକ ଶୋଷଣ ନୀତିକୁ ନେଇ ବୈଠକରେ ପ୍ରବଳ ପାଟି ତୁଣ୍ଡ ଓ ହଟ ଗୋଳ ହୋଇ ଥିଲା ।

ଚଳିତ ବର୍ଷ ରଥ ଯାତ୍ରାରେ ଦଶରୁ ୧୫ ଲକ୍ଷ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଚାରି ଶହରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ ଚାଲିବ । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଉତ୍ତରା ଛକ ଠାରୁ ପୁରୀ ମଧ୍ୟରେ ୧୬ ଶହ ସିସି ଟିଭି କ୍ୟାମେରା ଲାଗିବ। ରଥ ଯାତ୍ରା ପୂର୍ବରୁ ସହରର ପ୍ରମୁଖ ନାଳ ସମେତ ବିଭିନ୍ନ ସାହି ଓ ଗଳିରେ ଥିବା ସମସ୍ତ ଗୁଡ଼ିକ ସଫା ହେବ। ନାଳ ସ୍ଲାବ ଉପରେ ଅବରୋଧ କରି ପଡ଼ି ଥିବା କ୍ୟାବିନ ଗୁଡ଼ିକ ଉଠାଯିବ। ରଥ ଯାତ୍ରା ପୂର୍ବରୁ ଜିଲ୍ଲା ବଡ ମେଡିକାଲ ମଧ୍ୟରେ ନିର୍ମାଣ ହୋଇ ଥିବା ନୂତନ କୋଠା ଗୃହକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ପୁରୀ ଭୁବନେଶ୍ୱରକୁ ଯାତାୟାତ (୯ ପୃଷ୍ଠାରେ)

## ଲାଞ୍ଚ ନେଇ ସିବିଆଇ ହାତରେ ସିଜିଏସ୍‌ଟି ଅଧିକାରୀ

ଭୁବନେଶ୍ୱର, ୮।୫ (ସବ୍ୟୁ): ବାଲେଶ୍ୱର ସିଜିଏସଟି ଅଧୀକ୍ଷକ ଓମ ପ୍ରକାଶ ନାୟକ ରିଫଣ୍ଡ ଫେରାଇବା ମାମଲାରେ ୫୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି । ଶ୍ରୀ ନାୟକଙ୍କୁ ସିବିଆଇ ଟିମ୍ ଅଟକ ରଖି ପଚରାଉଚରା କରିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡ଼ିଛି ।

ସିବିଆଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ସିଜିଏସଟି ଅଧୀକ୍ଷକ ଶ୍ରୀନାୟକ ଏବଂ ଜଣେ ସହକାରୀ କମିସନର ମିଶି ଅଭିଯୋଗକାରୀଙ୍କ କମ୍ପାନୀର ପ୍ରାୟ ୧୬ ଲକ୍ଷ ଟଙ୍କାର ଜିଏସଟି ରିଫଣ୍ଡ ଛାଡ଼ ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଅଭିଯୋଗ ଆଧାରରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ସିବିଆଇର ଟିମ୍ ଏହି ମାମଲାରେ ଯାଞ୍ଚ କରିବା ସହ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା। ପରେ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ଘର ଓ ରେଲୱେ ଗେଷ୍ଟ ହାଉସରେ ସିବିଆଇ ଟିମ୍ ଚଢ଼ାଉ କରିଥିଲା । ସିବିଆଇ ଟିମ୍ ତାଙ୍କୁ ଅଧିକ ପଚରାଉଚରା ପାଇଁ ଭୁବନେଶ୍ୱରକୁ ନେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏହାସହିତ ସମ୍ପୃକ୍ତ ଅନ୍ୟାନ୍ୟ ଅଭିଯୁକ୍ତଙ୍କ ଭୂମିକା ନେଇ ତଦନ୍ତ ଜାରି ରହିଥିବା ସିବିଆଇ ପକ୍ଷରୁ କହାଯାଇଛି । ଶ୍ରୀ ନାୟକଙ୍କୁ ଧରିବାପାଇଁ ସିବିଆଇ ପକ୍ଷରୁ ଏକ ୨୭ ଜଣିଆ ଟିମ୍ ବାଲେଶ୍ୱରରେ ପୂର୍ବରୁ ପହଞ୍ଚିଥିଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଲାଞ୍ଚ ନେବାବେଳେ ତାଙ୍କୁ ଧରିଥିବା ଜଣାପଡ଼ିଛି । ଏନେଇ ଅଧିକ ଛାନଭିନ୍ କରୁଛି ସିବିଆଇ ।

## ୧୧୬ ବିଧାୟକଙ୍କ ସମର୍ଥନ ପତ୍ର ଦେଲେ ବିଜୟ



- ଭିଏସ୍‌କେ ଆଇୟୁଏମ୍‌ଏଲ୍‌ଙ୍କ ସମର୍ଥନପତ୍ର ମିଳିନାହିଁ
- ସରକାର ଗଠନ ପାଇଁ ନିମନ୍ତ୍ରଣ କରିନାହାନ୍ତି ରାଜ୍ୟପାଳ

ନୂଆଦିଲ୍ଲୀ, ୮।୫ (ଏଜେନ୍ସି) : ତାମିଲନାଡୁରେ ନୂଆ ସରକାର ଗଠନ ନେଇ ଦେଖାଯାଇଥିବା ଅନିଶ୍ଚିତତା ଜାରି ରହିଛି । ଟିଭିକେ ମୁଖ୍ୟ ବିଜୟ କୁମାରଙ୍କୁ ସରକାର ଗଠନ ଲାଗି ରାଜ୍ୟପାଳ ରାଜେନ୍ଦ୍ର ଆରଲେକର ସାକ୍ଷାତ କରି ୧୧୬ ବିଧାୟକଙ୍କ ସମର୍ଥନପତ୍ର ଦେଇଛନ୍ତି। ତୃତୀୟଥର ଲାଗି ବିଜୟ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ତେବେ ଆଇୟୁଏମ୍‌ଏଲ୍ ଓ ଭିଏସ୍‌କେ ବିଧାୟକଙ୍କ ସମର୍ଥନପତ୍ର ମିଳିପାରିନାହିଁ। ତେବେ ଆସନ୍ତାକାଲି ଶପଥ ଗ୍ରହଣ ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି ।

ବିଜୟ ଆଜି ରାଜ୍ୟପାଳଙ୍କୁ ଭେଟି ୧୧୬ ବିଧାୟକଙ୍କର ସମର୍ଥନ ପତ୍ର ଦେଇଥିଲେ । ସେଥିମଧ୍ୟରୁ କଂଗ୍ରେସର ୫ ବିଧାୟକ ଥିଲା ବେଳେ ଏଏମଏମକେ, ଆୟୁ ଏମଏଲ ସମର୍ଥନ କରିବେ ବୋଲି ସୂଚନା ମିଳିଛି। ଟିଭିକେର ୧୦୭ ବିଧାୟକ ଥିଲା ବେଳେ ସିପିଆଇ, ସିପିଏମ ଓ ଭିସିକେର ଦୁଇ ଜଣ ଲେଖାଏଁ ବିଧାୟକ ରହିଛନ୍ତି। ସିପିଏମ ନିସମର୍ଥନ କରିଥିବା ଘୋଷଣା କରିଛି। ୧୧୬ ବିଧାୟକଙ୍କ ସମର୍ଥନ ପତ୍ର ଆଜି ବିଜୟ ତାମିଲନାଡୁ ରାଜ୍ୟପାଳଙ୍କୁ ଭେଟି ସମର୍ଥନ କରିଛନ୍ତି। ପୂର୍ବରୁ ସେ ଦୁଇଥର ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟ ରାଜ୍ୟପାଳ ୧୧୮ ବିଧାୟକ ସମର୍ଥନ ପତ୍ର ଆଣିଥିଲେ। ୧୧୬ ବିଧାୟକଙ୍କର ସମର୍ଥନ ପତ୍ର ମିଳିଲା ପରେ ଆଜି ପୁଣି ସେ ରାଜ୍ୟପାଳଙ୍କୁ ଭେଟିଥିଲେ। ତାମିଲନାଡୁର ୨୩୪ ବିଶିଷ୍ଟ ବିଧାନସଭା ଆସନ ପାଇଁ ବହୁ ମତ ପ୍ରମାଣ ଲାଗି ୧୧୮ ବିଧାୟକଙ୍କର ଆବଶ୍ୟକତା ରହିଛି । ପ୍ରଥମେ କଂଗ୍ରେସ ତାଙ୍କୁ ସମର୍ଥନ ଦେଇଥିଲା । ପରେ ଅନ୍ୟ ଦଳ ଗୁଡିକ ସମର୍ଥନ ଦେଇଛନ୍ତି । ଏହି ସମସ୍ତ ଦଳ ଡିଏମକେର ସହଯୋଗୀ ଥିଲେ। କଂଗ୍ରେସ ଡିଏମକେ ସହ ଦୀର୍ଘ ଦିନର ମେଣ୍ଟକୁ ଭାଙ୍ଗି ଥିଲା ।

ଡିଏମକେ ଓ ଏଆଇଡିଏମକେ ମଧ୍ୟରେ ଯେଉଁ ବୁଝାମଣା ହେବ ବୋଲି ଚର୍ଚ୍ଚା ହେଉଛି। ତେବେ ଡିଏମ୍‌କେ ବିଜୟଙ୍କୁ ସରକାର ଗଠନ କରିବା ଲାଗି ରାଜ୍ୟପାଳ ଆମନ୍ତ୍ରଣ କରିବାକୁ କହିଛି । ତେବେ ସରକାର ଗଠନ ନେଇ ଅନିଶ୍ଚିତତା ଜାରି ରହିଛି ।

## କ୍ଷେପଣାସ୍ତ୍ର ଅଗ୍ନି-୫ର ପରୀକ୍ଷଣ




ବାଲେଶ୍ୱର, ୦୮/୦୫ (ସବ୍ୟୁ) : ଶୁକ୍ରବାର ସଂନ୍ଧ୍ୟା ପ୍ରାୟ ୭ଟା ସମୟରେ ଧାମରାସ୍ଥିତ ଅବଦୁଲ କାଲାମ ଦ୍ୱୀପରୁ ଇଣ୍ଟରକଣ୍ଟିନେଣ୍ଟାଲ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୫ର ପରୀକ୍ଷଣ ହୋଇଯାଇଛି । ଏହି କ୍ଷେପଣାସ୍ତ୍ର ଉତ୍କ୍ଷେପଣ ପରେ ବାୟୁମଣ୍ଡଳରୁ ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ ।

ସେହିଠାରୁ ଏକାଧିକ ଟାର୍ଗେଟ ଧ୍ୱଂସ କରିବାର କ୍ଷେମତା ଅଗ୍ନି-୫ର ରହିଛି । ବାୟୁମଣ୍ଡଳରୁ ଉପରକୁ ଉଠିଯାଉଥିବାରୁ ଶତ୍ରୁରପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଅଗ୍ନି -୫ କ୍ଷେପଣାସ୍ତ୍ର ୧୫ଶହ କି.ଗ୍ରା. ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି । ଉତ୍କ୍ଷେପଣ ସ୍ଥାନ ଠାରୁ ଏହା ୫ହଜାର କି.ମି. ପର୍ଯ୍ୟନ୍ତ ଟାର୍ଗେଟକୁ ହିଟ୍ କରିପାରିବ । ଏହି କ୍ଷେପଣାସ୍ତ୍ରର ଓଜନ ୫୬୦୦ କି.ଗ୍ରା ହୋଇଥିବା ବେଳେ ଲମ୍ବ ୧୭.୫ମିଟର ଓ ମୋଟେଇ ୨ମିଟର ରହିଛି । ଅଗ୍ନି -୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦୦୦ କି.ମି. ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟକୁ ଧ୍ୱଂସ କରିପାରିବ ।

ଆଜିର ଏହି ପରୀକ୍ଷଣ ସମୟରେ ଡିଆର୍‌ଡିଓ ଏବଂ ପ୍ରତିରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। ଏହି କ୍ଷେପଣାସ୍ତ୍ର ଆକାଶମାର୍ଗ ଯାଉଥିବା ବେଳେ ବାଲେଶ୍ୱର ଠାରୁ ପୁରୀ ପର୍ଯ୍ୟନ୍ତ ସାଧାରଣ ଜନତା ଦେଖିବାକୁ ପାଇଥିଲେ । କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କରେ ଡିଆର୍‌ଡିଓ ପକ୍ଷରୁ ସବିଶେଷ ବିବରଣୀ ମିଳିପାରି ନାହିଁ ।

# ସୋସିଆଲ କୋଟ୍ସ



ମୋତେ ପ୍ରଥମେ ସିରିଜର ଟାଇଟେଲ ନୁହେଁ କାହାଣୀ ଶୁଣା ଯାଇଥିଲା । କାହାଣୀ ଖୁବ ଭଲ ଲାଗିଲା, ତେଣୁ ଏଥିରେ ଅଭିନୟ କରିବି ବୋଲି ନିଷ୍ପତ୍ତି ନେଇଥିଲି ।

**ପ୍ରିନ୍ସ, ଅଭିନେତା**



ମୁଁ ବଞ୍ଚିଛି ଏବଂ ପୁରା ସୁସ୍ଥ ଅଛି । ପରିବାର ସହିତ ଖୁବ ଖୁସିରେ ଅଛି । ମୋ ମୃତ୍ୟୁକୁ ନେଇ ଯେଉଁମାନେ ମିଛ ଖବର ପ୍ରଚାର କରୁଛନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବି ।

**ଶକ୍ତି କପୁର, ଅଭିନେତା**



ବର୍ତ୍ତମାନ ମୁଁ ବ୍ରେକ ରେ ଅଛି । କାମ ଭିତରେ ବ୍ରେକ ନେବାର ଆବଶ୍ୟକତା ରହିଛି । ଆଗକୁ ଦର୍ଶକଙ୍କ ପାଇଁ ବହୁତ ସପ୍ରାଇଜ ଅଛି, ଯାହା ସେମାନଙ୍କୁ ମିଳିବ ।

**ଆଦିତ୍ୟ ଧର, ଫିଲ୍ମମେକର**

# କ୍ଲାନ୍ତ ଦୂର କରିବ ଖାଦ୍ୟ



ଗ୍ରୀଷ୍ମ ଋତୁରେ ପ୍ରଖର ଖରା ଏବଂ ଗରମ ପବନ ଯୋଗୁଁ ଆମ ଶରୀର ଶୀଘ୍ର କ୍ଲାନ୍ତ ହୋଇଯାଏ । ଏହି ସମୟରେ ନିଜକୁ ସୁସ୍ଥ ଏବଂ ସତେଜ ରଖିବା ପାଇଁ ଉପଯୁକ୍ତ ଖାଦ୍ୟପେୟର ଚୟନ କରିବା ଅତ୍ୟନ୍ତ ଆବଶ୍ୟକ । ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସହ ପାଚନ ପ୍ରକ୍ରିୟାକୁ ସହଜ କରୁଥିବା ଖାଦ୍ୟ ହିଁ ଗ୍ରୀଷ୍ମ ଦିନ ପାଇଁ ସର୍ବୋତ୍ତମ । ଯାହା କାରଣରୁ ଆମ ଶରୀର କ୍ଲାନ୍ତ ଦୂର ହୋଇଥାଏ ।

**ପ୍ରଚୁର ପାଣି :** ଗରମ ଦିନେ ଶରୀରରୁ ଝାଳ ବାହାରୁଥିବାରୁ ଜଳୀୟ ଅଂଶ କମିଯାଏ । ତେଣୁ ଦିନକୁ ଅତିକମରେ ୩-୪ ଲିଟର ପାଣି ପିଇବା ଉଚିତ ।

**ତରଭୁଜ :** ଏଥିରେ ପ୍ରାୟ ୯୨% ପାଣି ଥାଏ, ଯାହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ପେଟକୁ ଥଣ୍ଡା ରଖେ । ତେଣୁ ଖରାଦିନେ ନିଜ ଖାଦ୍ୟରେ ତରଭୂଜ ସାମିଲ କରନ୍ତୁ ।

**ଦହି :** ଦହି ହଜମ ପ୍ରକ୍ରିୟାକୁ ଭଲ କରିଥାଏ । ଘୋଳଦହିରେ ସାମାନ୍ୟ ଜିରା ଗୁଣ୍ଡ ଓ ବିଟ୍ ଲୁଣ ମିଶାଇ ପିଇଲେ ଏହା ଶରୀରକୁ ପ୍ରକୃତିକ ଭାବେ ଥଣ୍ଡା କରିଥାଏ ।

**କାକୁଡ଼ି :** କାକୁଡ଼ିରେ ପ୍ରଚୁର ପରିମାଣରେ ଫାଇବର ଏବଂ ପାଣି ଥାଏ । ଏହାକୁ ସାଲାଡ୍ ଭାବେ ଖାଇଲେ ଶରୀର ସତେଜ ରହେ । ପାଣିଜାତୀୟ ଫଳ ହୋଇଥିବାରୁ ଏହାକୁ ଖାଦ୍ୟରେ ସାମିଲ କଲେ ଲାଭ ଦାୟକ ।

**ଲେମ୍ବୁ ପାଣି :** ଗରମରୁ ରକ୍ଷା ପାଇବା ପାଇଁ ଲେମ୍ବୁ ପାଣି ଏକ ଉତ୍କୃଷ୍ଟ ପାନୀୟ । ଏହା ଶରୀରକୁ ଭିଟାମିନ୍-ସି ଯୋଗାଇବା ସହ ଶକ୍ତି ଦେଇଥାଏ ।

**ପଇଡ ପାଣି :** ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ ଶରୀରରେ ଜଳୀୟ ଅଂଶର ସନ୍ତୁଳନ ରକ୍ଷା କରେ । ସକାଳୁ ଏହାକୁ ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ।

**ସବୁଜ ପନିପରିବା :** ତେବେ ଖରାଦିନେ ମିଳୁଥିବା ଅନେକ ପରିବା ଆମ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ପୋଟଳ, ଜହ୍ନି, ଲାଉ ଏବଂ ଶାଗ ଭଳି ପନିପରିବା ଖାଆନ୍ତୁ ଯେଉଁଥିରେ ପାଣିର ଅଂଶ ଅଧିକ ଥାଏ । ଏଗୁଡିକ ସହଜରେ ହଜମ ହୋଇଥାଏ, ତେଣୁ ଏହା ପେଟ ପାଇଁ ଲାଭ ଦାୟକ ହୋଇଥାଏ ।

# ବେକରେ ଟାଣିଲେ ବସ୍

କ୍ୟାରିବିୟାନ୍ ଦେଶ ଅରୁବାର ୪୯ ବର୍ଷୀୟ ଆଥଲେଟ୍ ଏଗମୋଣ୍ଡ ମୋଲିନା ନିଜ ବେକ ସାହାଯ୍ୟରେ ଏକ ବିଶାଳ ବସ୍ ଟାଣି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ସେ ପ୍ରାୟ ୯ ହଜାର କିଲୋଗ୍ରାମ ଓଜନର ଏହି ବସକୁ ୬୫ ଫୁଟରୁ ଅଧିକ ଦୂରତା ପର୍ଯ୍ୟନ୍ତ ଟାଣି ନେଇଥିଲେ, ଯାହାକୁ ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ଆଧିକାରିକ ଭାବେ ସ୍ୱୀକୃତି ପ୍ରଦାନ କରିଛି । ଏହି ପ୍ରକ୍ରିୟାରେ ସେ ୟୁକ୍ରେନର ଦିମିତ୍ରୋ ହୁନସ୍କିଙ୍କ ପୂର୍ବ ରେକର୍ଡ (୮ ହଜାର କିଲୋର ଗାଡ଼ି)କୁ ଭାଙ୍ଗିଛନ୍ତି । ମୋଲିନାଙ୍କ ଅନୁଯାୟୀ, ଏହି ଷ୍ଟଣ୍ଟ ସମୟରେ ଦଉଡ଼ିଟି ତାଙ୍କ ବେକ ଏବଂ ଶ୍ୱାସନଳୀ ଉପରେ ପ୍ରବଳ ଚାପ ପକାଉଥିଲା, ଯେଉଁଥିପାଇଁ ଶାରୀରିକ ଶକ୍ତି ପ୍ରୟୋଗ କରିବା ସହ ନିଜ ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରିବା ସବୁଠାରୁ କଷ୍ଟକର ଥିଲା । ଏହା କେବଳ ଶାରୀରିକ ଶକ୍ତି ନୁହେଁ ବରଂ ମାନସିକ ସନ୍ତୁଳନର ମଧ୍ୟ ଏକ କଠିନ ପରୀକ୍ଷା ଥିଲା । ସୂଚନାଯୋଗ୍ୟ ଯେ, ମୋଲିନା ପୂର୍ବରୁ ଗୋଟିଏ ଆଙ୍ଗୁଠିରେ ବସ୍ ଟାଣିବା ଏବଂ ଦାନ୍ତରେ ଟ୍ରାମ୍ ଟାଣିବା ଭଳି ଅନେକ ଆଶ୍ଚର୍ଯ୍ୟଜନକ ଗିନିଜ୍ ରେକର୍ଡ ନିଜନାମରେ କରିସାରିଛନ୍ତ ।




# ଚିତ୍ର ଆଙ୍କୁଛି ମୂଷା



ସୋସିଆଲ ମିଡିଆରେ ବର୍ତ୍ତମାନ ଏକ ପୋଷା ମୂଷା ନିଜର ଅଦ୍ଭୁତ ପେଣ୍ଟିଂ ଶୈଳୀ ପାଇଁ ବେଶ୍ ଭାଇରାଲ୍ ହେବାରେ ଲାଗିଛି, ଯାହାକୁ ଲୋକମାନେ ଶ୍ରଦ୍ଧାରେ 'ମାଉସ୍ ପିକାସୋ' ବୋଲି କହୁଛନ୍ତି । ଏହି କୁନି ମୂଷାଟି କାନଭାସ ଉପରେ ରଙ୍ଗ ସହିତ ବୁଲୁଥିବା ବେଳେ ଅତି ସୁନ୍ଦର ଚିତ୍ରମାନ ତିଆରି କରୁଥିବାର ଭିଡିଓ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ତା'ର ଏହି କାର୍ଯ୍ୟକଳାପ ଏତେ ସଠିକ୍ ଏବଂ କ୍ୟୁଟ୍ ଯେ ଅନେକ ୟୁଜର୍ସ ତାକୁ ଜଣେ 'ଅସଲି ଆର୍ଟିଷ୍ଟ' ବୋଲି କହିବା ଆରମ୍ଭ କଲେଣି । ଏହି ଭିଡିଓଗୁଡ଼ିକୁ ଦେଖି ଲୋକମାନେ ଖୁସି ହେବା ସହ ମଜାଳିଆ ଢଙ୍ଗରେ ମତ ଦେଉଛନ୍ତି । ଜଣେ କୁନି ଜୀବର ଏଭଳି ସୃଜନଶୀଳ କାମକୁ ଦେଖିବାକୁ ମିଳୁଥିବାରୁ ଏହି କ୍ଲିପ୍ ଗୁଡ଼ିକ ଇଣ୍ଟରନେଟରେ ଖୁବ୍ ଦ୍ରୁତ ଗତିରେ ଭାଇରାଲ୍ ହେଉଛି । ତେବେ କିଛି ଲୋକ ଏହାକୁ ଏଆଇ ଭିଡିଓ ବୋଲି ମଧ୍ୟ ମତ ଦେଉଛନ୍ତି ।

# ରିଦ୍ଧିମାଙ୍କୁ ପ୍ରଶଂସା



ଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ ନିକଟରେ ଚଳଚ୍ଚିତ୍ର 'ଦାଦି କି ଶାଦି'ର ଏକ ସ୍ପେଶାଲ ସ୍କ୍ରିନିଂରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଫିଲ୍ମର ଷ୍ଟାରକାଷ୍ଟଙ୍କୁ ଆମିର ଭୂୟସୀ ପ୍ରଶଂସା କରିଥିବା ଦେଖିବାକୁ ମିଳିଥିଲା । ବିଶେଷକରି ଋଷି କପୁରଙ୍କ ଝିଅ ତଥା ଅଭିନେତ୍ରୀ ରିଦ୍ଧିମା କପୁରଙ୍କର ଆମିର ପ୍ରଶଂସା କରୁଥିବା ଏଠାରେ ଦେଖିବାକୁ ମିଳିଥିଲା । ରିଦ୍ଧିମା କପୁର ନିଜର ଡେବ୍ୟୁ ଫିଲ୍ମରେ ନିଜ ଭାଇ ରଣବୀର କପୁରଙ୍କ ଅପେକ୍ଷା ଅଧିକ ଚମତ୍କାର ଅଭିନୟ କରିଛନ୍ତି ବୋଲି ଆମିର ମତ ଦେଇଥିଲେ । ସୂଚନା ଅନୁସାରେ ଆମିରଙ୍କ ଭଉଣୀ ନିଖତ ଖାନ ମଧ୍ୟ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବାରୁ ସେ ନିଜ ବାସଭବନରେ ଏହି ସ୍କ୍ରିନିଂ ଓ ଡିନରର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୀତୁ କପୁର, କପିଲ ଶର୍ମା, ସାଦିଆ ଖତିବ ଏବଂ ନିର୍ଦ୍ଦେଶକ ଆଶିଷ ଆର ମୋହନଙ୍କ ସମେତ ପୂରା ଟିମ୍ ଉପସ୍ଥିତ ଥିଲେ । ମେ ୮ ତାରିଖରେ ମୁକ୍ତିଲାଭ କରିଥିବା ଏହି ସିନେମାକୁ ନେଇ ଆମିର ବେଶ ଉତ୍ସାହିତ ଥିବାବେଳେ ସେ ଏହାକୁ ଏକ କମେଡି ସହିତ ଏକ ସୁନ୍ଦର ପାରିବାରିକ ଫିଲ୍ମ ଭାବେ ବର୍ଣ୍ଣନା କରିଛନ୍ତି । ପୁରା ଟିମର କାମକୁ ଆମିର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ଆଶିଷ ଆର ମୋହନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟିର କାହାଣୀ ସମସ୍ତ ବର୍ଗର ଦର୍ଶକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ୟାକେଜ୍ ବୋଲି ମେକର୍ସ ଆଶା ରଖିଛନ୍ତି ।

# ରୋବଟର ବିମାନଯାତ୍ରା

ଆମେରିକାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି, ଯେଉଁଠାରେ ଜଣେ 'ହ୍ୟୁମାନଏଡ୍ ରୋବୋଟ୍' ଯାତ୍ରା କରୁଥିବା କାରଣରୁ ଏକ ବିମାନ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହୋଇଥିଲା । 'ବିବପ୍' ନାମକ ଏହି ୪ ଫୁଟ ଲମ୍ବା ଏବଂ ୩୨ କିଲୋ ଓଜନର ରୋବୋଟ୍ ପାଇଁ ସ୍ୱତନ୍ତ୍ର ଭାବେ ଟିକେଟ୍ କିଣାଯାଇଥିଲା, କିନ୍ତୁ ବିମାନ ଭିତରେ ବସିବା ପରେ ସୁରକ୍ଷା ନିୟମକୁ ନେଇ ସମସ୍ୟା ଉପୁଜିଥିଲା । ପ୍ରଥମେ ରୋବୋଟକୁ ପାସେଞ୍ଜର କରିଡର ସିଟ୍‌ରେ ବସାଯାଇଥିଲା, ମାତ୍ର ପରେ ନିୟମ ଅନୁସାରେ ତାକୁ ୱିଣ୍ଡୋ ସିଟ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ବିମାନ କର୍ମଚାରୀମାନେ ରୋବୋଟର ବ୍ୟାଟେରୀ ଯାଞ୍ଚ କରିବାରୁ ଜଣାପଡିଥିଲା ଯେ, ଏଥିରେ ଲାଗିଥିବା ଲିଥିୟମ୍ ବ୍ୟାଟେରୀ ଏୟାରଲାଇନ୍ସର ନିର୍ଦ୍ଧାରିତ ସୀମାଠାରୁ ବଡ଼ ଥିଲା । ଶେଷରେ ବ୍ୟାଟେରୀ ବାହାର କରାଯିବା ପରେ ହିଁ ବିମାନକୁ ଉଡ଼ାଣ ପାଇଁ ଅନୁମତି ମିଳିଥିଲା । 'ଏଲିଟ୍ ଇଭେଣ୍ଟ ରୋବୋଟିକ୍ସ' କମ୍ପାନୀ ଦ୍ୱାରା ବ୍ୟବହୃତ ଏହି ରୋବୋଟକୁ କାଲିଫର୍ଣ୍ଣିଆର ଓକଲାଣ୍ଡରୁ ସାନ୍ ଡିଏଗୋ ନିଆଯାଉଥିଲା, ଯେଉଁଥିପାଇଁ ଅନ୍ୟ ସାଧାରଣ ଯାତ୍ରୀଙ୍କୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥିଲା ।




## ଇତିହାସ

୧୭୬୬ - ଜନ୍ ବର୍ନ ଦୁନିଆ ଗସ୍ତ କରି ବ୍ରିଟେନ ଫେରିଥିଲେ ।

୧୭୯୮- ଓରଲେଟ୍ ହିଲ୍ ଯୁଦ୍ଧ ଆୟରଲାଣ୍ଡରେ ହୋଇଥିଲା ।

୧୯୦୧- ମେଲବର୍ଣ୍ଣରେ ପ୍ରଥମ ଅଷ୍ଟ୍ରେଲୀୟ ସଂସଦର ସ୍ଥାପନା ।

୧୯୪୭- ବିଶ୍ୱବ୍ୟାଙ୍କ ନିଜର ପ୍ରଥମ ଋଣ ଫ୍ରାନ୍ସକୁ ଦେଇଥିଲା ।

୧୯୭୯- ସାଲେୱୋଡୋରୋନ୍ ସିଭିଲ୍ ୱାରର ଆରମ୍ଭ ।

୨୦୦୬-ୟୁରୋପୀୟ ଦେଶ ଏଷ୍ଟୋନିଆରେ ୟୁରୋପୀୟ ସମ୍ବିଧାନର ଅନୁମୋଦନ ।



**ମେଷ:** ଶାରୀରିକ ଅସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ସ୍ନେହ ମିଳିବ, ବନ୍ଧୁ ଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁସମାଚାର, ଚୁକ୍ତି ସମ୍ପାଦନ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଯାତ୍ରାରେ ସତର୍କ, ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ଚେକ୍, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

**ବୃଷ:** ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁ ଲାଭ, ଦୂର ଯାତ୍ରା, ଉଚ୍ଚକାର୍ଯ୍ୟରେ ବିଳମ୍ବ, ଶାରୀରିକ ଅସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ସ୍ୱଜନେ ବିବାଦ, ବାହ୍ୟଶତ୍ରୁ ପରାଜିତ, ସନ୍ତାନ ଖୁସି, ପାରିବାରିକ ସହଯୋଗ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**ମିଥୁନ:** ଅର୍ଥ ଲାଭ, ଶୁଭ ଖବର, ନୂତନ ବନ୍ଧୁ ଲାଭ, ଭୂସମ୍ପତ୍ତି ଲାଭ, ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, ଗୃହେ ଶତ୍ରୁକଷ୍ଟ, କର୍ମକ୍ଷେତ୍ରରେ ପ୍ରଶଂସା, ଦେବକାର୍ଯ୍ୟ ଲାଗି ସନ୍ତୁଷ୍ଟ, ଶାରୀରିକ ସୁସ୍ଥ । ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭ ଖବର, ଲୋକସମ୍ପର୍କ ବୃଦ୍ଧି, ବିବାଦ ସମାଧାନ, ଉଚ୍ଚ କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ଶାରୀରିକ ସୁସ୍ଥ, ସନ୍ତାନ ସମସ୍ୟା, ଜମିଜମା ଗଣ୍ଡଗୋଳ, ବ୍ୟକ୍ତି ସହାୟତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଯାତ୍ରାରେ କଷ୍ଟ, ଶାରୀରିକ ଅସୁସ୍ଥ, ସନ୍ତାନ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ବନ୍ଧୁ କଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, ଥକାପଣ, ଅର୍ଥ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟା ଲାଭ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ଶୁଭ କାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି, ଅର୍ଥ ଲାଭ, ଦେବକାର୍ଯ୍ୟରେ ଆନନ୍ଦ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂର ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବୟଜ୍ୟେଷ୍ଠଙ୍କ ପ୍ରତି କଷ୍ଟ, ବିଦ୍ୟା ଲାଭ । ଉତ୍ତରାଫାଲ୍ଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ବନ୍ଧୁ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ, ନୂତନ ଯୋଜନା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି, ଦୂର ଯାତ୍ରା, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚ ଆଶା ସଫଳ, ସୁସମାଚାର, ଦ୍ରବ୍ୟ ଲାଭ, ଯାନବାହନ କ୍ରୟ, ପାରିବାରିକ ଖୁସି, ବିଦ୍ୟାରେ ସଫଳତା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ପ୍ରତିକାର- ଗୋସେବା ।

**ବିଛା:** ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ବିମୁଖ, ଅନୁଷ୍ଠାନରୁ ଲାଭ, ଦୂର ଯାତ୍ରାରେ ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା ବନ୍ଧୁ ସହଯୋଗ, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶା ପୂର୍ଣ୍ଣ, ଦାମ୍ପତ୍ୟ ଖୁସି, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ନୂତନ କର୍ମ ଲାଭ, ଆର୍ଥିକ କଷ୍ଟ, ଶତ୍ରୁ ପରାଜିତ, ସନ୍ତାନ ଲାଭ, ବିଦ୍ୟାରେ ସଫଳତା, ଦୂର ଯାତ୍ରାରେ ଲାଭ, ସମ୍ପତ୍ତି ଲାଭ, ନୂତନ ବନ୍ଧୁ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ପ୍ରଶଂସା, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଯାତ୍ରାରେ କଷ୍ଟ, ହଠାତ୍ ଧନ ଲାଭ, ଗୁରୁଜନେ ପ୍ରଶଂସା, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବିଦ୍ୟାରେ ସଫଳତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**କୁମ୍ଭ:** ଧର୍ମ କାର୍ଯ୍ୟରେ ଯୋଗଦାନ, ମାନସିକ ଶାନ୍ତି, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ବୃଦ୍ଧି, ଆଶା ସଫଳ, ଶାରୀରିକ ସୁସ୍ଥ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୧, ଆରାଧନା- ଭଗବାନ ଶଙ୍କର ।

**ମୀନ:** ଆର୍ଥିକ ଖୁସି, କିଛି ସମସ୍ୟାର ସମାଧାନ, ବନ୍ଧୁ ଲାଭ, ଉଚ୍ଚ ଆଶାରେ କଷ୍ଟ, ଭାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥି ଲାଭ, ଶାରୀରିକ ସୁସ୍ଥ, ଶୁଭ ଖବର, ବନ୍ଧୁ ଗୃହେ ଯାତ୍ରା, ପିଲାଙ୍କ ସଫଳତା । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା'ଗୌରୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ, ସପ୍ତମୀ**
**୯.୫.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଅଙ୍ଗନବାଡ଼ି କେନ୍ଦ୍ରର ବିକାଶ ପ୍ରକ୍ରିୟାରେ ତଦାରଖ କର

# ରାଜ୍ୟର ସମସ୍ତ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ମହିଳା ଓ ଶିଶୁ ବିକାଶ ଧାରାକୁ ଅଧିକ ବ୍ୟାପକ କରିବା ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟର ସମସ୍ତ ବିଧାୟକଙ୍କୁ ପତ୍ର ଲେଖିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଭାବରେ ସେ ନିର୍ବାଚନମଣ୍ଡଳୀଗୁଡ଼ିକରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଓ ଏହାର ବିକାଶ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବାକୁ ସମସ୍ତ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି । ବିଶେଷ କରି ନିଜ ନିଜର



ନିର୍ବାଚନମଣ୍ଡଳୀରେ ଚାଲୁଥିବା କାର୍ଯ୍ୟରେ ମହିଳାମାନଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ଉପରେ ସେ ଏହି ଚିଠିରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀମତୀ ପରିଡ଼ା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ବିକାଶ ଓ ନିର୍ମାଣ କାର୍ଯ୍ୟ ଯେପରି ସମୟାନୁବର୍ତ୍ତୀ ଏବଂ ଗୁଣାତ୍ମକ ଭାବେ ସମାପ୍ତ ହୁଏ, ସେଥିପାଇଁ ବିଧାୟକମାନେ ନିଜ ସ୍ତରରେ ତଦାରଖ କରିବା ଆବଶ୍ୟକ । ସୂଚନାଯୋଗ୍ୟଯେ, ଆର୍ଥିକ ବର୍ଷ ୨୦୨୪-୨୫ ଏବଂ ୨୦୨୫-୨୬ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ଭିତ୍ତିଭୂମି ସୁଦୃଢ଼ୀକରଣ ପଦକ୍ଷେପ ଅଧୀନରେ ସମୁଦାୟ ୩,୨୯୩ଟି ନୂତନ ଅଙ୍ଗନବାଡ଼ି ଗୃହ ଉଦଘାଟିତ ହୋଇ ହସ୍ତାନ୍ତର ହୋଇଥିବା ବେଳେ ଆଇସିଡିଏସ୍ ଯୋଜନା ଅଧୀନରେ ଓଡ଼ିଶାର ୧୨,୧୪୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯାଇଛି ।

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ : ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ) : କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଅ, କଂସର, ବାଉଁଶ ଟଙ୍ଗୋର,ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା , ଜିଲ୍ଲା ମୋବାଇଲୟୁନିଟ୍, ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନ ବିଭାଗ ସହିତ ଏକ ମିଳିତ ଚଡାଉ କରାଯାଇଥିଲା ।

## ୨୨ ବର୍ଷ ଜେଲ୍ କଟାଇବା ପରେ ସୁପ୍ରିମକୋର୍ଟ ଅଭିଯୁକ୍ତଙ୍କୁ ଜାମିନ୍ ରେ ଛାଡ଼ିବାକୁ ଦେଲେ ନିର୍ଦ୍ଦେଶ

କଟକ, (ସବ୍ୟୁ): ଜଣେ କଏଦୀ ଜେଲରୁ ରହି ନିଜେ ପାଇଥିବା ଦଣ୍ଡାଦେଶ ବିରୋଧରେ ପ୍ରାୟ ୯ବର୍ଷ ପରେ ଅପିଲ୍ କରିଥିବାବେଳେ ଓଡ଼ିଶା ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲେ । ହାଇକୋର୍ଟଙ୍କ ଏଭଳି ଆଦେଶକୁ ନେଇ ସର୍ବୋଚ୍ଚ ଅଦାଲତ ତୀବ୍ର ସମାଲୋଚନା କରିଛନ୍ତି । ସୁପ୍ରିମକୋର୍ଟ ଏଭଳି ଆଦେଶକୁ 'ଅତ୍ୟନ୍ତ ବିବ୍ରତକର' ବୋଲି କହିବା ସହ ଦୀର୍ଘ ୨୨ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗୁଥିବା ଜଣେ ଆବେଦନକାରୀ କଏଦୀଙ୍କୁ ଜାମିନ ପ୍ରଦାନ କରିଛନ୍ତି । ୨୨ବର୍ଷ ମଧ୍ୟରେ ଥରେ ବି ଏହି ଆସାମୀ ଜେଲରୁ ଜାମିନ୍‌ରେ ବାହାରି ନାହାନ୍ତି। ସୁପ୍ରିମକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ କେବଳ ବିଳମ୍ବ ଆଧାରରେ ଅପିଲ ଖାରଜ କରିବା ଠିକ ହୋଇନଥିଲା । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ଅର୍ଜୁନ ଜାନି ଓରଫ ଟୁନଟୁନଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି । ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଜେ.ବି. ପଦିଓ୍ୱାଲା ଏବଂ ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ନବରଙ୍ଗପୁର ଜିଲ୍ଲାର ଅର୍ଜୁନ ଜାନିଙ୍କୁ ୨୦୦୪ ମସିହାରେ ଏକ ହତ୍ୟା ମାମଲାରେ ଗିରଫ କରାଯାଇଥିଲା । ୨୦୦୬ ଅଗଷ୍ଟ ୨୫ ତାରିଖରେ ନବରଙ୍ଗପୁର ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ସେବେଠାରୁ ସେ କୋରାପୁଟ ସର୍କଲ ଜେଲ୍‌ରେ ବନ୍ଦୀ ଅଛନ୍ତି । ଅର୍ଜୁନ ଜାନି ଜେଲ୍‌ରୁ ନିଜର ଦଣ୍ଡାଦେଶ ବିରୋଧରେ ଓଡ଼ିଶା ହାଇକୋର୍ଟରେ ଅପିଲ୍ କରିଥିଲେ । ୩୧୫୭ ଦିନ ଅର୍ଥାତ ପ୍ରାୟ ୯ ବର୍ଷ ବିଳମ୍ବରେ ସେ ଏହି ଆବେଦନ କରିଥିଲେ। ୨୦୧୬ ମସିହା ଜାନୁଆରୀ ୧୧ରେ ହାଇକୋର୍ଟ କୌଣସି ଯଥାର୍ଥ କାରଣ ନାହିଁ କହି ଏହି ଆବେଦନକୁ ଖାରଜ କରିଦେଇଥିଲେ। ସୁପ୍ରିମ୍‌କୋର୍ଟ ଏହାକୁ ଏକ 'ବିବ୍ରତକର' ଆଦେଶ ବୋଲି ଅଭିହିତ କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଜଣେ କଏଦୀ ଜେଲରୁ ଅପିଲ୍ କରୁଥିବା ବେଳେ ହାଇକୋର୍ଟ ଏକ ସହାନୁଭୂତିପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ୍ ଥିଲା । ଅନ୍ୟପକ୍ଷରେ ଜେଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ଆଚରଣପତ୍ରରେ କୁହାଯାଇଛି ଯେ କଏଦୀଙ୍କ ଆଚରଣ ସନ୍ତୋଷଜନକ ରହିଛି। ଏହାକୁ ଆଧାର କରି ସୁପ୍ରିମ୍‌କୋର୍ଟ ବିଶେଷ କ୍ଷମତା ବ୍ୟବହାର କରି ଅର୍ଜୁନଙ୍କୁ ୧୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଜାମିନରେ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅର୍ଜୁନଙ୍କୁ ତାଙ୍କର ଦଣ୍ଡ କୋହଳ ପାଇଁ ଆବେଦନ କରିବାରେ ସାହାଯ୍ୟ କରିବାକୁ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଭାରତର ପ୍ରଥମ 'ଟିଜେକେ ସୁପରଫ୍ଲେକ୍ସ ୱେଲ୍ଡମେସ' ଲାଇନର ଶୁଭାରମ୍ଭ

କଟକ, (ସବ୍ୟୁ): ଇସ୍ପାତ ପ୍ରକ୍ରିୟାକରଣ ଓ ଆଧୁନିକ ନିର୍ମାଣ ଶୈଳୀ କ୍ଷେତ୍ରରେ ଓଡ଼ିଶା ଆଜି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଟାଟା ଷ୍ଟିଲ ସହ ସହଭାଗିତାରେ ସାଗର ବିଜନେସ୍ ଭେଞ୍ଚର୍ସ ଲିମିଟେଡ ପକ୍ଷରୁ ଟାଙ୍ଗୀସ୍ଥିତ କାରଖାନା ପରିସରରେ ଭାରତର ପ୍ରଥମ 'ଟିଜେକେ ସୁପରଫ୍ଲେକ୍ସ ୱେଲ୍ଡମେସ' (ତାର ଜାଲି) ମାନୁଫ୍ୟାକ୍‌ଚରିଂ ଲାଇନର ଉଦ୍‌ଘାଟନ କରାଯାଇଛି। ଆନ୍ତର୍ଜାତୀୟ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏହି ପ୍ରକଳ୍ପ ଭାରତର ଭିତ୍ତିଭୂମି ଓ ବୃହତ ନିର୍ମାଣ କାର୍ଯ୍ୟରେ ଦକ୍ଷତା ବୃଦ୍ଧି କରିବା ସହ ଏକ ନୂତନ ଯୁଗର ସୂତ୍ରପାତ କରିଛି। ଏହି ନୂତନ ସୁପରଫ୍ଲେକ୍ସ ୱେଲ୍ଡମେସ ଲାଇନ ୩.୩ ମିଟର ପର୍ଯ୍ୟନ୍ତ ଚଉଡାର ତାର ଜାଲି ଉତ୍ପାଦନ କରିବାକୁ ସକ୍ଷମ, ଯାହା ପୂର୍ବରୁ ମାତ୍ର ୨.୪ ମିଟର ମଧ୍ୟରେ ସୀମିତ ଥିଲା। ଏହି ଜ୍ଞାନକୌଶଳ ଦ୍ୱାରା ଆବାସିକ ଓ ବାଣିଜ୍ୟିକ ପ୍ରକଳ୍ପଗୁଡ଼ିକରେ ଆରସିସି ୱାଲ୍ ନିର୍ମାଣ କାର୍ଯ୍ୟ ଅଧିକ ସହଜ ହେବ। ଏହି ଫ୍ୟାସିଲିଟିର ମାସିକ ଉତ୍ପାଦନ କ୍ଷମତା ୧୦୦୦ ଏମ୍‌ଟି ରହିଛି, ଯାହା ଶ୍ରମ ନିର୍ଭରତା ହ୍ରାସ କରିବା ସହ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣରେ ସଠିକତା ପ୍ରଦାନ କରିବ। ଉଦ୍‌ଘାଟନୀ ଉତ୍ସବରେ ଟାଟା ଷ୍ଟିଲର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ ଆଶିଷ ଅନୁପମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ଛାତରୁ ପଡ଼ି ଶ୍ରମିକର ମୃତ୍ୟୁ

କଟକ,(ସବ୍ୟୁ): ଲାଲବାଗ ଥାନା ଅନ୍ତର୍ଗତ ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ନିର୍ମାଣାଧିନ ବିଲ୍ଡିଂ ଛାତରୁ ଖସିପଡ଼ି ଆଜି ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ଆମିନୁଲ୍ ଇସଲାମ୍(୨୦) । ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଅନ୍ୟ ଶ୍ରମିକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆମିନୁଲଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବବ୍ୟବଚ୍ଛେଦ ଗୃହରେ ଆମିନୁଲ୍‌ଙ୍କ ଶବ ରଖାଯାଇଥିବା ବେଳେ ଆସନ୍ତା କାଲି ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି ।ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଏକ ଠିକାଦାର ସଂସ୍ଥା କରୁଛି ।

## ଦାଦା ବଟି ଆଦାୟ , ୩ ଗିରଫ,କଟୁରି ଓ ଚାପଡ଼ ଜବତ

ବାରଙ୍ଗ ,(ସବ୍ୟୁ): ଗୁରୁବାର ରାତିରେ ପଥଚାରୀମାନଙ୍କୁ କଟୁରୀ ଓ ଚାପଡ଼ ଦେଖାଇ ମାରିଦେବାକୁ ଭୟ ଦେଇ ଦାଦା ଚାନ୍ଦା ଆଦାୟ କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି ।ସିଏ ହେଲେ ଚନ୍ଦକା ଥାନା ଅଧୀନସ୍ଥ ଦାରୁଠେଙ୍ଗ ଗ୍ରାମର ସନ୍ତୋଷ ପାହାଡ ସିଂ ଓରଫ ଖୋବା ଓ ଗୋବିନ୍ଦ ସାହୁ, ବାରଙ୍ଗ ଥାନା ଅଧୀନସ୍ଥ ତ୍ରିଶୁଳିଆ ଗ୍ରାମର ସନ୍ତୋଷ ସାମଲ ।ସେମାନଙ୍କ ଠାରୁ ପୋଲିସ ୧କଟୁରୀ ଓ ୨ ଚାପଡ ଜବତ କରିଛି । ପ୍ରକାଶଯେ, ଗୁରୁବାର ରାତିରେ ଖୋବା ଓ ଗୋବିନ୍ଦ ସାହୁ ଓ ସନ୍ତୋଷ ସାମଲ ପଥଚାରୀ ଏବଂ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ମାରଣାସ୍ତ୍ର ଦେଖାଇ ବେଆଇନ ଭାବେ ସୀତାରାମ ବଜାର ମୁଣ୍ଡିଆ ପାଖରେ ଦାଦାବଟି ଆଦାୟ କରୁଥିଲେ ।ଏହି ଖବର ଚନ୍ଦକା ଆଇ ଆଇସି ସମିତା ମିଶ୍ରଙ୍କ ପାଖରେ ପହଞ୍ଚିଥିଲା ।ଆଇଆଇସିଙ୍କ ନିର୍ଦ୍ଦେଶ ମୁତାବକ ପୋଲିସର ଏକ ଦଳ ଆସି ଘଟଣାର ଅନୁଧ୍ୟାନ କରିବା ବେଳେ ବାରଙ୍ଗ - ଚନ୍ଦକାର ୨୦୦ ଫୁଟିଆ ରାସ୍ତାରେ ସେମାନଙ୍କୁ ଠାବ କରିବା ସହ ଗିରଫ କରିଥିଲା ।

### ରାଜ୍ୟସ୍ତରୀୟ ସମୀକ୍ଷା: ସାମାଜିକ କଲ୍ୟାଣ ପାଇଁ

# କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେଲେ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ଅଧିକରୁ ଅଧିକ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ ସଚେତନତା ଶିବିର ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ଯଥା : ଜାତୀୟ ତଥା ରାଜ୍ୟ ଭତ୍ତା କିଛି ନୂଆ ଡିଜିଟାଲ୍ ପଦକ୍ଷେପର ପ୍ରଦର୍ଶନ କରାଯାଇଥିଲା । ଏଥିରେ ସିସିଟିଭି କ୍ଲାଉଡ୍ କମ୍ପ୍ୟୁଟିଂ, ଉପସ୍ଥାନ ପରିଚାଳନା ଏବଂ ଜେଡ଼ଓଏଚ୍‌ଓ ଆପ୍ ର ବ୍ୟବହାର ବିଷୟରେ ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଥିଲା। ଏହା ସହିତ ସାମାଜିକ ଗଣମାଧ୍ୟମ ମାଧ୍ୟମରେ




ଚାଲିଥିବା ବିଭିନ୍ନ ସାମାଜିକ ସୁରକ୍ଷା ଓ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ପରଖିବା ପାଇଁ ଏହି ବୈଠକ ଆୟୋଜନ କରାଯାଇଥିଲା। ବୈଠକର ମୁଖ୍ୟ ଆଲୋଚନାରେ ହିତାଧିକାରୀଙ୍କୁ ସଠିକ୍ ଭାବେ ଚିହ୍ନଟ କରିବା, ସମୟ ଅନୁସାରେ ସହାୟତା ପ୍ରଦାନ କରିବା ଏବଂ ଅଭିଯୋଗର ତୁରନ୍ତ ସମାଧାନ କରିବା ଉପରେ ପ୍ରମୁଖ ସଚିବ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲା ଯୋଜନାରେ ଖାଲିଥିବା ସ୍ଥାନ ପୂରଣ।ଭିନ୍ନକ୍ଷମଙ୍କ ପାଇଁ ଥିବା ବିବାହ ପ୍ରୋତ୍ସାହନ ଯୋଜନା ଏବଂ ବନିଶ୍ରୀ ବୃତ୍ତିର ବକେୟା କାର୍ଯ୍ୟ। ଭିନ୍ନକ୍ଷମ ପରିଚୟ ପତ୍ର ଏବଂ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ସମସ୍ୟା ସମାଧାନ।ବୃଦ୍ଧାଶ୍ରମ, ଭିନ୍ନକ୍ଷମଙ୍କ ପାଇଁ ସମନ୍ୱିତ ପରିସର ଏବଂ ଭିକ୍ଷୁକ ପୁନର୍ବାସ କେନ୍ଦ୍ରଗୁଡ଼ିକର ସ୍ଥିତି। ବୈଠକରେ ଆଇଟି ସେଲ୍ ପକ୍ଷରୁ କିଭଳି ଜନସାଧାରଣଙ୍କୁ ସଚେତନ କରାଯାଇପାରିବ, ସେ ନେଇ ଏକ ପ୍ରଶିକ୍ଷଣ ଶିବିର ମଧ୍ୟ ହୋଇଥିଲା। ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶିକା ପାରୁଲ ପାଟୱାରୀ, ସ୍ୱତନ୍ତ୍ର ସଚିବ ରଜନୀ ଜାନୀ, ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ସଚିବ ଦୀପକ ରାଉତରାୟ, ସୋନିଆ ବେହେରା ଏବଂ ବିଭିନ୍ନ ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।

### ବର୍ଷାଋତୁ ପାଇଁ ବିଏମ୍‌ସିର ପ୍ରସ୍ତୁତି

# ଡ୍ରେନରୁ ବାହାରୁଥିବା ପଙ୍କ ୨୪ ଘଣ୍ଟାରେ ସ୍ଥାନାନ୍ତର କର

ଭୁବନେଶ୍ୱର(ସବ୍ୟୁ): ବର୍ଷା ଋତୁ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆସନ୍ତା ବର୍ଷାଋତୁ ପାଇଁ ସମସ୍ତ ଉପବିଭାଗୀୟ ଅଧିକାରୀ ଓ ବିଭିନ୍ନ ସଂଯୁକ୍ତ ବିଭାଗ ସଜାଗ ରହିବା ସହ ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ସମସ୍ତ ଡ୍ରେନର ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏବେଠାରୁ ଗଛର ଡାଳଗୁଡ଼ିକୁ କାଟିବା ପାଇଁ ବିଏମ୍‌ସିକୁ କୁହାଯିବା ସହ ଏହି କାର୍ଯ୍ୟରେ ଆବଶ୍ୟକସ୍ଥଳେ ସହାୟତା କରିବା ପାଇଁ ଅଗ୍ନିଶମ ବିଭାଗକୁ ସହଯୋଗ ଲୋଡ଼ିଛନ୍ତି ବିଏମସି ମେୟର ସୁଲୋଚନା ଦାସ । ବର୍ଷା ସମୟରେ ପାଣି ଜମି ରହିବାର ସମ୍ଭାବନା ଥିବା ସ୍ଥାନଗୁଡିରେ ପାଣି ପମ୍ପଗୁଡିକର ସର୍ଭିସ କରାଇ ପ୍ରସ୍ତୁତ ରଖିବା ସହ ଟିମ୍‌କୁ ଏବେଠାରୁ ସଜାଗ କରାଇବାକୁ କୁହାଯାଇଛି । ସହରରେ ଥିବା ପ୍ରମୁଖ ଡ୍ରେନଗୁଡିକର କାର୍ଯ୍ୟ ଭଲ ଭାବେ ହେଉ ଏବଂ ସେଥିରୁ ପଙ୍କୋଦ୍ଧାର କରିବା ସହ ଡ୍ରେନ କାନ୍ଥକୁ କିପରି ଗଛଗୁଡିକ କ୍ଷତି ପହଞ୍ଚାଇ ପାରିବେନି, ସେ ବାବଦରେ ପଦକ୍ଷେପ ନିଆଯିବ । ଏପରିକି ଡ୍ରେନ ପାଶ୍ୱର୍ରେ ଥିବା ଯଦି କୌଣସି ଗୃହ ମାଲିକ ପାଚେରୀ ପାଖରେ ଗଛ ଲଗାଇଛନ୍ତି, ସେମାନଙ୍କୁ ନୋଟିସ ଦିଆଯିବ । ଏହି ଅବସରରେ ବର୍ଷା କିମ୍ବା କାଳବୈଶାଖି ସମୟରେ କର୍ପୋରେଟରଙ୍କ ସହ ରହିଛି, ସେଗୁଡିକୁ ତୁରନ୍ତ ସାରିବା ପାଇଁ ବିଭିନ୍ନ ବିଭାଗକୁ ତାଗିଦ କରିଛନ୍ତି କମିଶନର । ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଅତି ବିପଦ ସଂକୁଳ ଅବସ୍ଥାରେ ରହିଛି । ସେଗୁଡିକୁ ତୁରନ୍ତ ପରିବର୍ତ୍ତନ କରିବା ପାଇଁ ଟାଟା ପାଓ୍ୱାରକୁ ନିର୍ଦ୍ଦେଶ




ସଂଯୁକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗଯୋଗ କରିବା ନିମନ୍ତେ ସେମାନଙ୍କର ନାମ ଓ ଫୋନ୍ ନମ୍ବର ସମ୍ବଳିତ ଏକ ତାଲିକା ପ୍ରସ୍ତୁତ କରିବାକୁ ବିଏମସି କମିଶନର ଚଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି । କେବଳ ସେତିକି ନୁହେଁ, ଡ୍ରେନରୁ ବାହାରୁ ଥିବା ପଙ୍କକୁ ୨୪ ଘଣ୍ଟା ମଧ୍ୟରେ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଯେଉଁକାର୍ଯ୍ୟ ଏବେ ଚାଲୁ ଦିଆଯାଇଛି । ଗଛ ଡାଳ କାଟିବା, ବିଦ୍ୟୁତ ଆଲୋକ ଆଦି କାର୍ଯ୍ୟ ତଦାରଖ କରିବା ପାଇଁ ଉଭୟ ବିଏମ୍‌ସି ବିଦ୍ୟୁତ ବିଭାଗ ଏବଂ ଟିପିଡିଓସିଏଲକୁ ନିର୍ଦ୍ଦେଶ ଦେଇଛନ୍ତ କମିଶନର । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଏବଂ ଧନ୍ୟବାଦ ଦେଇଥିଲେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ।




# କାନାଡ଼ା ହାଇକମିଶନରଙ୍କ ନାଲ୍‌କୋ ମୁଖ୍ୟାଳୟ ପରିଦର୍ଶନ




ଭୁବନେଶ୍ୱର, (ସବ୍ୟୁ): ଭାରତରେ ଅବସ୍ଥାପିତ କାନାଡ଼ାର ହାଇକମିଶନର ମହାମହିମ କ୍ରିଷ୍ଟୋଫର କୁଟରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମହାମହିମ କୁଟର ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ପ୍ରଣବଜ୍ୟୋତି ନାଥ, ଭା.ପ୍ର.ସେ, ସିଭିଓ ଙ୍କ ସମେତ କମ୍ପାନୀର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କ୍ରିଟିକାଲ ମିନେରାଲ, ସ୍ଥାୟୀ ସମ୍ବଳ ବିକାଶ ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା କ୍ଷେତ୍ରରେ ରଣନୈତିକ ସହଯୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଖଣି ଏବଂ ଧାତୁ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ନିମନ୍ତେ ମତ ଉପସ୍ଥାପନ କରିଥିଲେ ଏବଂ କାନାଡା-ଭାରତ ଅର୍ଥନୈତିକ ଏବଂ ଶିଳ୍ପ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦୀର୍ଘକାଳୀନ ସମ୍ପର୍କ ପାଇଁ ସମ୍ଭାବ୍ୟ ମାର୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ମହାମହିମ କ୍ରିଷ୍ଟୋଫର କୁଟରଙ୍କ ସହିତ ତାଙ୍କ ଧର୍ମପତ୍ନୀ, ଶ୍ରୀମତୀ କରେନ ଜୋଆନ ବ୍ଲୁମେନ୍ସଚେନ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିନିଧି ମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କାନାଡା ହାଇ କମିଶନ କାର୍ଯ୍ୟାଳୟର ଶ୍ରୀ ଅର୍ଜୁନ କୁମାର ଦତ୍ତ, ବାଣିଜ୍ୟ କମିଶନର ଏବଂ ରୋହିତ ଶୁକ୍ଳା,ରାଜନୈତିକ-ଅର୍ଥନୈତିକ ଏବଂ ଲୋକ ବ୍ୟାପାର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ଦେଶର ଅଧିକ ନିଟ୍ ବୈଦେଶିକ ମୁଦ୍ରା ଅର୍ଜନକାରୀ ଲୋକ ଉଦ୍ୟୋଗ ମଧ୍ୟରୁ ଅନ୍ୟତମ ଏବଂ ଏହା ନିଜର ଗୁଣାତ୍ମକ ଉତ୍ପାଦ ତଥା କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ବିଶ୍ୱ ସ୍ତରରେ ଖ୍ୟାତି ଅର୍ଜନ କରିପାରିଛି। ସୂଚନାଯୋଗ୍ୟ ଯେ, ନାଲକୋ ମଧ୍ୟ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ୍)ର ଏକ ପ୍ରମୁଖ ଅଂଶୀଦାର, ଯାହା ହିନ୍ଦୁସ୍ତାନ କପର ଲିମିଟେଡ୍ (ଏଚସିଏଲ୍) ଏବଂ ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ୍ କନସଲ୍ଟାନ୍ସି ଲିମିଟେଡ୍ (ଏମ୍ଇସିଏଲ୍)କୁ ନେଇ ଗଠିତ ଏକ ମିଳିତ ଉଦ୍ୟମ। ଏହି କମ୍ପାନୀ ବିଶ୍ୱ ସ୍ତରରେ କ୍ରିଟିକାଲ ମିନେରାଲ ଅନୁସନ୍ଧାନ, ଅଧିଗ୍ରହଣ ଏବଂ ବିକାଶ ଦିଗରେ ନିୟୋଜିତ।



## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ୍ ଗଭର୍ଣ୍ଣସ ବୈଠକ

# ନବସୃଜନ ଓ ବିକାଶମୁଖୀ ଗବେଷଣାକୁ ପ୍ରାଧାନ୍ୟ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ୫ମ ପରିଚାଳନା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବୈଠକରେ ପୌରହିତ୍ୟ କରି ବୃତ୍ତିଗତ ଶିକ୍ଷା, ଗବେଷଣା ଓ ନବସୃଜନରେ ଜନସାଧାରଣଙ୍କ ଉନ୍ନତି, ଗ୍ରାମାଞ୍ଚଳର ବିକାଶକୁ ଶିକ୍ଷାନୁଷ୍ଠାନ ସର୍ବଦା ପ୍ରାଧାନ୍ୟ ଦେଇ ଆସିଥିବା ପ୍ରକାଶ କରିଥିଲେ । ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଅଗ୍ରଗତି ଓ ଉତ୍କର୍ଷ ସଂପର୍କରେ ଉଲ୍ଲେଖ କରିଥିଲେ । ଓଡିଶା ବିଧାନସଭା ଦ୍ୱାରା ମନୋନୀତ ସଦସ୍ୟ ବିଧାୟକ ଛବି ମଲ୍ଲିକ ତାଙ୍କ ବକ୍ତବ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ର ସଫଳ ରୂପାୟନରେ ଡ୍ରିମ୍ସ ସଂକଳ୍ପିତ ଆଭିମୁଖ୍ୟ ସ୍ୱାଗତଯୋଗ୍ୟ ବୋଲି ବର୍ଣ୍ଣନା କରି ବିକଶିତ ଓଡିଶା ଓ ବିକଶିତ ଭାରତ ନିର୍ମାଣରେ ଏହାର ସଂପୃକ୍ତି ଦିଗରେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥିଲେ। ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ତାର ପାଠ୍ୟକ୍ରମରେ ଡ୍ରୋନ୍ ଓ ମହାକାଶ ପ୍ରଯୁକ୍ତି ବିଦ୍ୟାକୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ ରଖିଥିବା କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞ ସଦସ୍ୟ ଭାରତୀୟ ବନ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଓ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ସମେତ ଶିକ୍ଷାବିତ୍ ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଯୁକ୍ତିବିଦ୍ ଇଂ ଅଶୋକ କୁମାର ବାସା, ଡ୍ରିମ୍ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ରଂଜନ କୁମାର ଦାସ ଏବଂ ଅଭାସୀ ମାଧ୍ୟମରେ ଶିକ୍ଷାବିତ୍ ପ୍ରଫେସର ଡ. ବିଜୟାନନ୍ଦ ସିଂହ ବୈଠକରେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ସୁଚିନ୍ତିତ ଅଭିମତ ଉପସ୍ଥାପନ କରିଥିଲେ । ପରିଚାଳନା ମଣ୍ଡଳୀର ଅନ୍ୟତମ ସଦସ୍ୟା ଚିନ୍ମୟୀ ରଥ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କର୍ମ ନିଯୋଜନ ସଂକ୍ରାନ୍ତ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, ଡିନ୍ ଡ. ନୟନ ରଂଜନ ସାମଲ, ଶିକ୍ଷାବିତ୍ ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡ. ଆଲୋକ ରଂଜନ ବିଶ୍ୱାଳ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଅର୍ଥ ବିଭାଗର ଅଧିକାରୀ ସୁଦର୍ଶନ ସାହୁ, ପ୍ରସନ୍ନ କୁମାର ସାହୁ , ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି ଗତ ବୈଠକର ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ ।



# ଯୁବକଙ୍କୁ ମରଣାନ୍ତକ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ) : ମନ୍ଦିରରୁ ଠାକୁର ଦର୍ଶନ କରି ଫେରୁଥିବା ଜଣେ ଯୁବକଙ୍କୁ କରାଯାଇଥିବା ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ପ୍ରିୟରଞ୍ଜନ ମାଝୀ ଓରଫ ରିଙ୍କୁ (୩୨) ନାମକ ଅଭିଯୁକ୍ତଙ୍କୁ କେଶ ନମ୍ବର ୨୨୦/୨୬ ଆଧାରରେ ଗିରଫ କରି କୋର୍ଟ କରିଛନ୍ତି କ୍ଷ ପୁଲିସ ସୂଚନା ଅନୁସାରେ ଗତ ୭ ତାରିଖ ଅପରାହ୍ନ ପ୍ରାୟ ୪:୪୫ ଟାରୁ ୫:୦୦ ଟା ମଧ୍ୟରେ ପ୍ରଶାନ୍ତ ମାଝୀ (୩୮) ସାକ୍ଷୀ ଗୋପୀନାଥ ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ସମୟରେ, ଅଭିଯୁକ୍ତ ରିଙ୍କୁ ତାଙ୍କ କିଛି ସହଯୋଗୀଙ୍କ ସହିତ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଏକ କଟୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିବାରୁ ତାଙ୍କ ମୁଣ୍ଡ ଏବଂ ହାତରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଆକ୍ରମଣରେ ଅଭିଯୋଗକାରୀ ତଳେ ପଡ଼ିଯାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ। ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଅପରାଧିକ ଭାବେ ଧମକ ମଧ୍ୟ ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀମାନେ ସେଠାକୁ ଧାଇଁ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ କୁଦିଆରୀ ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ, ଯେଉଁଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା ଏବଂ ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ରିଙ୍କୁ ପୂର୍ବରୁ ଜଟଣୀ ଥାନା ମାମଲା ନଂ ୩୩/୨୦୨୬ ରେ ସମ୍ପୃକ୍ତ ଥିଲେ ଏବଂ ଗାଁରୁ ଫେରାର୍ ଥିଲେ। ଅଭିଯୁକ୍ତ ସନ୍ଦେହ କରୁଥିଲେ ଯେ,ଏକ ବିବାହ ଉତ୍ସବରେ ତାଙ୍କ ଉପସ୍ଥିତି ବିଷୟରେ ଅଭିଯୋଗକାରୀ ପୋଲିସକୁ ସୂଚନା ଦେଇଥିଲେ। ଏହି କାରଣରୁ ରାଗରେ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ କଟୁରୀରେ ଆକ୍ରମଣ କରିଥିଲେ, ଯାହା ଫଳରେ ତାଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଗୁରୁତର ଆଘାତ ଲାଗିଥିଲା। ତେବେ ପୁଲିସ ବିଶ୍ୱସ୍ତ ସୂଚନା ପାଇ ଗତକାଲି ରାତି ପ୍ରାୟ ୧୧:୦୦ ଟା ସମୟରେ ଚଢାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। ତାଙ୍କ ହେପାଜତରୁ ଅପରାଧରେ ବ୍ୟବହୃତ ଏକ କଟୁରୀ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ଆଇନଅନୁଯାୟୀ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ରାଜ୍ୟରେ ହୁ-ହୁ ହୋଇ ବଢ଼ିଚାଲିଛି ଅପରାଧ: ଭକ୍ତ

## ବାଲିଅନ୍ତା ମବ୍‌ଲିଞ୍ଚିଂ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

ଭୁବନେଶ୍ୱର,(ସବ୍ୟୁ): ଗୋଟିଏ ପଟେ ସରକାର ନିର୍ବାଚନ ଫଳାଫଳର ଖୁସି ମନାଉଥିବା ବେଳେ ରାଜ୍ୟର ନିରୀହ ଲୋକମାନେ ଅପରାଧର ଶିକାର ହେଉଛନ୍ତି । ମବ୍ ଲିଞ୍ଚିଂ ପରେ ମବ୍ ଲିଞ୍ଚିଂ ଓ ହତ୍ୟା ଦୁଷ୍କର୍ମ ଭଳି ଘଟଣାମାନ ଓଡିଶାକୁ ଦୋହଲାଇ ଦେଇଛି । ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥା ଓ ଅପରାଧଗୁଡିକ ଓଡିଶାକୁ ସମଗ୍ର ଦେଶରେ ଏକ ଲଜ୍ୟାଜନକ ସ୍ଥିତିରେ ପହଞ୍ଚାଇଥିବା ବେଳେ ମଉଜ, ମଜଲିସରେ ମାତିଛନ୍ତି ମୁଖ୍ୟମନ୍ତ୍ରୀ ତଥା ପୂରା କ୍ୟାବିନେଟ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଗୁ ତର ଅଭିଯୋଗ କରିଛନ୍ତି ।

ଗୁରୁବାର ଅପରାହ୍ନରେ ଭୁବନେଶ୍ୱରର ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ଅଞ୍ଚଳରେ ଦୁଇଜଣ ଯୁବତୀଙ୍କ ଉପରେ ଅସଦାଚରଣ କରାଯାଇଥିବା ଅଭିଯୋଗରେ ସ୍ପଷ୍ଟ ଦିବାଲୋକରେ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ପିସିସି ସଭାପତି ଶ୍ରୀ ଦାସ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଶ୍ରୀ ଦାସ୍ ଏକ ପ୍ରେସ ବିବୃତିରେ ଅଭିଯୋଗ କରିଛନ୍ତି ଯେ ଏହି ଘଟଣା ସମଗ୍ର ଦେଶରେ ଏକ ନିନ୍ଦନୀୟ ସ୍ଥିତି ଉପୁଜାଇଛି । ରାଜ୍ୟର ଡବଲ ଇଂଜିନ ସରକାର ଏଗୁଡିକୁ ନିୟନ୍ତ୍ରଣ କରିବାକୁ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ପୂରା ହାତବାନ୍ଧି ବସିଛନ୍ତି । ଦୁଷ୍କର୍ମ ଅଭିଯୋଗ(ତଦନ୍ତ ସାପେକ୍ଷ) ଘଟଣାରେ ସ୍ପଷ୍ଟ ଦିବାଲୋକରେ ଜଣଙ୍କୁ ହତ୍ୟା କରାଯାଇପାରେ, ଏହା ହିଁ ସୂଚାଇ ଦେଇଛି ଯେ ରାଜ୍ୟରେ କିଭଳି ଆଇନ, ଶୃଙ୍ଖଳା ପରିସ୍ଥିତି ଉପୁଜିଛି । କିଛି ଦିନ ତଳେ କଣାସ ବର୍ବର ଆକ୍ରମଣ ଘଟଣା ଯେଉଁଥିରେ କିଛି ଯୁବକ ଅନ୍ୟ ଜଣେ ଯୁବକଙ୍କ ଶରୀର ଉପରେ ବୁଲେଟ ଗାଡି ଚଢାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସେହିଭଳି ଅନ୍ୟ ଏକ ଘଟଣାରେ ଢେଙ୍କାନାଳ ଜିଲ୍ଲାରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ଆକ୍ରମଣ କରି ସଂପୃକ୍ତ ଯୁବତୀ ଜଣଙ୍କୁ ଜଙ୍ଗଲରେ ଫୋପାଡି ଦେଇ ଚାଲିଥିଲେ । ରାଜ୍ୟରେ ନାରୀମାନଙ୍କ ଉପରେ ଉଦବେଗଜନକ ଅତ୍ୟାଚାର ଓ ଶାସକଦଳର ଛତ୍ରଛାୟାରେ ଗୁଣ୍ଡାରାଜ୍ ଚାଲିଛି ବୋଲି ପସିସି ସଭାପତି ଶ୍ରୀ ଦାସ କହିଛନ୍ତି ।

ତଥ୍ୟ ଅନୁଯାୟୀ ଜୁନ୍ ୨୦୨୪ ରୁ ଫେବୃଆରୀ ୨୦୨୬ ମଧ୍ୟରେ ରାଜ୍ୟରେ ୫୪ଟି ସାମ୍ପ୍ରଦାୟିକ ଦଙ୍ଗା ଏବଂ ୭ଟି ମବ୍ ଲିଞ୍ଚିଂ ଘଟଣା ଘଟିଛିଛ ତିନିଦିନ ତଳେ କଳାହାଣ୍ଡି ଜୟପାଟଣା ବ୍ଲକ୍ ଅଧୀନସ୍ଥ ତଳଗୁଡ଼ା ଗ୍ରାମର ଜଣେ ଦଳିତ ଯୁବକଙ୍କୁ ଗୋରୁ ଚମଡ଼ା କାରବାର କରୁଥିବା ଅଭିଯୋଗରେ ବଜରଙ୍ଗ ଦଳର କର୍ମୀମାନେ ପିଟିପିଟି ଦରମରା କରିବା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଜାନୁଆରୀ ୨୦୨୬ରେ ବାଲେଶ୍ୱର ଜିଲ୍ଲାରେ ଗୋରୁ ଚୋରା ଚାଲାଣ ସନ୍ଦେହରେ ଜଣେ ୩୫ ବର୍ଷୀୟ ମୁସଲିମ ବ୍ୟକ୍ତି ସେଖ ମୁକଦର ମହମ୍ମଦଙ୍କୁ ଏକ ଏକ ମବ୍ ଲିଞ୍ଚିଂରେ ହତ୍ୟା କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାରେ ଜଣେ ୧୪ ବର୍ଷୀୟ ବାଳକକୁ ଛେଳି ଚୋରି କରୁଥିବା ସନ୍ଦେହରେ ହତ୍ୟା କରାଯାଇଥିଲା ୧୧ ଜଣଙ୍କୁ ଗିରଫ କରାଯାଇଥିଲା । ପଶ୍ଚିମବଙ୍ଗର ଜଣେ ପ୍ରବାସୀ ଶ୍ରମିକଙ୍କୁ ସମ୍ବଲପୁରରେ ଏକ ମୋବ୍ ଦ୍ୱାରା ପିଟି ପିଟି ହତ୍ୟା କରାଯାଇଥିଲା । ସେ ଜଣେ ଅବୈଧ ବାଂଲାଦେଶୀ ପ୍ରବାସୀ ବୋଲି ଅଭିଯୋଗ କରି ଏହି ଆକ୍ରମଣ କରିଥିଲେ । ସେହିଭଳି ଖୋର୍ଦ୍ଧା ଜିଲ୍ଲାରେ ଜଣେ ସରକାରୀ ରେଳ ପୋଲିସ କନଷ୍ଟେବଳଙ୍କୁ କିଛି ଲୋକ ପିଟି ପଟିପିଟି ହତ୍ୟା କରିଥିଲେ । ଗତବର୍ଷ ଜୁନ୍ ମାସରେ ଗଂଜାମ ଜିଲ୍ଲାର ଖରୀଗୁମ୍ମା ଗ୍ରାମରେ ଦୁଇଜଣ ଦଳିତ ଯୁବକଙ୍କୁ ଗୋରୁଚାଲାଣ ଅଭିଯୋଗରେ ଯେପରି ସେମାନଙ୍କ କାନ୍ଧରେ ହଳ ଲଗାଇ ସେମାନଙ୍କ ମୁଣ୍ଡର ଅଧାରୁଟି କାଟି ନର୍ଦ୍ଦମା ପାଣି ପିଆଇବା ସହ ଘାସ ଖାଇବାକୁ ବାଧ କରାଗଲା, ତାହା ଯେ କୌଣସି ସଭ୍ୟ ସଭାଜ ପାଇଁ ଲଜ୍ଜା ।

# ଖୋର୍ଦ୍ଧାର ସମସ୍ତ ଥାନାରେ ଶୁଭାରମ୍ଭ ହେଲା ଯୁଗନ୍ତିକା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ପୁଲିସ ପକ୍ଷରୁ ସମସ୍ତ ଥାନାରେ ଯୁଗନ୍ତିକା ଶୁଭ ଉଦ୍‌ଘାଟନ ହୋଇଯାଇଛି ଓ ଶିଶୁ, କିଶୋର, କିଶୋରୀ ମାନଙ୍କ ସୁରକ୍ଷା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। ଖୋର୍ଦ୍ଧା ପୋଲିସ ଜିଲ୍ଲା ଅନ୍ତର୍ଗତ ୧୨ଟି ଥାନାରେ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ସଦର ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସ୍‌ପି ଅନୀଲ ମହାନ୍ତି ଯୋଗଦେଇ ଶିଶୁ ଅଧିକାର, ସୁରକ୍ଷା ଏବଂ ଭବିଷ୍ୟତ ଗଠନ ଉପରେ ପରାମର୍ଶ ଦେଇଥିଲେ। କୌଣସି ଶିଶୁ ଅସୁବିଧାରେ ପଡିଲେ ବିନା କୌଣସି ସଙ୍କୋଚରେ ନିର୍ଭୟରେ ଥାନାକୁ ଆସି ନିଜର ଅଭିଯୋଗ କହିପାରିବେ ବୋଲି କହିଥିଲେ। ଏଥିରେ ୩୦ଜଣ ନାବାଳିକା, ୫ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଥାନା ଅଧିକାରୀ ବାସୁଦେବ ଜୟସିଂହ ପରିଚାଳନା କରିଥିବାବେଳେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ । ସେହିପରି ଆଦର୍ଶ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧକ୍ଷକ ବିବେକାନନ୍ଦ ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଦର୍ଶ ଥାନା ପୁଲିସ ପକ୍ଷରୁ ପିଲାଙ୍କ ଗୋଲାପ ଫୁଲ, ଚକଲେଟ ଦେଇ ଶୁଭେଚ୍ଛା ଜଣାଇଥିଲେ। ପରେ ପିଲା ମାନେ ଥାନା ପରିସର ବୁଲିଥିଲେ। ଥାନାଧିକାରୀ ସଞ୍ଜୟ ନାୟକ ଥାନାରେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ମହିଳା, ପୁରୁଷଙ୍କ ପାଇଁ ରହିଥିବା ହାଜତ, ମାଲଖାନା, ଅସ୍ତ୍ରାଗାର, ସିସିଟିଭି କଂଟ୍ରୋଲରୁମ କାମ ସମ୍ପର୍କରେ ଶିଶୁ ମାନେ ଜାଣିଥିଲେ। ଏଥିସହିତ ଶିଳ୍ପାଂଚଳ, ଜଙ୍କିଆ, ନିରାକାରପୁର, ଟାଙ୍ଗୀ, ବାଲୁଗାଁ ବାଣପୁର, ନାଚୁଣୀ ପ୍ରଭୃତି ଥାନାରେ ଯୁଗନ୍ତିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



# ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ଜଟଣୀ, (ସବ୍ୟୁ): ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟା ଗ୍ରାମ ଠାରେ ଗଣପତି ପ୍ରଧାନ ନାମକ ଜଣେ ବ୍ୟକ୍ତି ଗତ ଏପ୍ରିଲ ମାସ ୨୬ ତାରିଖରେ ତାଙ୍କ ଦୋକାନରେ ଉପସ୍ଥିତ ଥିବା ସମୟରେ କିଛି ବ୍ୟକ୍ତି ଦୋକାନ ସମ୍ମୁଖରେ ଝଗଡ଼ା କରୁଥିଲେ। ସେ ଉକ୍ତ ଝଗଡ଼ାକୁ ଅନ୍ୟତ୍ର କରିବା ପାଇଁ କହି ବିରୋଧ କରିଥିଲେ କ୍ଷ ତେବେ ଦୀପୁ ଓରଫ ରଶ୍ମି ରଞ୍ଜନ ପ୍ରଧାନ (୩୧) ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ନିର୍ମମ ଭାବରେ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଗଣପତିଙ୍କ ଡାହାଣ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା, ଯାହାଫଳରେ ହାଡ଼ ଖଞ୍ଜାରୁ ଖସିଯାଇଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ।ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଖୋର୍ଦ୍ଧା ଡିଏଚଏଚକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ପରେ ତାଙ୍କୁ ଖୋର୍ଦ୍ଧାସ୍ଥିତ ଷ୍ଟାର ହସ୍ପିଟାଲକୁ ପଠାଯାଇଥିଲା, ଯେଉଁଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ତଦନ୍ତ ସମୟରେ ପାରିପାର୍ଶ୍ୱିକ ପ୍ରମାଣରୁ ଅପରାଧରେ ଅଭିଯୁକ୍ତ ଦୀପୁଙ୍କ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା। ନିର୍ଭରଯୋଗ୍ୟ ସୂଚନା ପାଇ ଶୁକ୍ରବାର ଚଢାଉ କରାଯାଇ ଅଭିଯୁକ୍ତଙ୍କୁ କେଶ ନମ୍ବର ୨୦୮/୨୬ ଆଧାରରେ ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି ।

## ଆସାମ ନିର୍ବାଚନର ସଫଳତା ପାଇଁ

# କେନ୍ଦ୍ରାପଡା ସାଂସଦଙ୍କୁ ଟେଟ୍ରାହେଡ୍ରନ ଅଧ୍ୟକ୍ଷ ଦେଲେ ସମ୍ବର୍ଦ୍ଧନା

କଟକ,(ସବ୍ୟୁ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା ଆସାମ ପ୍ରଦେଶ ନିର୍ବାଚନର ମଙ୍ଗ ଧରି ସୁପରିଚାଳନା ଦ୍ଵାରା ବିଜେପିକୁ ଜିତାଇ ସରକାର ଗଠନ କରିବାକୁ ଦ୍ୱିତୀୟ ଥର ସକ୍ଷମ ହୋଇଛନ୍ତି। ଏହି ଅବସରରେ କଟକ ଜିଲ୍ଲା ଟାଙ୍ଗୀ ସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ସାଂସଦଙ୍କୁ ବିଜୁପଟ୍ଟନାୟକ ବିମାନ ବନ୍ଦର ଭୁବନେଶ୍ୱରରେ ସ୍ଵାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଟାଙ୍ଗୀ ଅଞ୍ଚଳରୁ ତ୍ରିଦେବ ସାରଙ୍କ ନେତୃତ୍ୱରେ ୮୦ଟି ବୋଲେରୋରେ ୮୦୦ରୁ ଉର୍ଦ୍ଧ୍ୱ ଯୁବକ ମାନେ ବିମାନ ବନ୍ଦରରେ ପହଞ୍ଚି ରାଜ୍ୟ କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ। ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସେମାନେ ପହଞ୍ଚି ସଭାପତି ତଥା ସାଂସଦ ମନମୋହନ ସାମଲ ଓ ସାଂସଦ ଶ୍ରୀଯୁକ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# କିମ୍‌ସରେ ବାଇଲାଟେରାଲ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ

ଭୁବନେଶ୍ୱର, (ସବ୍ୟୁ): କିମସରେ ଉଭୟ ଆଣ୍ଠୁରେ ଗମ୍ଭୀର ଅଷ୍ଟିଓଆର୍ଥ୍ରାଇଟିସ୍ ରୋଗରେ ପୀଡ଼ିତ ଜଣେ ୬୭ ବର୍ଷୀୟା ମହିଳାଙ୍କଠାରେ ବାଇଲାଟେରାଲ ରୋବୋଟିକ୍ ଆଣ୍ଠୁ ସଫଳ ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାରର ପରଦିନଠାରୁ ରୋଗୀ ଭଲ ଭାବେ ଚାଲିବା ଆରମ୍ଭ କରିଛନ୍ତି। କିମ୍‌ସର ବିଶିଷ୍ଟ ଅସ୍ଥିଶଲ୍ୟ ସର୍ଜନ ଡା ବସନ୍ତ ବେହେରାଙ୍କ ନେତୃତ୍ୱରେ ଏହି ସଫଳ ଅସ୍ତ୍ରୋପଚାର କରାଯାଇଛି। ପୂର୍ବରୁ ରୋଗୀ ଆଣ୍ଠୁ ପ୍ରତିରୋପଣ ପାଇଁ ବିଭିନ୍ନ ହସ୍ପିଟାଲର ଅନେକ ସର୍ଜନଙ୍କ ସହିତ ପରାମର୍ଶ କରିଥିଲେ ମଧ୍ୟ ଉଭୟ ଆଣ୍ଠୁ ଅସ୍ତ୍ରୋପଚାର ଏକାଠି କରିବା ସମ୍ଭବ ହୋଇପାରି ନଥିଲା। କିମ୍‌ସରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣର ମାତ୍ର ୫ ଦିନରେ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

'ରୋବୋଟିକ୍ ସହାୟତାରେ ଆଣ୍ଠୁ ପ୍ରତିରୋପଣ ଅତ୍ୟନ୍ତ ଠିକ୍ ଅସ୍ତ୍ରୋପଚାର ଯୋଜନା ଏବଂ ଉତ୍ତମ ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ କରେ। ଏହା ସହ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର କଲେ ରୋଗୀ ଶୀଘ୍ର ସୁସ୍ଥ ହେବାରେ ସକ୍ଷମ କରିଥାଏ ବୋଲି ଡା ବେହେରା କହିଛନ୍ତି। କିମସ ସୁପର ସ୍ପେଶାଲିଟି ହସ୍ପିଟାଲରେ ସ୍ମିଥ୍ ଏବଂ ନେଫିଉଙ୍କ ଦ୍ୱାରା ଉନ୍ନତ ରୋବୋଟିକ୍-ସହାୟତାପ୍ରାପ୍ତ ସଂପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସ୍ଥାପନ ଦ୍ୱାରା ଏହି ସଫଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ଅତ୍ୟାଧୁନିକ ରୋବୋଟିକ୍ ପ୍ରଯୁକ୍ତି ସଠିକ୍ ହାଡ଼କୁ ଠିକ ଭାବେ ଅସ୍ତ୍ରୋପଚାର କରିବା ସହ ଉପଯୁକ୍ତ ଇମ୍ପ୍ଲାଣ୍ଟ ଲଗାଇବା ଓ ପ୍ରାକୃତିକ ଆଣ୍ଠୁ ଶରୀର ଗଠନର ଉତ୍ତମ ପୁନରୁଦ୍ଧାରକୁ ସକ୍ଷମ କରିଥାଏ। ଅନେକ ରୋବୋଟିକ୍ ସିଷ୍ଟମ୍ ପରି, ସ୍ମିଥ୍ ଏବଂ ନେଫିଉ ପ୍ରଯୁକ୍ତିବିଦ୍ୟା ପାଇଁ ଅସ୍ତ୍ରୋପଚାର ପୂର୍ବରୁ ସିଟି ସ୍କାନ୍ କିମ୍ବା ବ୍ୟାପକ ଅସ୍ତ୍ରୋପଚାର ପୂର୍ବରୁ ଯୋଜନା ଆବଶ୍ୟକ ହୁଏ ନାହିଁ ବୋଲି ଡା. ବେହେରା ପ୍ରକାଶ କରିଛନ୍ତି।




# ରେଳବାଇ ଲେଭଲ୍ କ୍ରସିଂ ନିୟମ ଉଲ୍ଲଙ୍ଘନ ନେଇ ଉଦ୍‌ବେଗ

ଜଟଣୀ, (ସବ୍ୟୁ): ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ମଣ୍ଡଳ ଅଧୀନରେ ରେଳ ଫାଟକ ଉଲ୍ଲଂଘନ ଏବଂ ସଡକ ଯାନବାହନ ଦ୍ୱାରା ଫାଟକ ଭାଙ୍ଗିବା ଘଟଣା ବୃଦ୍ଧି ପାଇଥିବାରୁ ଗଭୀର ଚିନ୍ତା ପ୍ରକାଶ କରାଯାଇଛି। ଏହି ଘଟଣାଗୁଡ଼ିକ କେବଳ ମାନବଜୀବନକୁ ବିପଦରେ ପକାଉନାହିଁ, ବରଂ ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି କରି ସମୟନିଷ୍ଠତାକୁ ମଧ୍ୟ ପ୍ରଭାବିତ କରୁଛି। ଅନେକ ସମୟରେ ସଡକ ଯାତାୟାତକାରୀମାନେ ଫାଟକ ବନ୍ଦ ହୋଇଯାଇଥିବା ପରେ କିମ୍ବା ବନ୍ଦ ହେଉଥିବା ସମୟରେ ମଧ ରେଳ ଫାଟକ ଅତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଫଳରେ ଫାଟକ ବାରିକେଡ୍ କ୍ଷତିଗ୍ରସ୍ତ ହେବା, ସଙ୍କେତ ବ୍ୟବସ୍ଥା ବିଘ୍ନିତ ହେବା ଏବଂ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହେବା ପରି ଘଟଣା ଘଟୁଛି। ଏପରି ଅଦାୟୀ ବ୍ୟବହାର ମାନବଜୀବନ ଓ ରେଳ ସମ୍ପତ୍ତି ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଉଲ୍ଲେଖ ଯୋଗ୍ୟ ଯେ ୨୦୨୪ ମସିହାରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ଅଧୀନରେ ମୋଟ ୧୧୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ରେକର୍ଡ ହୋଇଥିଲା, ଯାହାରେ ୯୨ ଜଣଙ୍କୁ ଗିରଫ କରାଯାଇଥିଲା।୨୦୨୫ ମସିହାରେ ମୋଟ ୯୮ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୫୯ ଜଣଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇଛି।ସେହିପରି ୨୦୨୬ ମସିହାରେ (୮ ମେ ପର୍ଯ୍ୟନ୍ତ) ୪୩ଟି ରେଳ ଫାଟକ ଭାଙ୍ଗିବା ଘଟଣା ଘଟିଥିବା ବେଳେ ୨୩ ଜଣଙ୍କୁ ଗିରଫ କରାଯାଇଛି।କ୍ଟକ୍ଟଚଳିତ ବର୍ଷରେ ମଣ୍ଡଳର ବିଭିନ୍ନ ସ୍ଥାନରୁ ରେଳ ଫାଟକ ଭାଙ୍ଗିବା ଘଟଣା ରିପୋର୍ଟ ହୋଇଛି। ସେଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳରେ ୦୮ଟି ଘଟଣା ,ବ୍ରହ୍ମପୁର ଅଞ୍ଚଳରେ ୦୬ଟି ଘଟଣା,ପୁରୀ ଅଞ୍ଚଳରେ ୦୨ଟି ଘଟଣା,ଭଦ୍ରକ ଅଞ୍ଚଳରେ ୦୮ଟି ଘଟଣା,ଯାଜପୁର କେଉଁଝର ରୋଡ଼ ଅଞ୍ଚଳରେ ୦୩ଟି ଘଟଣା,କଟକ ଅଞ୍ଚଳରେ ୦୪ଟି ଘଟଣା, ପଲାସା ଅଞ୍ଚଳରେ ୦୩ଟି ଘଟଣା ଏବଂ ଖୋର୍ଦ୍ଧା ରୋଡ଼ ଅଞ୍ଚଳରେ ୦୨ଟି ଘଟଣା ରିପୋର୍ଟ କରାଯାଇଅଛି କ୍ଷ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ନିରାପତ୍ତା ବିଭାଗ ଏବଂ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ଦ୍ୱାରା ପରିଚାଳିତ କ୍ରମାଗତ ସଚେତନତା ଅଭିଯାନ ଏବଂ ଲେଭଲ୍ କ୍ରସିଂରେ ସଡକ ବ୍ୟବହାରକାରୀଙ୍କ ନିରନ୍ତର ପରାମର୍ଶ ପରେ ମଧ ନିୟମ ଉଲ୍ଲଂଘନକାରୀଙ୍କ ଦ୍ୱାରା ଏପରି ଘଟଣା ଜାରି ରହିଛି କ୍ଷ ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ଼ ରେଳ ପ୍ରଶାସନ ପୁଣି ଥରେ ଜନସାଧାରଣଙ୍କୁ ଲେଭଲ୍ କ୍ରସିଂ ନିକଟକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ରେଳବାଇକୁ ସହଯୋଗ କରିବାକୁ ଅନୁରୋଧ କରୁଛି ।



# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ




ବ୍ରହ୍ମପୁର, (ସବ୍ୟୁ): ଜନୈକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ବଡ଼ବଜାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଆକାଶ ନାୟକ (୨୯) । ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରିଛି । ସେହିପରି କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ମାମଲା ନଂ ୨୧୨/ ୨୬ ରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ଆକାଶ ଜନୈକା ଯୁବତୀ ବଡ଼ବଜାର ଥାନା ଅଞ୍ଚଳରେ ରହୁଛନ୍ତି । ଯୁବକ ଜଣଙ୍କ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଯୁବତୀଙ୍କ ଇଚ୍ଛା ବିରୋଧରେ ଯୁବକ ଜଣଙ୍କ ତାଙ୍କୁ ବଳାତ୍କାର କରିଥିଲେ । ଏପରିକି ସହରର ବିଭିନ୍ନ ଲଜିଂ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ସେ ୭ ବର୍ଷ ମଧ୍ୟରେ ଯୁବତୀଙ୍କୁ ୪'ଥର ଗର୍ଭବତୀ କରିଥିଲା । ଏପରିକି ସେ ଯୁବତୀଙ୍କୁ ଭୟଭୀତ କରି ଗର୍ଭପାତ ମଧ୍ୟ କରିଥିଲା । ଯୁବତୀ ଜଣଙ୍କ ଆକାଶଙ୍କୁ ବିବାହ କରିବାକୁ ବାଧ୍ୟ କରିବାରୁ ସେ ବିବାହ କରିବେ ନାହିଁ ବୋଲି କହିବା ସହ ତାଙ୍କୁ ନାନାପ୍ରକାର ଧମକଚମକ ଦେଇଥିଲେ । ପୀଡ଼ିତା ଜଣଙ୍କ ପ୍ରତାରଣାର ଶିକାର ହେବା ଜାଣିବା ପରେ ବଡ଼ବଜାର ଥାନରେ ଏନେଇ ଅଭିଯୋଗ କରିଥିଲେ । ପୋଲିସ ଏନେଇ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା ବୋଲି କହିଛି ।

# ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ

ବ୍ରହ୍ମପୁର, (ସବ୍ୟୁ): ଢ଼ୁରା ସ୍ଥିତ ରାମ ନାରାୟଣ ଡିଗ୍ରୀ କଲେଜରେ ଆଜି ବିଶ୍ ରେଡ୍‌କ୍ରସ୍ ଦିବସ ପାଳନ ହୋଇଥିଲା । ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଯୁବ ରେଡକ୍ରସ ସଂଯୋଜିକା ଡ. ଉଷା ରାଣୀ ବ୍ରହ୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ସୋଲଫେରିନୋ ଯୁଦ୍ଧରେ କ୍ଷତିଗ୍ରସ୍ତ ସୈନ୍ୟମାନଙ୍କୁ ସେବା ଯୋଗାଇବା ଏବଂ ତାଙ୍କ ପରିବାରଙ୍କୁ ଥଇଥାନ କରିବାରେ ଯେଉଁ ସହୋଯାଗ କରିଥିଲେ, ତାହା ବିଶ୍ୱ ସାକ୍ଷୀ ରହିଛି ଏବଂ ସରକାରଙ୍କ ତରଫରୁ ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିଥିଲେ । ଯେତେବେଳେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟେ, ରକ୍ତଦାନର ଆବଶ୍ୟକତା ପଡ଼ିଥାଏ, ଦୁର୍ଘଟଣା ସମୟରେ ପ୍ରାଥମିକତା ଚିକିତ୍ସାର ଆବଶ୍ୟକତା ରହିଥାଏ ସେତେବେଳେ ରେଡ୍‌କ୍ରସ୍ ଆଗକୁ ଆସି ସହାୟତା କରିଥାଏ ବୋଲି କହିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ମାନେ ଜରୁରୀ କାଳୀନ ପରିସ୍ଥିତିରେ ବିପଦର ମୁକାବିଲା କରିବେ ଏବଂ ସେହି ସମୟରେ ଅସହାୟଙ୍କୁ ସାହାଯ୍ୟ ସହୋଯାଗ କରିବେ ବୋଲି ଶପଥପାଠ କରିଥିଲେ । ଏଥିରେ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ବାରିପଦାରେ ଆକାଂକ୍ଷା ଆଇଟି ହବ୍ ଉଦଘାଟିତ

# ଓଡ଼ିଶାରେ ଯୁବ ନିଯୁକ୍ତି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ

ବାରିପଦା, (ସବ୍ୟୁ) : ପ୍ରଯୁକ୍ତିବିଦ୍ୟା, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଯୁବ ସଶକ୍ତିକରଣକୁ ସୁଦୃଢ଼ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଶୁକ୍ରବାର ବାରିପଦାଠାରେ ବହୁ ପ୍ରତିକ୍ଷିତ ଆକାଂକ୍ଷା ଆଇଟି ହବ୍ ଉଦଘାଟିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ଏବଂ ଆଇଟିଡିଏ, ବାରିପଦାଙ୍କ ତତ୍ତ୍ୱାବଧାନରେ ଏହି ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଉତ୍ତର ଓଡ଼ିଶାର ଏକମାତ୍ର ଷ୍ଟାର୍ଟଅପ୍ ଇନଫୋକ୍ରିଏଟିଭ୍ ସର୍ଭିସେସ୍ ପ୍ରାଏଭେଟ୍ ଲିମିଟେଡ୍ ସହାୟତା ପ୍ରଦାନ କରୁଛି, ଯାହାକି ନାସକମ୍ ସହିତ ଫିକି ଏବଂ ସିଆଇଆଇ ଭଳି ପ୍ରତିଷ୍ଠିତ ଜାତୀୟ ଶିଳ୍ପ ସଂସ୍ଥା ସହ ଜଡ଼ିତ । ଏହି ସଂସ୍ଥା ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ମଧ୍ୟ ଏକ ସକ୍ରିୟ ସଦସ୍ୟ । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ନେତୃତ୍ୱରେ ଏହି ଦୂରଦୃଷ୍ଟିସମ୍ପନ୍ନ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଆଧୁନିକ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ଦକ୍ଷତା ଏବଂ ଶିଳ୍ପ-ଭିତ୍ତିକ ପ୍ରଶିକ୍ଷଣ ମାଧ୍ୟମରେ ଆଦିବାସୀ ଓ ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ଆକାଂକ୍ଷା ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ହେବ ବୋଲି ସେ ପରିକଳ୍ପନା କରିଥିଲେ । ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, ଆଇଟିଡିଏ ଟିମ୍ ଏବଂ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏହି



ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ଉଦ୍ୟୋଗୀ ତଥା ଶିଳ୍ପ ନେତୃତ୍ୱ ଇଂ ସୌମ୍ୟରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରୁଛନ୍ତି । ସେ ଅଞ୍ଚଳରେ ଦକ୍ଷତା ବିକାଶ, ନବୋନ୍ମେଷ, ନିଯୁକ୍ତି ଏବଂ ଉଦ୍ୟୋଗିତା ପାଇଁ ଏକ ସ୍ଥାୟୀ ପରିବେଶ ସୃଷ୍ଟି କରିବା ଦିଗରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି ।

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନୀରଜ କୁମାର ପଣ୍ଡା, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୟୂରଭଞ୍ଜ ଏସଡିସି ଅଧକ୍ଷ ବୁଡାନ୍ ମୁର୍ମୁଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଏବଂ ଯୁବ ପ୍ରତିଭାମାନେ ଉପସ୍ଥିତ ଥିଲେ । ଆକାଂକ୍ଷା ଆଇଟି ହବ୍‌ର ଲକ୍ଷ୍ୟ: ମୟୂରଭଞ୍ଜର ଯୁବପିଢ଼ିଙ୍କୁ ଶିଳ୍ପ-ଭିତ୍ତିକ ଡିଜିଟାଲ୍ ଦକ୍ଷତା, ନୂତନ ପ୍ରଯୁକ୍ତିବିଦ୍ୟା ସହ ପରିଚିତ କରାଇବା, ନବୋନ୍ମେଷ-ଭିତ୍ତିକ ଶିକ୍ଷା, ଉଦ୍ୟୋଗ ବିକାଶ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ହବ୍‌ର ମୂଳ ଲକ୍ଷ୍ୟ । ଏହା ପାରମ୍ପରିକ ଶିକ୍ଷା ଏବଂ ଆଧୁନିକ ଶିଳ୍ପର ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ । ବର୍ତ୍ତମାନ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଯଥା ଏମ୍ଏସସିବି ବିଶ୍ୱବିଦ୍ୟାଳୟ, ସୀମାନ୍ତ ଇଞ୍ଜିନିୟରିଂ କଲେଜ ଏବଂ ଏମ୍‌ପିସି ସ୍ୱୟଂଶାସିତ କଲେଜର ଛାତ୍ରଛାତ୍ରୀମାନେ ଏଠାରେ ପ୍ରଶିକ୍ଷଣ ନେଉଛନ୍ତି ଏବଂ ସେମାନଙ୍କୁ ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରୀୟ କମ୍ପାନୀରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରାଯାଉଛି । ଅଭିଜ୍ଞ ଶିଳ୍ପ ବିଶେଷଜ୍ଞ, କର୍ପୋରେଟ୍ ପ୍ରଫେସନାଲ୍ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି । ଏହି ମିଳିତ ପ୍ରୟାସ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳରୁ ଏକ ଦକ୍ଷ ଏବଂ କୁଶଳୀ ଯୁବକୋଷ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଜିଲ୍ଲାପ୍ରଶାସନ ଏବଂ ଏକ ଜାତୀୟ ସ୍ତରର ମାନ୍ୟତା ପ୍ରାପ୍ତ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ମଧ୍ୟରେ ଏଭଳି ସହଯୋଗ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି । ଏହା କେବଳ ଏକ ଆଇଟି ପ୍ରଶିକ୍ଷଣ କେନ୍ଦ୍ର ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତା ସୃଷ୍ଟି କରିବାର ଏକ ଆନ୍ଦୋଳନ । ଏହି ହବ୍ ଅଞ୍ଚଳର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମୟୂରଭଞ୍ଜକୁ ପ୍ରଯୁକ୍ତିବିଦ୍ୟାର ଏକ ନୂତନ କେନ୍ଦ୍ର ଭାବେ ଗଢ଼ି ତୋଳିବ ।

# ଦୁର୍ଘଟଣାରେ ମୃତ ଓ ଆହତଙ୍କ ପରିବାରଙ୍କୁ ଚେକ୍ ପ୍ରଦାନ

ବ୍ରହ୍ମପୁର, (ସବ୍ୟୁ): ଗତ କିଛି ଦିନ ତଳେ ବ୍ରହ୍ମପୁରର ବିଭିନ୍ନ ୱାର୍ଡର ଯାତ୍ରୀ ହରିଶଙ୍କର ଦର୍ଶନ କରିବାକୁ ଯାଉଥିବା ବେଳେ ଯାତ୍ରୀ ବସଟି ନୟାଗଡ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହୋଇଥିଲା । ଏଥିରେ ବହୁ ମୃତ ଓ ଆହତ ହୋଇଥିଲେ । ଏହି ଦୁଃଖଦ ଖବର ଶୁଣିବ ପରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ସେମାନଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ । ବିଧାୟକ କେ. ଅନିଲ କୁମାର ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ମୃତ ଓ ଆହତ ବ୍ୟକ୍ତିଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଥିଲେ ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ଓ ଦୁର୍ଘଟଣାରେ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କ ପ୍ରତ୍ୟେକ ପରିବାରଙ୍କୁ ୧.୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର । ଉପସ୍ଥିତ ଥିଲେ ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ, ସ୍ଥାନୀୟ ତହସିଲଦାର, ପ୍ରଶାସନ ଅଧିକାରୀ ଗଣ । ଏହି ଅବସରରେ ଅଂଚଳବାସୀ ଓ ଆର୍ଥିକ ସହାୟତା ପାଇଥିବା ବ୍ୟକ୍ତିଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଦ୍ୱିତୀୟ ବାର୍ଷିକ ଡିଆରକେ କପ - ୨୦୨୬ : ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ



ବାରିପଦା, (ସବ୍ୟୁ) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଦିବାରାତ୍ର ଟି - ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ନିଲାମୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଲାଲବଜାର ୱାରିୟର୍ସର ଆଇକନ ଖେଳାଳି ଆଦିତ୍ୟ ବସା ଓ ସେ ଦିବ୍ୟ ରଞ୍ଜନ ଦାସଙ୍କୁ ୧୨, ୪୦୦ ଏବଂ ଯଶୋବନ୍ତ ମାଝୀଙ୍କୁ ୧୦,୦୦୦ ଟଙ୍କାରେ କ୍ରୟ କରିଥିବା ବେଳେ ପରି ଚାଲେଞ୍ଜର୍ସର ଆଇକନ ଖେଳାଳି ଅଭିଜ୍ଞାନ ମହାନ୍ତି ଓ ସେ ରୋହନ ସାହୁଙ୍କୁ ୮,୯୦୦ ଟଙ୍କାରେ, ଜଗଦ୍ଧାତ୍ରୀ ସୁପର କିଙ୍ଗସର ଆଇକନ ଖେଳାଳି ମନୁ ରାମ ଓ ସେ ଶୁଭମ ନାୟକଙ୍କୁ ୧୦,୩୦୦ ଟଙ୍କାରେ, ରାଫେଲ ରୋକେଟର ଆଇକନ ଖେଳାଳି ମାରି ଲୋକନାଥ ଓ ସେ ସୁକୁମାର ପତିଙ୍କୁ ୮,୨୦୦ ଟଙ୍କାରେ, ମାଆମ୍ବିକା ୱାରିୟର୍ସର ଆଇକନ ଖେଳାଳି ଦିବ୍ୟେଶ ମହାନ୍ତି ଓ ସେ ଅଭିଜିତ ପ୍ରସାଦ ଘଣାଙ୍କୁ ୯, ୯୦୦ ଟଙ୍କାରେ କ୍ରୟ କରିଛନ୍ତି। ଏହି ନିଲାମୀ ପ୍ରକ୍ରିୟା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ସୁନୀଲ କୁମାର ଜେନା, ଲଲାଟେନ୍ଦୁ ବେହେରା, ସୋମନାଥ ସିଂହ, ଡିଆରକେ କ୍ଲବର ପ୍ରତିଷ୍ଠାତା ନିରୋଜ କୁମାର ସାହୁ, କ୍ରୀଡ଼ା ସଂଗଠକ ଅମର କୁମାର ସେଠିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅମିତାଭ ଦାସ, ମାନସ ଧଳ, ସତ୍ୟନାରାୟଣ ଜୀଉ, ସୁମିତ ମିଶ୍ର, କରୁଣାମୟୀ ପୃଷ୍ଟି, ସମ୍ବିତ ମହାରଣା, ଅମିତ ପରିଡା, ଚନ୍ଦ୍ରଭାନୁ ସେଠି ଓ ପଙ୍କଜ ମହାକୁଡ଼ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୫ଟି ଦଳକୁ ନେଇ ଚଳିତ ମାସ ୨୫ତାରିଖରୁ ଜୁନ ୧୨ତାରିଖ ପର୍ଯ୍ୟନ୍ତ ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଅମିତାଭ ଦାସ ଜଣାଇଛନ୍ତି।

## ବୁଗୁଡ଼ା ପୋଲିସର ସ୍ପେଶାଲ ଡ୍ରାଇଭ୍, ୱାରେଣ୍ଟି ଗିରଫ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ପୋଲିସର ସ୍ପେଶାଲ ଡ୍ରାଇଭ୍ କାଳରେ ୱାରେଣ୍ଟ ବଳରେ ଚାରି ଜଣ ଗିରଫ ହୋଇଥିବା ଜଣାଯାଇଛି ।

ଗିରଫ ଚାରି ୱାରେଣ୍ଟି ହେଲେ ବିରଞ୍ଚିପୁର ଗ୍ରାମର ରମେଶ ନାୟକ (୬୦), ମାଣିକପୁର ଗ୍ରାମର ଭଗବାନ ସାହୁ (୬୦), ଅରଖିତ ସାହୁ (୩୨) ଓ ରଙ୍କନିଧି ସାହୁ (୬୯) । ଦୀର୍ଘ ୧୫ ବର୍ଷ ଧରି ଫେରାର ଥିବା ହତ୍ୟା ଉଦ୍ୟମ ଅଭିଯୋଗର ଅଭିଯୁକ୍ତ ରମେଶଙ୍କ ନାମରେ ଜିଆର କେସ୍ ନଂ-୨୭୬/୨୦୧୦ ଏକ ମାମଲା ରହିଥିଲା । ସେହିପରି ଗତ ୨୦୧୩ ମସିହାରେ ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡିତ ଭଗବାନ, ଅରଖିତ ଓ ରଙ୍କନିଧିଙ୍କ ନାମରେ ଭଞ୍ଜନଗର ସେସନ୍ସ କୋର୍ଟରେ ଏସଟି କେସ୍ ନଂ-୧୫/୨୦ରେ ଏକ ମାମଲା ରହିଥିଲା ଏବଂ ଏହି ତିନି ଜଣ ଦୀର୍ଘ ବର୍ଷ ହେଲା ଫେରାର ରହିଥିଲେ । ତେବେ ବୁଗୁଡା ପୋଲିସର ସ୍ପେଶାଲ ଡ୍ରାଇଭ୍ କାଳରେ ଏହି ୪ ୱାରେଣ୍ଟିଙ୍କୁ ଗିରଫ କରାଯାଇଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି ।

## ସଚେତନତାରୁ ସୌର ଶକ୍ତିର ସଫଳ ଯାତ୍ରା

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ୮ ହଜାର ୯୫୫ ସୌର ପ୍ୟାନେଲ ସ୍ଥାପନ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସମଗ୍ର ଦକ୍ଷିଣ ଓଡ଼ିଶାରେ ସବୁଜ ଓ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରୁଛି । ଏହି କ୍ରମରେ କମ୍ପାନୀ ତରଫରୁ ବ୍ୟାପକ ଭାବରେ ସୌର ପ୍ୟାନେଲ ସ୍ଥାପନ କରାଯାଉଛି । ଲକ୍ଷ୍ୟ ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ, ଗ୍ରାହକ କୈନ୍ଦ୍ରିକ ମଡେଲ ଏବଂ ସରକାରୀ ସବସିଡିର ସୁବିଧା ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କୁ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବାକୁ ସମର୍ଥ କରିଛି । ଏହି ଅଭିଯାନର ଏକ ବାସ୍ତବ ରୂପାୟନ ଦେଖିବାକୁ ମିଳିଛି । ଯେଉଁଥିରେ ହଜାର ହଜାର ଉପଭୋକ୍ତା ସୌର ଶକ୍ତି ଦ୍ୱାରା ଲାଭାନ୍ୱିତ ହେଉଛନ୍ତି । ଉଲ୍ଲେଖଯୋଗ୍ୟ ଯେ ବହୁ ସଂଖ୍ୟାରେ ଉପଭୋକ୍ତା ଏବେ ଏହି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣାଇଥିବା କାରଣରୁ ମାସିକ ବିଦ୍ୟୁତ ବିଲ୍ ଶୂନ ତଥା ଜିରୋ ବିଲ୍ ପାଉଛନ୍ତି । ଯାହା ଏକ ସ୍ଥାୟୀ ଶକ୍ତିକୁ ଆପଣାଇବା ଦିଗରେ ଏକ ବିଶେଷ ସଫଳତା । ଟିପିଏସ୍‌ଓଡିଏଲ୍ ୟୁଟିଲିଟି ଲେଡ୍ ଆଗ୍ରିଗେସନ୍ ତଥା ୟୁଏଲ୍ଏ ମଡେଲ ଅଧୀନରେ ମୋଟ ୨ହଜାର ୭୪୧ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାରେ ସ୍ଥାପନ କରିଛି । ଯେଉଁଥିରେ ଗଞ୍ଜାମର ୧୫୬୫, ଗଜପତିରେ ୧୫୨, କନ୍ଧମାଳରେ ୧୬୧, ରାୟଗଡ଼ାରେ ୯୬, କୋରାପୁଟରେ ୬୧, ନବରଙ୍ଗପୁରରେ




୨୬୦, ମାଲକାନଗିରିରେ ୨୩୯ ଏବଂ ବୌଦ୍ଧରେ ୨୦୭ଜଣ ଉପଭୋକ୍ତା ୟୁଏଲ୍ଏ ମଡେଲ ଅଧୀନରେ ସୌର ପ୍ୟାନେଲ ସ୍ଥାପନ କରିଛନ୍ତି । ଅନୁରୂପ ଭାବରେ ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ମୋଟ ୬ହଜାର ୨୧୪ ସୌର ପ୍ୟାନେଲ ସମଗ୍ର ଦକ୍ଷିଣ ଓଡିଶାରେ ସ୍ଥାପନ ହୋଇ ସାରିଛି । ଯେଉଁଥିରେ ଗଞ୍ଜାମ ଜିଲ୍ଲାରେ ୩,୮୨୨, ଗଜପତିରେ ୨୩୦, କନ୍ଧମାଳରେ ୧୧୫, ରାୟଗଡ଼ାରେ ୬୯୫, ମାଲକାନଗିରିରେ ୧୪୨, ନବରଙ୍ଗପୁରରେ ୨୧୧, ବୌଦ୍ଧରେ ୪୦୮ ଏବଂ କୋରାପୁଟରେ ୫୯୧ଜଣ ଉପଭୋକ୍ତା ସାମିଲ ହୋଇ ଉପକୃତ ହୋଇଛନ୍ତି । ମୋଟ ୮ହଜାର ୯୫୫ ସୋଲାର ଉପଭୋକ୍ତାଙ୍କ ମଧ୍ୟରେ ୪ହଜାର ୮୫୦ ଜଣ ଉପଭୋକ୍ତା ଅପ୍ରେଲ ମାସରେ ବିଦ୍ୟୁତ ବିଲ୍ ରେ ଶୂନ ତଥା ଜିରୋ ବିଲ୍ ପାଇଛନ୍ତି । ଯାହା ଟିପିଏସ୍‌ଓଡିଏଲର ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଏହା କିପରି ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ତଥା ସେମାନଙ୍କ ପରିବାରକୁ ବିଦ୍ୟୁତ ବିଲ୍ ହ୍ରାସ କରିବାରେ ସହାୟକ ହୋଇ ପାରିଛି ତା'ର ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରେ । ଟିପିଏସ୍‌ଓଡିଏଲ୍ ତରଫରୁ ବିଶେଷ ଭାବରେ ସୌର ଶକ୍ତିକୁ ପ୍ରୋତ୍ସାହିତ କରାଯାଉଛି । ଯେଉଁଥିରେ ଘରରୁ ଘର ବୁଲି ଏ ଦିଗରେ ସଚେତନତା ସୃଷ୍ଟି କରିବା, ବ୍ଲକ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଅନ୍ତର୍ଭୁକ୍ତ ରହିଛି । ଯାହା ଗ୍ରାହକଙ୍କୁ ଏହି ଯୋଜନାରେ ସାମିଲ କରାଇବା ସୁନିଶ୍ଚିତ କରେ । ୟୁଏଲ୍ଏ ମଡେଲ ଅଧୀନରେ ସୌର ପ୍ୟାନେଲ ସ୍ଥାପନ କରିବା ଅତ୍ୟନ୍ତ ସୁବିଧାଜନକ । ମାତ୍ର ୧୮ ୭୫ ଟଙ୍କାରେ ଉପଭୋକ୍ତା ୧ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ କରିପାରିବେ । ଯାହା ମାସିକ ପ୍ରାୟ ୧୦୦ ୟୁନିଟ୍ ବିଜୁଳି ଉତ୍ପନ୍ନ କରିବାର କ୍ଷମତା ରଖେ । ଏଥିସହିତ ଉପଭୋକ୍ତା ବିଦ୍ୟୁତ ବିଲ୍‌ରେ ବାର୍ଷିକ ୫ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିବାକୁ ସମର୍ଥ ହେବେ । ସେହିପରି ସୌର ପ୍ୟାନେଲ ଉପରେ ୨୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହିଥିବା ବେଳେ ୫ ବର୍ଷ ପର୍ଯ୍ୟନ୍ତ ଟିପିଏସ୍‌ଓଡିଏଲ୍ ତରଫରୁ ସମସ୍ତ ରକ୍ଷଣାବେକ୍ଷଣ ସହାୟତା ବିନା ମୂଲ୍ୟରେ ଯୋଗାଇ ଦିଆଯିବ । ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଜଣେ ଗ୍ରାହକ ୧ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ କରିଲେ ୫୫ହଜାର ଟଙ୍କାର ସରକାରୀ ସବସିଡି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ପାଇଥାଏ । ସେହିଭଳି ୨ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ କରିଲେ ୧ଲକ୍ଷ ୧୦ହଜାର ଟଙ୍କାର ସରକାରୀ ସବସିଡି ଏବଂ ୩ କିଲୋୱାଟ ଓ ଉର୍ଦ୍ଧ୍ୱ ପାଇଁ ୧ଲକ୍ଷ ୩୮ ହଜାର ଟଙ୍କାର ସରକାରୀ ସବସିଡିର ସୁବିଧା ରହିଛି ।

ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ଟିପିଏସ୍‌ଓଡିଏଲରେ ଆମେ ଉପଭୋକ୍ତାଙ୍କୁ ଏକ ସ୍ଥାୟୀ, ସୁଲଭ ଏବଂ ଭରସାଯୋଗ୍ୟ ଶକ୍ତି ମାଧ୍ୟମରେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଅଟୁ । ଜିରୋ-ବିଲ୍ ଗ୍ରାହକଙ୍କ ବଢୁଥିବା ସଂଖ୍ୟା ଆମର ସୌର ଅଭିଯାନର ସଫଳତା ଏବଂ ଗ୍ରାହକଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି । ନିରନ୍ତର ସଚେତନତା ଏବଂ ପ୍ରୋତ୍ସାହନ ମାଧ୍ୟମରେ ଆମେ ଦକ୍ଷିଣ ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ଗ୍ରହଣ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହିତ ଏକ ମଡେଲ୍ ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖିଛୁ । ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶା ପାଇଁ ମିଶନ ସୋଲାର୍ ଲକ୍ଷ୍ୟକୁ ସାଧିତ କରିବା ଦିଗରେ ପ୍ରୟାସରତ ରହିଛି । ଯାହା ରୁଫ୍ ଟପ୍ ସୋଲାର୍ ଅଭିଯାନକୁ ବ୍ୟାପକ କରିବା, ଗ୍ରାହକ ସଚେତନତା ବୃଦ୍ଧି କରିବା ଏବଂ ଭାରତର ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ଆପଣାଇବା କ୍ଷେତ୍ରରେ ଯୋଗଦାନ କରେ ।

# ମହତ କର୍ମ ପାଇଁ କିଶୋର ସାମଲ ସ୍ମରଣୀୟ ହୋଇ ରହିବେ




ଭୁବନେଶ୍ୱର, (ସବ୍ୟୁ) : ନିଷ୍କପଟ ହୃଦୟରେ ସତ୍ୟନିଷ୍ଠ ଭାବେ ଗରିବ, ଅସହାୟ ଲୋକମାନଙ୍କ ସେବା କରିବା ଭଳି ମହତ୍ କର୍ମ ଦ୍ୱାରା ଯୁବ ସମାଜସେବୀ କିଶୋର ସାମଲ ଆଜି ସ୍ମରଣୀୟ ହୋଇପାରିଛନ୍ତି । ଆଞ୍ଚଳିକସ୍ତରରେ ବିଭିନ୍ନ ସମସ୍ୟା, ବିଶେଷକରି ଶିକ୍ଷା କ୍ଷେତ୍ରରେ ସମସ୍ୟାର ସମାଧାନ ନିମନ୍ତେ ଉପଯୁକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ନ୍ୟାୟୋଚିତ ଦାବି ଉପସ୍ଥାପନ କରିବାରେ ତାଙ୍କର ସକରାତ୍ମକ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ପାଇଁ ସେ ଲୋକପ୍ରିୟ ମଧ୍ୟ ହୋଇପାରିଛନ୍ତି ବୋଲି ବହୁ ବିଶିଷ୍ଟ ବକ୍ତା ମତ ରଖୁଛନ୍ତି ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗୀୟ ପୂର୍ଣ୍ଣାନନ୍ଦ ସାମଲଙ୍କ ସୁପୁତ୍ର, ଯୁବ ସମାଜସେବୀ, ଦକ୍ଷ ସଂଗଠକ, ପୂର୍ବତନ କାଉନସିଲର କିଶୋର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଚୌଦ୍ୱାର କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଦୋଳଯାତ୍ରା ପଡ଼ିଆ ସମ୍ମୁଖସ୍ଥ କଳାନିକେତନ କ୍ଲବ ପ୍ରେକ୍ଷାଳୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ଚେୟାରମ୍ୟାନ ପ୍ରେମଚାନ୍ଦ ନାୟକ, ଚୌଦ୍ୱାର ମ୍ୟୁନିସିପାଲିଟିର ଭାଇସ ଚେୟାରମ୍ୟାନ ଶୁଭେନ୍ଦୁ ସାମଲ, ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ କିଶୋର ସାମଲଙ୍କ ବହୁମୁଖୀ ପ୍ରତିଭା ଓ ଅବଦାନ ସମ୍ପର୍କରେ ଆଲୋକପାତ କରି ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା କ୍ଷୀରୋଦ ବେହେରା, ବିଭୂତି ଭୂଷଣ ସାହୁ, ବିଚିତ୍ରାନନ୍ଦ ସାହୁ, ସୌମିତ୍ର ସ୍ୱାଇଁ, ମୁରଲୀଧର ବେହୁରା, ରବୀନ୍ଦ୍ର କୁମାର ମହାପାତ୍ର, ଯୁବ କଂଗ୍ରେସ ନେତା ବିଜୟ ବେହେରା, ନାରୀନେତ୍ରୀ ମୋନାଲିସା ଦାସ, ଅଜୟ ବଳ, ଲିଙ୍ଗରାଜ ମୁଦୁଲି, ସୁବାସ ଦଲେଇ, ବିଜୟ ନାୟକ, ଦୀପକ ପରିଜା, ଛବିନ ନାୟକ, ରାଜେନ୍ଦ୍ର ସାମନ୍ତରାୟ, ଚିତ୍ତରଞ୍ଜନ ସାମଲ, ଜଗଜ୍ଜୀବନ ସାମଲଙ୍କ ସମେତ ବହୁ ସଂଖ୍ୟାରେ ପୁରାତନ ଛାତ୍ର ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ମୃତ ଯୁବକ ଜଣଙ୍କ ହେଲେ ଜଗନ୍ନାଥ ନନ୍ଦ(୩୫) । ପୋଲିସ ଶୁକ୍ରବାର ମୃତଦେହ ଏମକେସିଜିରୁ ଜବତ କରି ୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରାଥମିକ ତଦନ୍ତରୁ ଉକ୍ତ ଜଗନ୍ନାଥ ଫାଶି ଦେଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡିବ। ସେହିପରି ପୋଲିସ ମୃତକଙ୍କ ମୋବାଇଲ ଜବତ କରି ଯାଞ୍ଚ କରୁଛି ବୋଲି ପୋଲିସ କହିଛି ।

ପ୍ରକାଶ ଯେ, ଜଗନ୍ନାଥ ନନ୍ଦ ନିଜ ପରିବାର ସହ ଉକ୍ତ ସାହିରେ ରୁହନ୍ତି । ସେ ଜଣେ ଜଣାଶୁଣା ପୂଜକ ଥିଲେ । ଘର ଭିତରେ ବେକରେ ରଶି ଲଗାଇ ସେ ଝୁଲୁଥିବା ଦେଖି ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।







**ODISHA GRAMEEN BANK**
(Scheduled Bank owned by Government)
Head Office: Gandamunda, P.O.: Khandagiri, Bhubaneswar-751030

**AUDITED FINANCIAL RESULTS FOR 11 MONTHS ENDED 31st MARCH, 2026**

**BALANCE SHEET AS ON 31st MARCH 2026**

(₹ in thousand)

| CAPITAL AND LIABILITIES | SCHEDULE | As on 31.03.2026 (Current Period) | As on 30.04.2025 (Previous Period) |
|---|---|---|---|
| Capital | 01 | 34170935 | 34170935 |
| Reserves and Surplus | 02 | 1418888 | 1385209 |
| Deposits | 03 | 312168367 | 278316867 |
| Borrowings | 04 | 2419525 | 5404969 |
| Other Liabilities and Provisions | 05 | 19810899 | 24968331 |
| TOTAL | | 369988614 | 344246311 |
| ASSETS | | | |
| Cash and Balances with Reserve Bank of India | 06 | 18701708 | 15481081 |
| Balances with banks and Money at Call & Short Notice | 07 | 36719730 | 26759358 |
| Investments | 08 | 93294541 | 104615383 |
| Advances | 09 | 179600292 | 149463199 |
| Fixed Assets | 10 | 681670 | 438066 |
| Other Assets | 11 | 40990673 | 47489224 |
| TOTAL | | 369988614 | 344246311 |
| Contingent Liabilities | 12 | 3746147 | 2643454 |
| Bills for Collection | | - | - |

**PROFIT & LOSS ACCOUNT FOR THE PERIOD ENDED 31st MARCH, 2026**

(₹ in thousand)

| | SCHEDULE | Eleven Months ended 31.03.2026 (Current Period) | Month ended 30.04.2025 (Previous Period) |
|---|---|---|---|
| I. INCOME | | | |
| Interest Earned | 13 | 22271379 | 1791371 |
| Other Income | 14 | 2797047 | 516347 |
| TOTAL | | 25068426 | 2307718 |
| II. EXPENDITURE | | | |
| Interest Expended | 15 | 10767399 | 983474 |
| Operating Expenses | 16 | 7805062 | 2381348 |
| Provisions and Contingencies | 16A | 828991 | 100042 |
| TOTAL | | 19401452 | 3464864 |
| III. PROFIT / (LOSS) | | | |
| Net Profit /Loss(-) for the year | | 5666974 | (1157146) |
| Income Tax Provision | | - | - |
| Profit / (Loss) for the year after Income Tax Provision | | 5666974 | (1157146) |
| Profit/(Loss) brought forward | | (22037318) | (20663072) |
| TOTAL | | (16370344) | (21820218) |
| IV. APPROPRIATIONS | | | |
| Transfer to Statutory Reserves | | - | - |
| Transfer to Capital Reserves | | 23679 | 17100 |
| Transfer to Other Reserves | | 10000 | 200000 |
| Transfer to Govt. / Proposed Dividend | | - | - |
| Balance Loss carried over to Balance Sheet | | (16404023) | (22037318) |
| TOTAL NET OF RESERVE | | (16404023) | (22037318) |

Notes:- (1) Above financial results have been audited by the statutory central auditors, C K Prusty & Associates, Chartered Accountants in line with the guidelines issued by NABARD and approved by the Board of Directors of the Bank in the meeting held on 04.05.2026. (2) The financial results have been arrived at after considering the accounting policies and practices followed in the previous financial year. (3) The financial results have been arrived at after considering provisions for Non-Performing Assets / Standard Assets as per the prudential norms issued by RBI and other required provisions. (4) Since the amalgamated bank is formed on 1st May 2025, the Balance Sheet and Profit and Loss Account has been prepared for the period from 01.05.2025 to 31.03.2026. (5) The comparative figures of April-2025 in the financial statements are taken from the opening financial statements of the Bank prepared on the basis of the special audit of erstwhile Odisha Gramya Bank and Utkal Grameen Bank as on date of dissolution i.e. 30.04.2025 as per guidelines of NABARD.

Bhubaneswar 04.05.2026 | Sd/- (Basudev Routaray) General Manager | Sd/- (Rishi Singh) Chairman

# ୧୨ ଘଣ୍ଟିଆ ତାଳଚେର ବନ୍ଦ, ଜୀବନ ଯାତ୍ରା ପ୍ରଭାବିତ

ତାଳଚେର, (ସବ୍ୟୁ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍ ରେ ରୋଗୀ ସେବା ଦାବୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ୧୨ ଘଂଟିଆ ତାଳଚେର ବନ୍ଦ ସଫଳ ହୋଇଛି। ଯାହା ଫଳରେ ତାଳଚେରରେ ରେଳ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୋକାନ ବଜାର, ବ୍ୟାଙ୍କ, ବିଭିନ୍ନ ସରକାରୀ ଅଫିସ୍ ଓ ବେସରକାରୀ ଅଫିସ୍ ସଂପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା। ତାଳଚେରର ଜନସାଧାରଣ ନିଜସ୍ୱ ଭାବେ ଏହି ବନ୍ଦକୁ ସମର୍ଥନ କରି ବନ୍ଦ ରେ ସାମିଲ୍ ହୋଇଥିଲେ।



ବହ୍ଲର ଛକ ଠାରେ ଜାତୀୟ ରାଜପଥକୁ ବନ୍ଦ କରିଥିବା କମିଟିର ସାଧାରଣ ସଂପାଦକ ବିଜୟ ପ୍ରଧାନ, ସୁରଥ ରଥ, ଗଦାଧର ପାତ୍ରଙ୍କୁ ପୋଲିସ୍ ଥାନାରେ ଅଟକ ରଖିଥିବା ସହ ମାମଲା ରୁଜୁ କରିଥିଲେ। ସେହିପରି କମିଟିର ସଭାପତି ଅଭୟ ପାଣିଙ୍କ ନେତୃତ୍ୱରେ କଂଗ୍ରେସ୍ ନେତା ପ୍ରଫୁଲ ଦାସ, ରୀତାରାଣୀ ଦାସ, ନଖିଆ ସାହୁ, ମନୋଜ ସାହୁ, ଗଗନ ଦାସ, ଶରତ ଦାସ, ବିନୋଦ ଲାଲ୍ ପ୍ରମୁଖ ଡେରା ଓଭରବ୍ରିଜ୍ ଠାରେ କୋଇଲା ବୋଝେଇ ଟ୍ରେନ୍‌କୁ ଅଟକ ରଖିଥିଲେ। ଏହି ଆନ୍ଦୋଳନକୁ ସମର୍ଥନ କରି ନିଜ କର୍ମୀ ମାନଙ୍କ ସହିତ ରେଳ ଚଳାଚଳକୁ ବନ୍ଦ କରିଥିଲେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ସେହିପରି ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ସୁଲେଖ ସେଠୀ, ଜିନେସ ସାହୁ, ପ୍ରଫୁଲ ନାଏକ, ଦାସରଥି ସାହୁ, ହରିହର ଦାସ, ସନ୍ତୋଷ ମହାରଣା, ବଳରାମ କୁଣ୍ଡଙ୍କ ନେତୃତ୍ୱରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ପେଟ୍ରୋଲ୍ ପମ୍ପ ଇତ୍ୟାଦି ଗୁଡ଼ିକୁ ବନ୍ଦ କରିଥିଲେ। ଏହି ଆନ୍ଦୋଳନରେ ପୂର୍ବତନ ସାଂସଦ ମହେଶ ସାହୁ, କଂଗ୍ରେସ୍ ନେତ୍ରୀ ସସ୍ମିତା ବେହେରା, ରାଜକିଶୋର ସାହୁ, ରମାକାନ୍ତ ସାମଲ, ଶୁଭେନ୍ଦୁ ରଥ, ଶେଷ ମହାନ୍ତି, ସୁଶାନ୍ତ ସାମଲ, ଧିରେନ୍ ପାଣି, ପ୍ରତାପ ପଟ୍ଟନାୟକ, ସନ୍ତୋଷ ଦେହୁରୀ, ବାସନ୍ତି ନାଥ, ଫିଂଟୁ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଶତାଧିକ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

# ଠିକାଦାରଙ୍କ ମନମାନି, ବିପଦରେ ସାଧାରଣ ଜନତା

ବଣଁରପାଳ, (ସବ୍ୟୁ): ବଣଁରପାଳ - ଅନୁଗୋଳ ପୁରୁଣା ୫୫ ନଂ ଜାତୀୟ ରାଜପଥ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଠିକାଦାର ମାନେ ବିରାଟ ବିରାଟ ଗର୍ତ୍ତ ଖୋଳି ଦୀର୍ଘ ଦିନ ପର୍ଯ୍ୟନ୍ତ ଖୋଲା ମେଲାରେ ଛାଡି ଦେଉଥିବାରୁ ଲୋକଙ୍କ ପାଇଁ ମରଣଯନ୍ତା ସୃଷ୍ଟି କରିଛନ୍ତି ବୋଲି ଅଭିଯୋଗ ହେଉଛି ।

ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ପାଇଁ ବର୍ତ୍ତମାନ ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରିଯାନ ଦୁଇ ଓ ଚାରିଚକିଆ ଗାଡ଼ି ଚଳାଚଳ କରୁଛି । ଏହା ଏକ ବ୍ୟସ୍ତ ବହୁଳ ରାସ୍ତାକୁ ଟେଲିଫୋନ କେବୁଲ କାମ କରିବାକୁ ଠିକା ସଂସ୍ଥା ନାଲକୋ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ପାଶ୍ୱର୍ ବିଭିନ୍ନ ସ୍ଥାନରେ ବିରାଟ ଗର୍ତ୍ତ ଖୋଳି ଦେଇଛନ୍ତି । ଗାତ ଖୋଳିବା ସ୍ଥାନରେ କୌଣସି ସୂଚନା ନାହିଁ କିମ୍ବା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ପ୍ରତିଦିନ ଗାଈ ଗୋରୁ ମାନେ ଗାତରେ ପଡି ଆହତ ହେଉଥିବା ଅଭିଯୋଗ ହେଉଛି । ଏପରିକି ବର୍ଷା ପାଣି ଜମି ରହୁଥିବାରୁ ପଥଚାରୀ ମାନେ ଗାତରେ ପଡ଼ି ଗୁରୁତର ଆହତ ହେଉଛନ୍ତି । ବିଶେଷ କରି ରାତ୍ରି ସମୟରେ ଦୁଇ ଓ ଚାରିଚକିଆ ଗାଡ଼ି ଚାଳକ ମାନେ ଗର୍ତ୍ତ ଦେଖିବା କଷ୍ଟସାଧ ହେଉଥିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଠିକାଦାରଙ୍କ ମନମାନି କାର୍ଯ୍ୟକୁ ବିଭାଗୀୟ ଅଧିକାରୀ କିଭଳି ଦେଖି ପାରୁ ନାହାଁନ୍ତି ବୋଲି ଚର୍ଚ୍ଚା ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ତାଳଚେର ପୌରପରିଷଦ ଉପନଗରପାଳଙ୍କ ବିରୁଦ୍ଧରେ ଆସିଲା ଅନାସ୍ଥା ପ୍ରସ୍ତାବ

ତାଳଚେର, (ସବ୍ୟୁ) : ତାଳଚେର ପୌରପରିଷଦ ଉପନଗରପାଳ କାର୍ଯ୍ୟ କରିବା ଅସମର୍ଥ ଓ ଦୀର୍ଘଦିନ ହେବ କାଉନସିଲ ବୈଠକରେ ଅନୁପସ୍ଥିତ ରହୁଥିବାରୁ ବିଜେଡ଼ି ଦଳର ଉପନଗରପାଳ ଶୁଭଶ୍ରୀ ଶୁସ୍ମିତା ପ୍ରଧାନଙ୍କ ବିରୁଦ୍ଧରେ ଅଣାଯାଇଛି ଅନସ୍ତା ପ୍ରସ୍ତାବ । ୧ନଂ ୱାର୍ଡ଼ର ଆସିଫ ଖାନ, ୨ନଂ- ଯଶୋବନ୍ତ ମିଶ୍ର, ୩ନଂ- ଲିପିକା ବେହେରା, ୪-ସଞ୍ଜିବ କୁମାର ବେହେରା, ୬ନଂ- ଜିତେନ୍ଦ୍ର ଭୂତିଆ, ୮ନଂ- ସନ୍ତୋଷ ବେହେରା, ୯ନଂ- ମମତା ରାଉତ, ୧୦ନଂ- ଅଜିତ ସାହୁ, ୧୧ନଂ- ନିରୁପମା ପଟ୍ଟନାୟକ, ୧୨ନଂ- ସଞ୍ଜିବ ଗଡ଼ନାୟକ, ୧୪ନଂ- ବଲବିନ୍ଦର କୌର, ୧୫ନଂ- ସରିତାପାଳ, ୧୬ନଂ- ସ୍ୱାଧିନ ଥମ୍ବ, ୧୮ନଂ- ଲୀନା ସାହୁ, ୨୦ନଂ- ସାନ୍ତନୁ ମିଶ୍ର, ୨୧ନଂ- ଅନିତା ବିଶ୍ୱାଳ ଏପରିକି ବିଜେପିର ୧୬ଜଣ କାଉନସିଲର ଆଜି ଅନୁଗୋଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡ଼ିଏମଙ୍କୁ ଏସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି । ପ୍ରକାଶ ଥାଉକି, ୨୧ଟି ଓ୍ୱାର୍ଡ଼କୁ ନେଇ ତାଳଚେର ପୌରପରିଷଦ ଗଠନ କରାଯାଇଥିବା ବେଳେ ତାଳଚେର ନଗରପାଳ ସମେତ ସର୍ବାଧିକ କାଉନସିଲର ବିଜେପିରେ ଯୋଗଦାନ କରିବା ପରେ ବିଜେଡ଼ିର ୫ଜଣ କାଉନସିଲର ରହିଛନ୍ତି । ତେଣୁ ଆଗାମୀ ଦିନରେ ତାଳଚେର ପୌରପରିଷଦ ରୂପରେଖ କଣ ହେଉଛି ତାହା ସମୟ କହିବ ।

# ଜିଲ୍ଲା ଫାର୍ମାସୀ ଅଧିକାରୀ ସଙ୍ଘର ଦାବିପତ୍ର



ଅନୁଗୋଳ, (ସବ୍ୟୁ): ଓଡିଶା ଫାର୍ମାସି ଅଧିକାରୀ ସେବାସଙ୍ଘର ଐକିକ ଦାବୀ ସମ୍ବଳିତ ଦାବୀପତ୍ର ଅନୁଗୋଳ ଜିଲ୍ଲାଶାଖା ତରଫରୁ ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା: ମଦନ ମୋହନ ପ୍ରଧାନଙ୍କୁ ତାଙ୍କ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଔଷଧ ବଣ୍ଟନଠାରୁ ବିଭିନ୍ନ ଯୋଜନା, ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଅଙ୍ଗାଙ୍ଗୀଭାବେ ଜଡିତ ହୋଇ ଫାର୍ମାସି ଅଧିକାରୀଙ୍କ ନ୍ୟାର୍ଯ୍ୟ ଦାବିପ୍ରତି ଉପେକ୍ଷା କରାଯାଇ ଆସୁଥିବାରୁ 'ଭାରତୀୟ ଫାର୍ମାସି ପରିଷଦ' ପ୍ରସ୍ତାବିତ ଚିଠାମତେ ଓଡିଶା ରାଜ୍ୟ ରାଜ୍ୟ ଦରମା ସଂଶୋଧନ ନିୟମ-୨୦୧୭ର 'ପେ-ବ୍ୟାଣ୍ଡ-୦୨' ଅନୁସାରେ ଫାର୍ମାସି ଅଧିକାରୀଙ୍କ ଦରମା ସଂଶୋଧନ ଓ ପ୍ରଦାନ ନିମନ୍ତେ ଦାବି କରାଯାଉଛି ।

ଦାବି ପ୍ରଦାନ ବେଳେ ଜିଲ୍ଲା ଅଧିକାରୀ ଅଧିକାରୀଗଣ ଏଡିପିଏଚଓ (ଏଫ), ଏଡିପିଏଚଓ (ଟିବି ), ଏଡିପିଏଚଓ (ଭିବିଡି), ଡିଏମଆରସିଏଚ (ଏନଏଚଏମ) ଓ ସଙ୍ଘ ଶାଖାର ମୁଖ୍ୟ ଉପଦେଷ୍ଟା ମହମ୍ମଦ ଆସଲମ, ଶାଖା ସଭାପତି ସଞ୍ଜୟ କୁମାର ପ୍ରଧାନ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, କୋଷାଧକ୍ଷ ସୂଚିତକୁମାର ଗଡ଼ନାୟକ, ଅଜିତକୁମାର ସାହୁ, ସ୍ମୃତିରଞ୍ଜନ ସାହୁ, ବିଷ୍ଣୁଚରଣ ସାହୁ ଚିନ୍ମୟ କୁମାର ପଟ୍ଟନାୟକ ହରିପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବଇଣ୍ଡାରେ ଚନ୍ଦନ ଯାତ୍ରାରେ ୪୦ ହଜାର ଲୋକଙ୍କ ସମାଗମ

ଠାକୁରଗଡ଼, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଗ୍ରାମରେ ଗୁରୁବାର ଦିନ ଉପଖଣ୍ଡ ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି । ସନ୍ଧ୍ୟାରେ ପ୍ରଭୁ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ବିମାନରେ ଉପରେ ବସାଇ ଚନ୍ଦନ ପୋଖରୀକୁ ଅଣାଯାଇ ସେଠାରେ ଶୌଚ କରାଯିବା ପରେ ଏକ ଶୋଭାଯାତ୍ରା ମାଧମରେ ପ୍ରଥମେ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା । ସେଠାରେ ପୂଜକ ମଦନ ମୋହନ ମିଶ୍ର ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଚନ୍ଦନ ନଗର ଠାରୁ ବଇଣ୍ଡା ପରିକ୍ରମା କରାଯାଇଥିଲା । ଯାତ୍ରା ପଡିଆରୁ ଦେଇ ଶୋଭାଯାତ୍ରା ଆସି ରାଧାକୃଷ୍ଣଙ୍କୁ ଚନ୍ଦନ ପୋଖରୀକୁ ନିଆଯାଇଥିଲା । ସେଠାରେ ସୁସଜ୍ଜିତ ନୌକାରେ ଚାପ ଖେଳ ସହ ଆତସବାଜି ପ୍ରଦର୍ଶନ ହୋଇଥିଲା । ପ୍ରଭୁ ରାଧାକୃଷ୍ଣଙ୍କ ଶୋଭାଯାତ୍ରାରେ ଓଡ଼ିଶୀ ସଂକୀର୍ତ୍ତନ, ହାତୀ, ଘୋଡ଼ାନାଚ, ଦୁଲୁଦୁଲି ବାଦ୍ୟ, ଆତସବାଜି ସହ ଡିଜେ ସାଉଣ୍ଡ ସାମିଲ କରାଯାଇଥିଲା । ମନୋରଞ୍ଜନ ପାଇଁ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଅପେରା ନାଟକ ପରିବେଷଣର ବ୍ୟବସ୍ଥା କରାଯାଇଛି । ଯାତ୍ରା କମିଟି ପକ୍ଷରୁ ଯାତ୍ରା ପଡିଆକୁ ବ୍ୟାପକ ସାଜସଜ୍ଜା କରାଯାଇଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା । ପୂରା ଗାଁକୁ ଆକର୍ଷଣୀୟ ଲାଇଟ ମାଧମରେ ସାଜସଜ୍ଜା କରାଯାଇଥିଲା । ବିଦ୍ୟୁତ ବିଭାଗ ପକ୍ଷରୁ ପଡିଆକୁ ଆଲୋକିକରଣ କରାଯାଇଥିଲା । ଏଥିରେ ୪୦ ହଜାରରୁ ଉର୍ଦ୍ଧ ଲୋକଙ୍କ ସମାଗମ ହୋଇଥିବା ବେଳେ ମିନାବଜାର ସହ ବହୁ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପସରା ଖୋଲିଛନ୍ତି । ହଣ୍ଡପା ଆଇଆଇସି ରାଜେସ ଶତପଥି ଓ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ଅନୁଗୋଳ, (ସବ୍ୟୁ) : ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ମିନି କନଫରେନ୍ସ ହଲାରେ ଜିଲ୍ଲା ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ବିଶ୍ୱ ରେଡକ୍ରସ୍ ଦିବସ-୨୦୨୬ ପାଳିତ ହୋଇଯାଇଛି ।




ଚଳିତ ବର୍ଷର ବାର୍ତ୍ତା ମାନବିକତା ପାଇଁ ଏକତା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେଇ ମାନବିକତା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାନବିକ କଲ୍ୟାଣ ତଥା ସ୍ୱେଚ୍ଛାକୃତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ 'ପ୍ରଶଂସା ପତ୍ର' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳଛତ୍ର ପାଇଁ ପ୍ରଶାସନର ଆନ୍ତରିକତା ନଥିବା ଅଭିଯୋଗ

ଓଡାପଡା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକକୁ ବିଭିନ୍ନ କାର୍ଯ୍ୟ ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଯିବା ଆସିବା କରିଥିବା ଲୋକମାନେ ପିଇବାକୁ ପଣି ମୁନ୍ଦାଏ ପାଇଁ ତହଳବିକଳ ହେଉଥିବା ଦେଖିବାକୁ ମିଳିଛି। ଓଡ଼ାପଡ଼ା ବ୍ଲକ ନିକଟରେ ହିନ୍ଦୋଳରୋଡ ବଜାର ସହିତ ରେଲଷ୍ଟେସନ ରହିଛି । ଓଡ଼ାପଡ଼ା ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ନିକଟରେ ଓଡ଼ାପଡ଼ା ଓ ବାଙ୍ଗୁରସିଂହ ପଞ୍ଚାୟତ ରହିଛି । ଏହି ଅଞ୍ଚଳରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ । ଖରାଦିନେ ବଜାର ଘାଟରେ ଯାତାୟାତ କରୁଥିବା ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିଲେ ମଧ ଓଡ଼ାପଡ଼ା ବ୍ଲକ ପ୍ରଶାସନ କିମ୍ବା ଗ୍ରାମ ପଞ୍ଚାୟତଗୁଡ଼ିକ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି ।

ବେଳେବେଳେ କିଛି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟଜଳ ଯୋଗାଇ ଦେଉଥିବା ଦେଖିବାକୁ ମିଳିଥାଏ । ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚଳିତ ବର୍ଷ ଓଡ଼ାପଡ଼ା ପ୍ରଶାସନ କିମ୍ବା ଅନ୍ୟ କୌଣସି ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲା ଯାଇ ନଥିବା ଜଣାପଡ଼ିଛି ।

## ରେଳ ଲାଇନରୁ ଯୁବକଙ୍କ ଶବ ଉଦ୍ଧାର

ବଇଣ୍ଡା, (ସବ୍ୟୁ): ହଣ୍ଡପା ଥାନା ଅନ୍ତର୍ଗତ ବଇଣ୍ଡା ଓଭର ବ୍ରିଜ ତଳ ରେଳ ଲାଇନରୁ ଏକ ଯୁବକର ଶବ ଉଦ୍ଧାର କରିଛି ରେଲୱେ ପୁଲିସ । ଶବ ଉଦ୍ଧାର କରି କିଶୋରନଗର ମେଡିକାଲକୁ ପଠେଇ ଦିଆଯାଇଛି । ସୂଚନାରୁ ସେ ଏଲଆଣ୍ଡଟି କମ୍ପାନୀରେ କାମ କରୁଥିବାର ଜଣାପଡିଛି । ସେ ବାଇକରେ ଓଭର ବ୍ରିଜ ଦେଇ ଗଲାବେଳେ ସିଧା ତଳକୁ ଗଳି ପଡ଼ିଥିବାରୁ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ଉପଖଣ୍ଡ ଟପ୍ପରଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ମା ମାହେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ପୁନିତ କୁମାର ସାହୁଙ୍କୁ ବୁଧବାର ଦିନ ଆଠମଲ୍ଲିକ ବିଧାନସଭା ଭାଜପା ତରଫରୁ ନାକିଚି ଠାରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ଭାଜପା ନେତା ଅର୍ଜୁନ କୁମାର ସାହୁ ଯୋଗ ଦେଇ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଭାଜପା ଉପସଭାପତି ଅଞ୍ଜଳି ପ୍ରଧାନ ବରିଷ୍ଠ ଭାଜପା ନେତା ଡ଼ ଅଲେଖ ପ୍ରଧାନ, ନାକଚି ମଣ୍ଡଳ ସଭାପତି ସଞ୍ଜିବ କୁମାର ପାତ୍ର , ଦିଲ୍ଲୀପ ପ୍ରଧାନ, ତ୍ରିଲୋଚନ ବାରିକ, ସତ୍ୟବ୍ରତ ସାହୁ, ବଇଣ୍ଡା ମଣ୍ଡଳର ପୂର୍ବତନ ମଣ୍ଡଳ ସଭାପତି ବାନାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ମୃତକଙ୍କ ପରିବାରଙ୍କୁ ଭେଟିଲେ ବିଜେପି ନେତା

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ମାଧପୁର ମଣ୍ଡଳ ମାଧପୁର ଗ୍ରାମର ଜ୍ୟୋତ୍ସ୍ନା ରାଣୀ ବିଶ୍ୱାଳ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ । ଖବର ପାଇ ବିଜେପି ନେତା ଅର୍ଜୁନ କୁମାର ସାହୁ ତାଙ୍କ ବାସଭବନରେ ସାକ୍ଷାତ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆର୍ଥିକ ସହଯୋଗର ହାତ ବଢ଼ାଇ ଥିଲେ । ଶ୍ରୀ ସାହୁଙ୍କ ସହିତ ମାଧପୁର ମଣ୍ଡଳର ବିଜେପି ସାଧାରଣ ସମ୍ପାଦକ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ପ୍ରଧାନ, ଭୀମ ସେନ ମହାକୁଡ, କାମ୍ପଲା ପଞ୍ଚାୟତର ବିଜେପି ସଭାପତି ବୈଷ୍ଣବ ପ୍ରଧାନ, ଅଏଡ଼ା ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଭାପୁର ପୀଡିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ବିକ୍ଷୋଭ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଭାପୁର ଅଞ୍ଚରେ ବଳକାର ହୋଇଥିବା ଓ ମରଣାନ୍ତକ ଆକ୍ରମଣକ ରାଯାଇଥିବା ପୀଡିତା ଅଶାନ୍ତି ନାଏକଙ୍କୁ ନ୍ୟାୟ ଦାବୀରେ ଶୁକ୍ରବାର ପୂର୍ବାହ୍ନରେ ପୂର୍ବତନ ବିଧାୟକ ସୁଧିର କୁମାର ସାମଲଙ୍କ ନେତୃତ୍ୱରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସକାଳ ୧୦ ଘଟିକା ସମୟରେ ଗଣେଷ ବଜାର ଠାରୁ ଶତାଧିକ ମହିଳାଙ୍କ ସହ ବିଜେଡି ନେତୃବୃନ୍ଦ ଏକ ବିଶାଳ ଶୋଭାଯାତ୍ରାରେ ଏସ୍‌ପି ଅଫିସ ପର୍ଯ୍ୟନ୍ତ ଆସିଥିଲେ । ଶୋଭାଯାତ୍ରା ସମୟରେ ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେବା ସହ ପୀଡିତାଙ୍କୁ ନ୍ୟାୟ ଦେବା ସହ ଅପରାଧିକୁ ତୁରନ୍ତ ଗିରଫ କରିବା ଓ ଭାପୁର ଫାଣ୍ଡିରେ ଥିବା ଫାଣ୍ଡି ଅଧିକାରୀଙ୍କୁ ବହିଷ୍କାର କରିବା ପାଇଁ ଦାବୀ କରିଥିଲେ । ଏହି ଘଟଣା ଆଜକୁ ୧୨ଦିନରୁ ଉଦ୍ଧର୍ ଦିନ ହେବ ଘଟିଯାଇଥିଲେ ମଧ ଅପରାଧିକୁ ଏପର୍ଯ୍ୟନ୍ତ ଧରା ଯାଇନାହିଁ । ଏସବୁ ସମ୍ପର୍କରେ ଏସ୍‌ପିଙ୍କ ନିକଟରୁ ବୁଝିବା ପାଇଁ ପୂର୍ବତନ ବିଧାୟକ ସୁଧିର ସାମଲଙ୍କ ସହ ଢେଙ୍କାନାଳ ଲୋକସଭା ସାଂସଦପ୍ରାର୍ଥୀ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ଼ ଅବିନାଶ ସାମଲ, ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦିପ ଷଡଙ୍ଗୀ, ଜିଲା ବିଜେଡି ମହିଳା ସଭାପତି ସାଗରୀକା ମିଶ୍ର, ବିଜେଡି ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭାଲକ୍ଷ୍ମୀ ସାହୁ,



ଛାତ୍ର ବିଜେଡି ସଭାପତି ଆରିୟନ ଦାସ, ଭୁବନ ପୂର୍ବତନ ଅଧକ୍ଷ ଧର୍ମାନନ୍ଦ ବରାଳ, ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତା ରାଣୀ ନାୟକ, କାଉନସିଲର ଲିପିକା ଦାସ, ନାରିନେତ୍ରୀ ଉର୍ବଶୀ ମହାପାତ୍ରଙ୍କ ସହିତ ପୀଡିତାଙ୍କ ମା ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଏହି ସମୟରେ ଏସ୍‌ପି କହିଥିଲେ ଯେ ଆମେ ଅପରାଧି ସମ୍ପର୍କରେ ସୁରାକ ପାଇଛୁ ତାକୁ ଖୁବ ଶୀଘ୍ର ଧରାଯିବ ।

ଏହା ସହିତ ପୀଡିତାର ବୟାନ ଆମେ ରେକଡିଙ୍ଗ କରିଛୁ, ସେ ମେଡିକାଲରୁ ଆସିଲା ପରେ ଆଇନ ଅନୁଯାୟୀ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଆଉ ଏକ ବୟାନ ରେକଡିଙ୍ଗ କରାଯିବ । ଏଥିସହିତ ପୀଡିତା କିପରି ଅଧିକା କ୍ଷତିପୂରଣ ରାଶି ପାଇପାରିବେ ସେଥିପାଇଁ ମାଜିଷ୍ଟ୍ରେଟ୍‌ଙ୍କ ସହ ଏକ ଟିମ ଏ ସମ୍ପର୍କରେ ନିଷ୍ପତି ଗ୍ରହଣ କରିବେ ବୋଲି କହିଥିଲେ । ପରେ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦଳ ତରଫରୁ ଏକ ସ୍ମାରକ ପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା । ଏହି ଭିକ୍ଷୋଭକୁ ବିଜେଡି ଜିଲା ଉପସଭାପତି ଦେବାଶିଷ ମିଶ୍ର ପରିଚାଳନା କରିଥିବା ବେଳେ ବିଜେଡି ଉପସଭାପତି ଅଜୟ କୁମାର ଭଞ୍ଜ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ବିଜେଡି ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଯୁବ ନେତା ଶ୍ରୀକାନ୍ତ ଧଳ , ଜିଲ୍ଲା ବିଜେଡି ସାଧରଣ ସମ୍ପାଦକ ଶୁଭ ପଣ୍ଡା, ପୂର୍ବତନ ଛାତ୍ର ସଭାପତି ସୁରଜ ମହାପାତ୍ର , ବିଜେଡି କାଉନସିଲର ସାଗିର ମହମ୍ମଦ, ଜିଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡା, ରଞ୍ଜନ ନାୟକ , ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ମହିଳା ବିଜେଡି ନଗର ସଭାପତି ଶ୍ରଦ୍ଧାଞ୍ଜଳୀ ସାହୁ, ଓମପ୍ରକାଶ ନାୟକ ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି ମହିଳା, ଯୁବ ଓ ଛାତ୍ର ବିଜେଡିର କର୍ମୀମାନେ ସାମିଲ ଥିଲେ । ଏହି ଅବସରରେ ସାଂସଦ ପ୍ରାର୍ଥୀ ଡ଼ ଅବିନାଶ ସାମଲ କହିଥିଲେ ଯେ ଆମେ ପୂର୍ବରୁ ଯାଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡିତାଙ୍କୁ ଭେଟି ଥିଲୁ। ଆଜି ଏସମ୍ପର୍କରେ ପୁଣିଥରେ ଏସ୍‌ପିଙ୍କୁ ଭେଟି ପୀଡିତାଙ୍କ ବଷୟରେ କହିଲୁ, ଯଦି ଅପରାଧିକୁ ତୁରନ୍ତ ଗିରଫ କରାନଯାଏ ତେବେ ବିଜେଡି ଏହି ଆନ୍ଦୋଳନକୁ ତୀବ୍ରତର କରିବ ।

## ରେଙ୍ଗାଲିରେ ଶିଶୁ ସୁରକ୍ଷା ଓ ଡିଜିଟାଲ ସୁରକ୍ଷା ଅଭିଯାନ

ରେଙ୍ଗାଲି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ଥାନା ପକ୍ଷରୁ ଓଡିଶା ପୋଲିସ ଓ୍ୟୁନିସେଫ ସହ ଶହଭାଗିତାରେ ଶୁକ୍ରବାର ଅପରାହ୍ନରେ ଯୁଙ୍ଗେଟିକା ବିଷୟରେ ଆଲୋଚନା ହୋଇଥିଲା । କୁଙ୍ଗେଟିକା ହେଉଛି ଶିଶୁ ସୁରକ୍ଷା, ସାଇବର ସଚେତନତା, ଡିଜିଟାଲ ସୁରକ୍ଷା, ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ଦେବା ଭଳି ବିଭିନ୍ନ ବିଷୟରେ ରେଙ୍ଗାଲି ଥାନାର ମହିଳା ଓ ଶିଶୁ ସୁରକ୍ଷା ଡେସ୍କ ଦାୟିତ୍ୱରେ ଥିବା ଏଏସଆଇ ରେବତୀ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଆଇଆଇସି ଚଞ୍ଚଳା ନାୟକ, ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ବୈଷ୍ଣବ ପୃଷ୍ଟି, ସେଣ୍ଟ ଜାଭିୟର ସ୍କୁଲର ପ୍ରିନସିପାଲ ଶୁଭସ୍ମିତା ପଣ୍ଡା, ରେଙ୍ଗାଲି ୧ ର ଅଙ୍ଗନଓ୍ୱାଡି ଓ୍ୱାର୍କର ସାନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, କିଶୋରୀ ବାଳିକା ମାନଙ୍କୁ ମୋବାଇଲର ସଦ୍ ବିନିଯୋଗ, ଅଜଣା ଲୋକଙ୍କୁ ନିଜର ବ୍ୟାଙ୍କ ଓଟିପି ଓ ତଥ୍ୟ ନଦେବା, ରାସ୍ତାରେ ଯିବା ଆସିବା ବେଳେ ଅଜଣା ବ୍ୟକ୍ତି ଠାରୁ ସାହାଯ୍ୟ ନେବା ପୂର୍ବରୁ ତାଙ୍କୁ ଠିକ ଭାବେ ଜାଣିବା, ଓ ଯଦି କିଏ ଅସଦ ବ୍ୟବହାର କରେ ତେବେ ତୁରନ୍ତ ନିଜ ଅଭିଭାବକ ଓ ନିକଟସ୍ଥ ଥାନାରେ ଜଣାଇବାକୁ ଅନୁରୋଧ କରିବା ସହିତ ସଚେତନ କରିଥିଲେ । ଅଠର ବର୍ଷରୁ କମ ବୟସର ପୁଅ ଝିଅଙ୍କ ବିବାହକୁ ରୋକିବା ଭଳି ବିଭିନ୍ନ ସଚେତନ ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । ତାପରେ ଉପସ୍ଥିତ କିଶୋରୀ ବାଳିକା ମାନଙ୍କୁ ଥାନା ଭିତରେ ବୁଲେଇ କାହାର କାମ କଣ ସେ ବିଷୟରେ ଅବଗତ କରାଯାଇଥିଲା । ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ରେଙ୍ଗାଲି ଅଞ୍ଚଳର ସମସ୍ତ ଆଶା ଦିଦି, ଅଙ୍ଗନଓ୍ୱାଡି ଓ୍ୱାର୍କର ଯୋଗ ଦେଇଥିଲେ ।

## ବ୍ରିଜ ତଳକୁ ଖସି ପଡିଲା ବାଇକ, ଜଣେ ମୃତ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା - ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା ବଇଣ୍ଡା ରେଳ ଓଭର ବ୍ରିଜ ତଳକୁ ଶୁକ୍ରବାର ଦିନ ଏକ ବାଇକ ଭାରସ୍ୟାମ ହରାଇ ଖସି ପଡିଛି । ଫଳରେ ଏହି ଦୁର୍ଘଟଣାରେ ଅନୁଗୋଳ ବ୍ଲକ ପଞ୍ଚ ମହଲା ଅଞ୍ଚଳର ନିର ପ୍ରଧାନଙ୍କର ଘଟଣା ସ୍ଥଳରେ ମୃତ ହୋଇଛି । ଘଟଣାରୁ ଜଣା ପଡିଛି ଯେ, ନିର ତାଙ୍କ ବାଇକ ନମ୍ବର (ଓଡି ୧୯ ଏସି ୯୪୩୨) ଯୋଗେ ଆଠମଲ୍ଲିକରୁ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ବ୍ରିଜ ନିକଟରେ ଭାରସ୍ୟାମ ହରାଇ ବ୍ରିଜର ବାଡାରେ ଧMI ଦେଇ ବ୍ରିଜ ତଳକୁ ରେଳ ଧାରଣାକୁ ଖସି ପଡ଼ିଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ବଇଣ୍ଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଁଚି ବାଇକକୁ ଜବତ କରି ଏକ ମାମଲା ରୁଜୁ କରିଛି ।

# ଢେଙ୍କାନାଳରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ




ଢେଙ୍କାନାଳ, (ସବ୍ୟୁ) : ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ଢେଙ୍କାନାଳ ରକ୍ତଭଣ୍ଡାର ପରିସରରେ ଭାରତୀୟ ରେଡକ୍ରସ୍ ସୋସାଇଟି, ଢେଙ୍କାନାଳ ଶାଖା ଓ ରେଡ୍ କ୍ରସ୍ ରାପିଡ୍ ରେସ୍ପନ୍ସ ଗ୍ରୁପ୍ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗମ୍ଭୀର ଓ ସେବାମୟ ପରିବେଶରେ ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ଭାରତୀୟ ରେଡକ୍ରସ୍ ସୋସାଇଟି, ଢେଙ୍କାନାଳ ଶାଖାର ଉପାଧକ୍ଷ ରୋଟାରିୟାନ ରାଜ କିଶୋର ବେହେରା ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସେ ରେଡକ୍ରସ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଂଟ୍ ଜୀବନୀ, ରେଡକ୍ରସ୍ ଓ ରେଡକ୍ରିସେଣ୍ଟ ସଂଗଠନର ଗଠନ ଏବଂ ମାନବ ସେବାରେ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବର୍ଷର ବିଷୟବସ୍ତୁ ୟୁନାଇଟେଡ୍ ଇନ୍ ହ୍ୟୁମାନିଟି" ଅର୍ଥାତ୍ ମାନବିକତାରେ ଏକତାକୁ ଆଧାର କରି ସେବା, ସହଯୋଗ ଓ ମାନବିକତାର ବାର୍ତ୍ତା ପ୍ରଚାର କରିବାକୁ ସଦସ୍ୟମାନଙ୍କୁ ଆହ୍ୱାନ କରାଯାଇଥିଲା । ରେଡକ୍ରସ୍ ଲାଇଫ ମେମ୍ବରମାନଙ୍କ ଦ୍ୱାରା କେକ୍ କାଟି ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରାଯାଇଥିଲା । ପରମାନନ୍ଦ ପଣ୍ଡା, କାଦମ୍ବରୀ ମହାଖୁଡ଼, ରଶ୍ମିତା ରଥ, ସ୍ୱପ୍ନା ଜେମ୍ସ, ରାମେଶ୍ୱର ମାଇତୀ, ସୁଜିତ୍ ନନ୍ଦ, ନାରାୟଣ ପୋଦାର, ଚିନ୍ମୟ ଜେନା ଓ ଦୀପୁନା ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ମାନବ ସେବା ହିଁ ସର୍ବୋତ୍କୃଷ୍ଟ ସେବା ଏହି ମହାନ ବାର୍ତ୍ତାକୁ ନେଇ ରେଡକ୍ରସ୍ ସମାଜର ପ୍ରତ୍ୟେକ ଦୁଃଖ, ବିପଦ ଓ ସଙ୍କଟ ସମୟରେ ଆଶାର ଆଲୋକ ସ୍ୱରୂପ ସଦା ସର୍ବଦା ମାନବତାର ସେବାରେ ନିୟୋଜିତ ରହିଆସିଛି । ଶେଷରେ କାଦମ୍ବରୀ ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଠମଲ୍ଲିକ ଥାନାରେ ସାଇବର ବାଲ୍ୟ ବିବାହ ସଚେତନତା ବୈଠକ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଙ୍ଗନଓ୍ୱାଡୀ ଓ୍ୱାର୍କର ମାନଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସ୍ତରରେ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମକୁ ଭିସି ମାଧମରେ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଯାଇଥିଲା ।



ରାଜ୍ୟସ୍ତରୀୟ ସଚେତନତା ସଭାରେ ଡ଼ିଜି ଓ୍ୱାଇବି ଖୁରାନିଆ ଛାତ୍ରଛାତ୍ରୀ ମାନଙ୍କୁ ବିଶେଷ କରି ସାଇବର କ୍ରାଇମ, ବାଲ୍ୟ ବିବାହ ଓ ସୋସିଆଲ ମିଡ଼ିଆରେ ନିଜର କୌଣସି ତଥ୍ୟ ସେୟାର ନକରିବା ଉପରେ ବୁଝାଇ ଥିଲେ । ତତସହିତ ନିଜର କିଛି ଅସୁବିଧା ହେଲେ ଭୟ ନକରି ଥାନାକୁ ଆସି ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରିଲା ପରେ ଅତିରିକ୍ତ ଆଇଆଇସି ବିକାଶ କୁମାର ସାମଲ, ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଏସଆଇ କାର୍ତ୍ତିକ ବେହେରା, ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ ପ୍ରମୁଖ ସୋସିଆଲ ମିଡ଼ିଆର ସଦୁପଯୋଗ କରି ଅନଲାଇନରେ ଶିକ୍ଷା ଗ୍ରହଣ କରି ନିଜର ଉଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେବା ସହିତ ଅଭିଭାବକ ଅଭିଭାବିକାଙ୍କ ପରାମର୍ଶକୁ ଗ୍ରହଣ କରି ଦୈନନ୍ଦିନ ଚଳଣିରେ ପରିବର୍ତ୍ତନ ଆଣିବାକୁ କହିଥିଲେ । ତତସହିତ ସାଇବର କ୍ରାଇମରେ ହଇରାଣ ହେଲେ ତୁରନ୍ତ ଥାନାକୁ ଆସି ଅଭିଯୋଗ କରିବାକୁ କହିଥିଲେ । ଏହି ଅବସରରେ ଛାତ୍ରୀ ପ୍ରଜ୍ଞାପରମିତା ନାଏକ, ଆଦ୍ୟାଶ୍ମିତା ପ୍ରଧାନ ପୋଲିସ ଷ୍ଟେସନକୁ ଆସି ଭୟମୁକ୍ତ ବାତାବରଣ ଦେଖି ଖୁସି ବ୍ୟକ୍ତ କରିବା ସହିତ ସଙ୍ଗୀତ ଗାନ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ସୁପର ଭାଇଜର କୁନି ସାମାଡ, ଅଙ୍ଗନ ଓ୍ୱାଡି କର୍ମୀ ଲିଜାରାଣୀ ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ବହୁ ଅଙ୍ଗନ ଓ୍ୱାଡି ଓ୍ୱାର୍କର ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଏଏସଆଇ ନେପାଳ ପଟ୍ଟା, ନରୋତ୍ତମ ମାଝୀ, ମନୋଜ କୁମାର ସାହୁ, ସଞ୍ଜୟ କୁମାର ନାଏକ, କର୍ମଚାରୀ ଶିଶିର ବେହେରା, ପ୍ରିୟରଞ୍ଜନ ସେଠୀ, ବାସୁଦେବ ସାହୁ, ରମେଶ ପ୍ରଧାନ, ସଞ୍ଜୟ ପ୍ରଧାନ, ପିଙ୍କି ପ୍ରଧାନଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଘରୁ ନାଗ ସାପ ଉଦ୍ଧାର

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ବିଶ୍ୱନାଥ ଦେହୁରୀଙ୍କ ଘରୁ ଶୁକ୍ରବାର ଦିନ ଏକ ବିଷାକ୍ତ ନାଗ ସାପକୁ ଉଦ୍ଧାର କରାଯାଇଛି । ବାହାର ଅଞ୍ଚଳରୁ ଏକ ନାଗସାପ ବିଶ୍ୱନାଥଙ୍କ ଘର ଭିତରକୁ ପଶିଆସିଥିଲା । ଉକ୍ତ ନାଗ ସାପକୁ ବିଶ୍ୱନାଥଙ୍କ ପରିବାର ଲୋକେ ଦେଖି



ଭୟରେ ବାହାରକୁ ପଳାଇ ଆସିଥିଲେ । ପରେ ଉକ୍ତ ବିଷାକ୍ତ ନାଗ ସାପକୁ ଉଦ୍ଧାର କରିବା ପାଇ ବିଶ୍ୱନାଥ ମାଧପୁର ଅଞ୍ଚଳ ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ । ଖବର ପାଇ ସିଦ୍ଧେଶ୍ୱର ବିଶ୍ୱନାଥଙ୍କ ଘରେ ପହଁଚି ସୁରକ୍ଷିତ ଅବସ୍ଥାରେ ଉକ୍ତ ନାଗସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲରେ ଛାଡିଥିଲେ ।

# ଯାତ୍ରୀବାହୀ ବସ ପଛପଟୁ ଧକ୍କା ଦେଲା ହାଇୱା, ୩୦ ଯାତ୍ରୀ ଆହତ




କେନ୍ଦୁଝର/ଢେଙ୍କୀକୋଟ, (ସବ୍ୟୁ) : ଘଟଗାଁ ଥାନା ୨୦ ନମ୍ବର ଜାତୀୟ ରାଜପଥ ମସିଣାବିଲ୍ଲା ଛକ ନିକଟରେ ଗତକାଲି ରାତ୍ରି ୧୧.୩୦ମି ସମୟରେ ଘଟିଯାଇଛି ଏକ ଭୟାବହ ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ ମା' ପଦ୍ମାବତୀ ନମ୍ବର ଓଡ଼ି୧୧ ଜେ -୯୪୬୪ ଅନ୍ୟୁନ ୩୦ରୁ ଅଧିକ ଯାତ୍ରୀ ନେଇ ରାଇରଙ୍ଗପୁର ଠାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ତେବେ ମସିଣାବିଲ୍ଲା ଛକ ନିକଟରେ ଏକ ଲୁହାପଥର ବୋଝେଇ ହାଇୱା ଟ୍ରକ ବସକୁ ପଛପଟରୁ ଧକ୍କା ଦେଇଥିଲା, ଫଳରେ ବସଟି ରାସ୍ତାର ବାମ ପଟରୁ ଡାହାଣ ପଟକୁ ଓଲଟି ପଡ଼ିଥିଲା। ଯାତ୍ରୀମାନେ ସବୁ ନିଦରେ ଶୋଇପଡିଥିଲେ । ତେଣୁ ଦୁର୍ଘଟଣାରେ ସମସ୍ତେ ଚିତ୍କାର କରିବାରୁ ପାଖ ଦୋକାନୀମାନେ ଆସି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ତତ୍‌ସହିତ ଥାନା ଓ ଦମକଳବାହିନୀକୁ ଖବର ଦେଇଥିଲେ । ଆହତମାନଙ୍କୁ ଘଟଗାଁ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଛି। ହାଇୱା ଡ୍ରାଇଭର ଫେରାର ଅଛି ବୋଲି ଜଣାଯାଇଛି। ଘଟଗାଁ ପୋଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚାଲୁରଖିଛନ୍ତି।

## ଶିକାରୀଙ୍କ ସିଜର୍ ମୋବାଇଲରୁ କ୍ରାଇମ୍

# ଜଙ୍ଗଲ ଘାଣ୍ଟୁଛି ପୁଲିସ, ରେଞ୍ଜର ଫେରାର

ନୀଳଗିରି, (ସବ୍ୟୁ) : କଥାରେ ଅଛି ସାପଟି ଚୋଟ ମାରି ସାତ ବାଙ୍କ ଦେଇ ଖସିଗଲେ ମଧ୍ୟ ଗୋଟେ ବାଙ୍କରେ ନିଶ୍ଚିତ ଧରା ପଡ଼ିବ । ସେହିଭଳି ସରକାରୀ ଚାକିରିରେ ଥାଇ ଗୋଟେ ପରେ ଗୋଟେ କ୍ରାଇମ୍ କରୁଥିବା ଜଣେ ରେଞ୍ଜରଙ୍କୁ ଏବେ ଅଡୁଆ ଘାଣ୍ଟୁଛି। ପୁଲିସ ଖୋଜୁଛି, ହେଲେ ରେଞ୍ଜର ଜଣକ ଭୟରେ ଫେରାର ହୋଇ ଯାଇଛନ୍ତି। ଆଶ୍ଚର୍ଯ୍ୟର କଥା ହେଲା, ଶିକାରୀଙ୍କଠାରୁ ଜବତ କରିଥିବା ମୋବାଇଲରୁ କ୍ରାଇମ୍ ଘଟାଇବା ଭଳି ସାଂଘାତିକ ତଥ୍ୟ ହସ୍ତଗତ ହେବା ଚିନ୍ତାରେ ପଡ଼ି ଯାଇଛି ପୁଲିସ ଓ ବନବିଭାଗ। ବାଲେଶ୍ୱର ବନବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ନିଯୁକ୍ତ ଥିବା ଗାର୍ଡ ପଦ୍ମଲୋଚନ ପାତ୍ର ଓ ତାଙ୍କ ବନ୍ଧୁ ତଥା ନୀଳଗିରି ବିଦ୍ୟୁତ ବିଭାଗ କର୍ମଚାରୀ କ୍ଷୀରୋଦ ଦାସଙ୍କୁ କୁଲଡିହା ରେଞ୍ଜର ସୁବ୍ରତ ବେହେରାଙ୍କ ସମେତ ୧୫/୨୦ ବନକର୍ମଚାରୀ କିଛିଦିନ ପୂର୍ବେ ମାଡ଼ ମାରି ପିଠି ଫଟାଇ ଦେଇଥିଲେ । ଉକ୍ତ ଘଟଣାରେ ରେଞ୍ଜର ଜଣକ ଫେରାର ରହିଥିବା ବେଳେ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲିକ ତାଙ୍କୁ ଧରିବାକୁ ପୁଲିସକୁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ପ୍ରସଙ୍ଗର ମୋଡ଼ ବଦଳାଇବା ଉଦ୍ଦେଶ୍ୟରେ କରାଯାଇଥିବା ଚଂଚକତା ଧରାପଡ଼ି ଯାଇଛି। ୭୮୯୪୮୯୭୩୯୭ ମୋବାଇଲ ନମ୍ବରରେ ଡିଏଫଓଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜଙ୍ଗଲ ମନ୍ତ୍ରୀଙ୍କ ସମେତ ଅଂଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ୫ପୃଷ୍ଠାର ଅଭିଯୋଗ ପତ୍ର ପଠାଯାଇଥିଲା। ନୀଳଗିରି ଅଂଚଳର ସାମ୍ବାଦିକ ରତିକାନ୍ତ ପରିଡ଼ାଙ୍କ ନାମରେ ଜାଲ୍ ଦସ୍ତଖତ କରାଯାଇ ତାଙ୍କ ନାଁରେ ପଠାଯାଇଥିଲା। ଏସବୁ ଜାଣିବା ପରେ ସାମ୍ବାଦିକ ଜଣକ ବରହମପୁର ଥାନା ଓ ବାଲେଶ୍ୱର ସାଇବର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ପକ୍ଷରୁ ଖୋଳତାଡ଼ କରାଯିବା ପରେ ବ୍ୟବହୃତ ନମ୍ବରଟି ଜଣେ ଗିରଫ ଶିକାରୀଙ୍କର ବୋଲି ଜଣାପଡ଼ିଛି। ସୋର ଥାନା ନୂଆଗାଁ ଅଂଚଳର ମାଧବ ପାତ୍ର ନାମକ ୭୦ବର୍ଷୀୟ ଆଦିବାସୀଙ୍କୁ ବିନା କାରଣରେ ଶିକାରୀ ବୋଲି ଦର୍ଶାଇ ଗିରଫ କରିବା ପରେ ୨୦୨୫ମସିହା ଡିସେମ୍ବର ୨୬ତାରିଖରେ ତାଙ୍କ ମୋବାଇଲକୁ ଜବତ କରାଯାଇଥିଲା। ଏହି ଘଟଣାରେ ଜବତ ସାମଗ୍ରୀକୁ ସିଲ୍ ମାରି ରଖାଯାଇଥିଲା। ଜବତ ମୋବାଇଲଟି କିପେଡ୍ ହୋଇଥିବା ବେଳେ ଏହାର ସିମ୍ ଖୋଲି ଅନ୍ୟ ଏକ ଆଣ୍ଡରୋଏଡ଼ ମୋବାଇଲରେ ଭର୍ତ୍ତି କରାଯିବା ପରେ କ୍ରାଇମ ଆରମ୍ଭ ହୋଇଛି। ଏ ସମ୍ପର୍କରେ ସାମ୍ବାଦିକ ଜଣକ ଏସିଏଫଓ ଓ ରେଞ୍ଜରଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ସେପଟେ ଏସପିଙ୍କ ନିର୍ଦ୍ଦେଶ ପାଇ ପୁଲିସ ଜଙ୍ଗଲରେ ତଲାସୀ ଆରମ୍ଭ କରିଛି। କିନ୍ତୁ କୁଲଡିହା ଅଭୟାରଣ୍ୟର ବିଭିନ୍ନ ରାସ୍ତା ସିଲ୍ କରି ରେଞ୍ଜର ସୁବ୍ରତ ବେହେରା ଚମ୍ପଟ ମାରିଛନ୍ତି। ତାଙ୍କୁ ବାନ୍ଧିବାକୁ ପୁଲିସ ପକ୍ଷରୁ ବ୍ଲ୍ୟୁ-ପ୍ରିଂଟ ପ୍ରସ୍ତୁତ ସରିଥିବା ସୂଚନା ମିଳିଛି। ସରକାରୀ ସମ୍ପତ୍ତିର ଅପବ୍ୟବହାର କରୁଥିବା ଅଫିସର କିଏ ପୁଲିସ କେବେ ଓ କାହାକୁ ଧରୁଛି, ତାକୁ ହିଁ ଦେଖିବାକୁ ସମସ୍ତଙ୍କ ଅପେକ୍ଷା।

## ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍ୟାକେଟ ଧ୍ୱଂସ

# ୩୩ କିଲୋ ଗଞ୍ଜେଇ ଜବତ : ୮ ଗିରଫ

ଯୋଡ଼ା,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ବଡ଼ବିଲ ପୋଲିସ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି। ଆଜି ବଡ଼ବିଲ ଥାନା ପରିସରରେ ଏକ ପ୍ରେସ ବିବୃତି ରେ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ କହିଛନ୍ତି ।ବଡ଼ବିଲ ଥାନା ମାମଲା ନଂ- ୧୯୭, ତାରିଖ ୦୭.୦୫.୨୦୨୬, ଧାରା ୨୦(ଖ)(ଛ୍ଛ)(ଗ)/୨୯ ଏନଡିପିଏସ ଆଇନ ୧୯୮୫ ଅନୁଯାୟୀ ପୋଲିସ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଯୋଗାଣ ନେଟୱାର୍କକୁ ଧ୍ୱଂସ କରି ୩୩ କିଲୋଗ୍ରାମ ୧୯୦ ଗ୍ରାମ ବ୍ୟବସାୟିକ ପରିମାଣର ଚୋରା ଗଞ୍ଜେଇ ଜବତ କରିଛି।ନିର୍ଭରଯୋଗ୍ୟ ଗୁପ୍ତ ସୂଚନା ଆଧାରରେ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ ଏକ ବିଶେଷ ପୋଲିସ ଦଳ ସ୍ୱାଧୀନ ସାକ୍ଷୀ ଓ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ଭୁଷୁଗାଁ ଗ୍ରାମର ନ୍ୟୁ କଲୋନି ନିକଟରେ ଚଢାଉ କରିଥିଲେ। ଏନଡିପିଏସ ଆଇନ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ଏହି ଚଢାଉ କରାଯାଇଥିଲା।

ଚଢାଉ ସମୟରେ କ୍ୱଓ-୦୯-ଢ଼- ୫୮୬୨ ନମ୍ବର ବିଶିଷ୍ଟ ଏକ ଅଟୋରିକ୍ସାରୁ ୩୩ କିଲୋଗ୍ରାମ ୧୯୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହାସହ ୨୦୦୦ ଟଙ୍କା ନଗଦ, ଗୋଟିଏ କଳା ରଙ୍ଗର ମୋବାଇଲ ଫୋନ, ଏକ ଇଲେକ୍ଟ୍ରୋନିକ ଓଜନ ମେସିନ ଓ ଅଟୋରିକ୍ସାକୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜୁ ବେହେରା (୨୫), ଘନାଶ୍ୟାମ ସାନଙ୍ଗୀ (୩୫), ସୁଶୀଲ ପାରିହୋଲ (୨୨), ସଦାମ ହୁସେନ (୩୬), ଅର୍ଜୁନ କେଶରୀ (୫୫), ଜଟାଧାରୀ ପାତ୍ରୀ (୩୫), ଏମଡି ମୁନତାଜୀର ଆଲାମ (୩୩) ଏବଂ ଏମଡି ସାରବାର ଆଲାମ ଓରଫ ଟିଟୁ (୩୦)। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। କେନ୍ଦୁଝର ପୋଲିସ ନିଶାଦ୍ରବ୍ୟ ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି । ଏହାସହ ନିଶା କାରବାର ସମ୍ପର୍କିତ କୌଣସି ବିଶ୍ୱସନୀୟ ସୂଚନା ଥିଲେ ପୋଲିସକୁ ଜଣାଇବା ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି ବଡ଼ବିଲ ପୋଲିସ।

## ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

ଭଦ୍ରକ, (ସବ୍ୟୁ) : ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ରାହାଞ୍ଜ ଛକ ନିକଟରେ ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକକୁ ପଛ ପଟୁ ପିଟିଲା ବୋଲେରୋ। ଜଣେ ମୃତ ଏବଂ ୫ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଦ୍ରକ ଗ୍ରାମାଂଚଳ ଥାନା ନିକଟ ରାହାଞ୍ଜ ବାସୁଳି ଢ଼ାବା ନିକଟରେ ରାସ୍ତାରେ ଠିଆ ହୋଇଥିବା ଟ୍ରକ ପଛ ପଟୁ ପିଟିଲା। ପୁରୀରୁ ବାସୁଦେବପୁର ଇରମ ଫେରୁଥିବାବେଳେ ଘଟିଛି ଏହି ଦୁର୍ଘଟଣା। ତେବେ ଜାତୀୟ ରାଜପଥ ଉପରେ ଗାଡି ଠିଆ ହେବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁ ଥିବାରୁ ଏହା ଉପରେ ଗୁରୁତ୍ୱ ଦେଇ ମାନ୍ୟବର ସୁପ୍ରିମ କୋର୍ଟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି କାର୍ଯ୍ୟାନୁଷ୍ଠାନ ପାଇଁ। ହେଲେ ୧୬ ନମ୍ବର ଜାତୀୟ ରାଜପଥରେ ରାସ୍ତାରେ ଗାଡି ରହୁଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁ ଥିବାବେଳେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ଏହାର ତଦନ୍ତ କରୁଛି ଗ୍ରାମାଂଚଳ ପୋଲିସ।

## ରୋଲର ପଛରୁ ଧକ୍କା ଦେଲା କାର, ୭ ଗୁରୁତର

ସୋର, (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ରୋଲରକୁ ଏକ କାର ଧକା ଦେବା ଫଳରେ ଚାଳକ ସମେତ ସାତ ଜଣ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ପଶ୍ଚିମବଙ୍ଗ ଏଗ୍ରାରୁ ଡବ୍ଲୁବି ୩୧ ଏଏ ୬୬୯୧ ନମ୍ବର ବିଶିଷ୍ଟ କାର ଯୋଗେ ଭଦ୍ରକ ଜିଲ୍ଲା ଧାମନଗରକୁ ଠାକୁର ଦର୍ଶନ ପାଇଁ ଗୋଟିଏ ପରିବାରର ୬ ଜଣ ଯାଉଥିବା ବେଳେ ତଳନଗର ଷ୍ଟାର ହୋଟେଲ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ରୋଲରକୁ ଭାରସାମ୍ୟ କରାଇ ଧକା ଦେଇଥିଲା।ଫଳରେ ଚାଳକ ସମେତ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଏଥିରେ କାରଟି ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାରେ ଭର୍ତି କରିଥିବା ବେଳେ ସେଠାରେ ଡାକ୍ତର ପ୍ରାଥମିକ ଚିକିସାପରେ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଁଚି ଟ୍ରାଫିକ ଜାମ ହଟାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।ତେବେ ଦୁର୍ଘଟଣାରେ ଗୁରୁତର ଆହତ ଆରୀସ୍ଥା ଖାନ,(୬),ସାହିଲ ଖାନ (୩୭),ଏମଡି ସାୟାନ ଖାନ(୩),ଏମଡି ମେହୁଲ ଖାନ (୫୬) ହୋଇଥିବା ବେଳେ ଅନ୍ୟମାନଙ୍କ ପରିଚୟ ଜଣାପଡ଼ିନାହିଁ।

## କାଳବୈଶାଖୀରେ କ୍ଷୟକ୍ଷତି, ଲୋକଙ୍କ କଥା ବୁଝିଲେ ସରପଞ୍ଚ



କେନ୍ଦୁଝର, (ସବ୍ୟୁ) : ଗତକାଲି ଅପରାହ୍ନରେ କାଳବୈଶାଖୀ ଯୋଗୁଁ ସାମପାଟଣା ବ୍ଲକ ମୃଷାକ୍ଷୋରି ପଞ୍ଚାୟତ ଅନ୍ତର୍ଗତ ବଡ ଧନୁର୍ଜୟପୁର ଗ୍ରାମ ଓ ଆଖପାଖ ଗ୍ରାମର ଲୋକମାନଙ୍କ ଅନେକ କ୍ଷୟକ୍ଷତି ହୋଇଯାଇଛି । ଗ୍ରାମର ଶିବଚରଣ ମହାନ୍ତଙ୍କ ଘର ଉପରେ ଏକ ବିରାଟ ଲିମ୍ବଗଛ ପଡିଯାଇଛି । ସେହିପରି ବିଜାନାଳି ମାଝୀ ସାହିର ବହୁତ ଲୋକଙ୍କ ଖପର ଓ ଆଜବେଷ୍ଟ ଘର ଉଡେଇନେଇ ଭାଙ୍ଗିରୁଜି ଯାଇଛି । ବିଦ୍ୟୁତ ତାର ଛିଣ୍ଡି ଯିବା ସହିତ ଖୁଣ୍ଟି ଉପୁଡ଼ି ଯାଇଛି । ତେବେ ଅନ୍ୟୁନ ୫୦ରୁ ଅଧିକ ଲୋକଙ୍କ କ୍ଷୟକ୍ଷତି ହୋଇଛି। ଖବରପାଇ ଉକ୍ତ ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ଭାମାମଣି ଦାସ ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ କ୍ଷୟକ୍ଷତି ଉପରେ ପଚାରିବୁଝିଥିଲେ। କିପରି ଲୋକମାନଙ୍କ ସମସ୍ୟା ଦୂରହେବ ସେ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଲୋକଙ୍କ ଦୁଃଖରେ ସମବେଦନା ଜଣାଇବା ସହିତ ସଭିଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଏଠାରେ ସୂଚନାଯୋଗ୍ୟ ଯେ ଆଜକୁ ପ୍ରାୟ ଏକମାସ ପୂର୍ବେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଶି,ଭାଲୁଘର,ଦକ୍ଷୀଣପଶି ଆଦି ଗ୍ରାମ ଗୁଡିକରେ କାଳ ବୈଶାଖୀ ଯୋଗୁଁ ବହୁତ ଲୋକଙ୍କ କ୍ଷୟକ୍ଷତି ହୋଇଥିଲା। ଯାହାକି ଜିଲା ପ୍ରଶାସନକୁ ଥରହର କରିଦେଇଥିଲା। ସେହି ସମୟରେ ମଧ୍ୟ ସରପଞ୍ଚ ଆଗଭର ହୋଇ, ଲୋକଙ୍କ ପାଖରେ ଛିଡାହୋଇ ସଭିଙ୍କର ଦୁଃଖ ବୁଝି ଜିଲା ପ୍ରଶାସନିକ ଅଧିକାରୀ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ।

## ସାପ ସଙ୍ଗଠନ ପକ୍ଷରୁ ମାଟ୍ରିକ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀର ସ୍ୱେଚ୍ଛାସେବୀ ସଙ୍ଗଠନ 'ସାପ' ପକ୍ଷରୁ ମ୍ୟାଟ୍ରିକ ଟପ୍ପର ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନ ପକ୍ଷରୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ମଣ୍ଡଳ ସଭାପତି ତରଣୀସେନ ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଭାରତ ଚନ୍ଦ୍ର କରଣ, ସରପଞ୍ଚ ଅମୂଲ୍ୟ କୁମାର ନାୟକ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ପାଢୀ, ଶାରଦା ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଗୁରୁଜୀ ପବନ କୁମାର ନାୟକ ପ୍ରମୁଖ ବ୍ଲକସ୍ତରରେ ସର୍ବୋଚ୍ଚ ନମ୍ବରଧାରୀ ପ୍ରାଚୀ ଦାଶ, ସୁଜିତ ମଲ୍ଲିକ, ଅର୍ଣ୍ଣଭ ସେନାପତି, ସୁଶ୍ରୀ ଦାଶ, ଓମପ୍ରକାଶ ଦାସ, ସତ୍ୟନାରାୟଣ ପଣ୍ଡା, ଶିବଶଙ୍କର ସେଠୀ ଓ ବିଶ୍ୱକଲ୍ୟାଣ ସେନାପତିଙ୍କୁ ସମ୍ବର୍ଦ୍ଧିତ କରିବା ଆର୍ଥୀକ ପ୍ରେତ୍ସାହନ ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ଜେନା, ପ୍ରକାଶ ମହାପାତ୍ର, ଶରତ ପଲାଇ, ଦେବେନ୍ଦ୍ର ନାୟକ, ବିଶ୍ୱଜିତ ସାମଲ, ଦେବଦତ୍ତ ବିଶ୍ୱାଳ, ରବିନ୍ଦ୍ର ଜେନା, କିଶୋର ଶେଣ୍ଠ, ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ଯୁବକ ଗୁରୁତର

ସୋର, (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ଷ୍ଟାର ହୋଟେଲ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ କାର ଧକାରେ ଜଣେ ଯୁବକ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଆଜି ମଧ୍ୟାହ୍ନରେ ଡବ୍ଲୁବି ୧୨ ବିଏଫ ୩୯୬୬ ନମ୍ବର ବିଶିଷ୍ଟ କାରରେ ହାୱଡ଼ା ଅଂଚଳର ଗୋଟେ ପରିବାର ର ଚାରି ଜଣ ସଦସ୍ୟ ପୁରୀ ଅଭିମୁଖେ ଯାଉଥିବା ବେଳେ ଷ୍ଟାର ହୋଟେଲ ସମ୍ମୁଖରେ ରାସ୍ତା କଡରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବଡ଼ପୋଖରୀ ଅଞ୍ଚଳର ଶ୍ରବଣ ମହାକୁଡ଼ଙ୍କୁ ଧକା ଦେଇଥିଲା। ଫଳରେ ଶ୍ରବଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ।ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଁଚି ଗାଡିଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗୋଟିଏ ଦିନରେ ୧୮ ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଗଲା

ବାଲେଶ୍ୱର, (ସବ୍ୟୁ) : ଗୋଟିଏ ଦିନରେ ପୋଲିସ ଶିଶୁମଙ୍ଗଳ କମିଟି ରେ ଉପସ୍ଥିତ କଲେ ୧୮ ଜଣ ଅପହୃତା ନା ବାଳିକା। ଗତ ୫ ତାରିଖ ଦିନ ଜିଲ୍ଲା ର ବିଭିନ୍ନ ଥାନା ଅଧିକାରୀ ମାନେ ଅପହରଣ, ନିର୍ଯ୍ୟାତନା ଓ ଶିଶୁ ଶ୍ରମିକ ମୋଟ ୧୮ ଜଣ ଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପାଖରେ ଉପସ୍ଥାପିତ କରାଇବାରେ ସଫଳ ହୋଇଛନ୍ତି । ଏହା ବାଲେଶ୍ୱର ପୋଲିସ ର ସଫଳତା । ଏହି ନାବାଳିକାମାନେ ରାଜ୍ୟ ବାହାର ଗୋଆ, ଚେନ୍ନାଇ, ବାଙ୍ଗାଲୋର ଆଦି ସହିତ ଜିଲ୍ଲାର ବିଭିନ୍ନ ସ୍ଥାନ ଓ ଆତ୍ମ ସମର୍ପଣ ହୋଇ ପୋଲିସ ଦ୍ୱାରା ଉଦ୍ଧାର ହୋଇ ଶିଶୁ ମଙ୍ଗଳ କମିଟି ପାଖରେ ଉପସ୍ଥାପନା କରାଯାଇଛ । ଅଧିକାଂଶ ପ୍ରେମ ଜନିତ ଘଟଣା ବୋଲି କୌଣସିଲିଙ୍କରୁ ଜଣା ଯାଇଛି। କେତେକ ବାଲ୍ୟ ବିବାହ ମଧ୍ୟ ଅନ୍ତର୍ଗତ । ବାଲେଶ୍ୱର ଜିଲ୍ଲା ଏସ ପି ବାରମ୍ବାର ପୋଲିସ ଅଧିକାରୀ ମାନଙ୍କୁ ନେଇ ସଚେତନତା ଟ୍ରେନିଂ କରାଇବା ସହିତ ନିଜେ ଏହି ଅପହରଣ କେଶକୁ ମନିଟ ରିଙ୍ଗ କରୁ ଥିବାରୁ ଏହି ଉଦ୍ଧାର ହାର ବୃଦ୍ଧି ପାଇଛି । ତେବେ ଏହା କୈଶୋର ବୟସରେ ବିପଥ ଗାମୀ ଓ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଜୀବନ ପାଇଁ ଏକ ବିପଦ ର ଆହ୍ୱାନ ବୋଲି ଶିଶୁ ମଙ୍ଗଳ କମିଟି ର ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମତ ଦେଇଛନ୍ତି । ଦିବା ୧୦ଟାରୁ ସନ୍ଧ୍ୟା ୯ ଘଟିକା ପର୍ଯ୍ୟନ୍ତ ଏହି ଉପସ୍ଥାପନା କାର୍ଯ୍ୟକ୍ରମ ରେ ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପ୍ରିୟ ରଞ୍ଜନ ମହାନ୍ତି ଓ ଆରତୀ କର ଉପସ୍ଥିତ ରହି ଉଦ୍ଧାର ପିଲାଙ୍କ ମଧ୍ୟ ରୁ କେତେକ ତାଙ୍କ ପିତା ମାତାଙ୍କୁ ଦେବାସହ କେତେକଙ୍କୁ ଶିଶୁ ଯତ୍ନ ଗୃହ କୁ ପଠାଇ ଦିଆଯିବା ସହିତ ସମସ୍ତ ଙ୍କୁ କୌଣସିଲିଙ୍ଗ୍ କରାଯାଇ ଆଇନ ମୁତାବକ ପଦକ୍ଷେପ ନିଆ ଯାଇଛି ।

## ବିଜେପି ରାଜ୍ୟ ସଭାପତିଙ୍କ କରକମଳରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧାମନଗର, (ସବ୍ୟୁ) : ଧାମନଗର ସହର ଉପାନ୍ତ ତିନି ନମ୍ବର କେନାଲ ପାର୍ଶ୍ୱ ରେ ଭାରତୀୟ ଜନତା ପାର୍ଟିର ଧାମନଗର ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟସଭା ସାଂସଦ ତଥା ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଏହି ଉଦଘାଟନ କାର୍ଯ୍ୟ ସମ୍ପନ୍ନ ହୋଇଛି।ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରିଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଧାମନଗର ପୂର୍ବତନ ବିଧାୟକ ତଥା ବିରୋଧୀ ଦଳର ଉପନେତା ସର୍ଗତ ବିଷ୍ଣୁ ଚରଣ ସେଠୀଙ୍କର ସ୍ୱପ୍ନ ଆଜି ସାକାର ହୋଇଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା,ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ବିଜେପି ନେତା ଶରତ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ପାଢ଼ୀ, ରଞ୍ଜିତା ସ୍ୱାଇଁ,ଅରବିନ୍ଦ ପତି,ଅଜୟ କୁମାର ନାୟକ, ଚତୁର୍ଭୁଜ ନାୟକ,ସନ୍ତୋଷ ଦାସ ଅଧିକାରୀ, କିଶୋର ଚନ୍ଦ୍ର ଦାସ, ରଞ୍ଜିତ ମହାନ୍ତି,ବିଦ୍ୟାଧର ରାଉତ,ପ୍ରଶାନ୍ତ କୁମାର ପରିଡାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ଠାକୁରମୁଣ୍ଡା କଲେଜ ଛାତ୍ରୀ ଅନୁପମା ସଂସ୍କୃତରେ ବିଶ୍ୱବିଦ୍ୟାଳୟ ଟପ୍ପର

ଠାକୁରମୁଣ୍ଡା, (ସବ୍ୟୁ) : ଚଳିତ ବର୍ଷ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ୩ ଶେଷ ବର୍ଷର ଛାତ୍ରୀ ଅନୁପମା ମହାନ୍ତ ଟପର ହୋଇଛନ୍ତି। ୧୯୯୪ ମସିହାରେ ସ୍ଥାପିତ ହୋଇଥିବା ଏବଂ ୨୦୦୮ ରେ ସଂସ୍କୃତ ସମ୍ମାନ ଖୋଲିଥିବା ଠାକୁରମୁଣ୍ଡା ମା ବାସୁଳୀ ମହାବିଦ୍ୟାଳୟର ଛାତ୍ରୀ ଥିଲେ ଅନୁପମା। ଏହି କଲେଜର ଛାତ୍ରୀ ସୁଶ୍ରୀ ଅନୁପମା ମହାନ୍ତ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୧୯୪୦ ନମ୍ବର (ଶତକଡ଼ା ୮୫.୬୪) ରଖି ନିଜ ବର୍ଗରେ ବିଶ୍ୱବିଦ୍ୟାଳୟର ଟପର ହୋଇ କଲେଜର ମାନ ବୃଦ୍ଧି କରିଛନ୍ତି। ଠାକୁରମୁଣ୍ଡା ନିକଟବର୍ତ୍ତୀ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତ ଭାଲୁଘୋରା ଗ୍ରାମର ଏକ ଚାଷୀ ପରିବାରରେ ଅନୁପମାଙ୍କ ଜନ୍ମ। ବାପା ମନୋରଞ୍ଜନ ମହାନ୍ତ ପେଷାରେ ଜଣେ ଚାଷୀ ଓ ମାତା ଭାନୁମତୀ ମହାନ୍ତ(ଗୃହିଣୀ)ଙ୍କ ଦ୍ୱିତୀୟ କନ୍ୟା ଅନୁପମା। ଏହି ସଫଳତା ପାଇଁ ସୁଶ୍ରୀ ଅନୁପମା ମହାନ୍ତଙ୍କୁ କଲେଜ ଅଧ୍ୟକ୍ଷ ଡଃ ଅଜୟ ବିଜୟ ନନ୍ଦ ଶର୍ମା ଶୁଭେଚ୍ଛା ଜଣାଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ବାର୍ତ୍ତା ଆସୁଛି। ତେବେ ତାଙ୍କ ସଫଳତା ପଛରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ ବିଜୟ ନନ୍ଦ ଶର୍ମା, ବିଭାଗୀୟ ଅଧ୍ୟାପକ ଡଃ ପ୍ରକାଶ କୁମାର ତ୍ରିପାଠୀ ଓ ଡଃ ମାନସ କୁମାର ଜେନାଙ୍କ ମାର୍ଗଦର୍ଶନ,ଶିକ୍ଷାଦାନ ଶୈଳୀ ଓ ପ୍ରେରଣା ଏବଂ ପିତାମାତା ଗୁରୁଜନଙ୍କ ଆଶୀର୍ବାଦ ରହିଛି ବୋଲି ଅନୁପମା କହିଛନ୍ତି।

## ଆଗରପଡ଼ା ଥାନାରେ ଯୁବନ୍ତିକା କାର୍ଯ୍ୟକ୍ରମ

ଆଗରପଡ଼ା, (ସବ୍ୟୁ) : ଓଡ଼ିଶା ପୋଲିସ ଓ ୟୁନିସେଫ ମିଳିତ ସହଯୋଗରେ ଆଗରପଡ଼ା ଥାନା ପରିସରରେ ଯୁବନ୍ତିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରାଜେଶ ସେଠୀ ଓ ସବଇନ୍ସପେକ୍ଟର ଆଭାରାଣୀ ପରିଡ଼ା ଉପସ୍ଥିତ ରହି ନାରୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଏଲଇଡି ମାଧ୍ୟମରେ ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଥାନା କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାଳବୈଶାଖୀ : ପ୍ରବଳ ବର୍ଷା ପବନ

ଅସୁରାଳି, (ସବ୍ୟୁ) : ଧାମନଗର ଓ ଭଦ୍ରକ ବ୍ଲକ ଅଂଚଳରେ କାଳ ବୈଶାଖୀର ପ୍ରକୋପ ଦେଖିବାକୁ ମିଳିଛି। ଏଥି ଯୋଗୁଁ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଛି। ପବନ ହେତୁ ଅନେକ ସ୍ଥାନରେ ଗଛ ଭାଙ୍ଗି ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଗଛ ଉପଡି ପଡି ଏକାଧିକ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅପରାହ୍ନ ଚାରିଟା ବେଳକୁ ଆକାଶରେ କଳା ହାଣ୍ଡିଆ ମେଘ ଘୋଟି ଆସିବାର କିଛି ସମୟ ମଧ୍ୟରେ ବିଜୁଳି ଘଡଘଡି ମାରିବା ସହ ପ୍ରବଳ ବେଗରେ ପବନ ଓ ବର୍ଷା ଆରମ୍ଭ ହୋଇ ଯାଇଥିଲା। ଅଳ୍ପ ସମୟର ପବନ ମଧ୍ୟରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସାଙ୍ଗକୁ ଉପଡି ପଡିଥିଲା। ଗଛ ପଡିବା ଯୋଗୁଁ ଧାମନଗର ବ୍ଲକ ସରପୁର ଗ୍ରାମର ଅମୂଲ୍ୟ ଯେନାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ସରପୁର ସମେତ ଆନନ୍ଦ ବଜାର,କଲେଇ ପ୍ରଭୃତି ଅଂଚଳରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ବର୍ଷା ହେତୁ ଅନେକ ସ୍ଥାନରେ ଜଳ ନିଷ୍କାସନ ସମସ୍ୟା ମଧ୍ୟ ଦେଖା ଯାଉଥିଲା। କାଳ ବୈଶାଖୀର ପ୍ରଭାବରେ ବିଦ୍ୟୁତ ସରବରାହ ଅନେକାଂଶରେ ବାଧାପ୍ରାପ୍ତ ହୋଇଛି। ବିଳମ୍ବିତ ରାତି ଯାଏଁ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇ ପାରିନଥିବାବେଳେ ଅପରାହ୍ନରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ବିଜେଡି ସମ୍ପାଦକ ହେଲେ ରତିକାନ୍ତ ରାଉତ



କେନ୍ଦୁଝର,( ଜିପ୍ର) : କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଉପାଧ୍ୟକ୍ଷ ରତିକାନ୍ତ ରାଉତ ଓଡିଶା ବିଜେଡିର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ରାଜ୍ୟ କମିଟିରେ କାର୍ଯ୍ୟକାରି ସଭାପତି ଓ ସାଧାରଣ ସମ୍ପାଦକ ଓ ସମ୍ପାଦକ ପଦବୀ ପାଇଁ ନିଯୁକ୍ତି ଘୋଷଣା କରିଥିବା ବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ରତିକାନ୍ତ ରାଉତଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ରତିକାନ୍ତ ରାଉତ ପୂର୍ବରୁ ଜିଲ୍ଲା ଉପ ସଭାପତି ଭାବେ ୨୦୧୬ରୁ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ବେଳେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ହାଟଡିହି ବ୍ଲକର ସାଂସଦ ପ୍ରତିନିଧି ଭାବେ କାର୍ଯ୍ୟ କରିଥିବା ବେଳେ ବିଜେଡିର ବିଭିନ୍ନ ସାଙ୍ଗଠନିକ ପଦ ପଦବୀରେ ରହି ସଫଳତାର ସହ କାମ କରିଛନ୍ତି। ଏପରିକି ସେ ଗତ ୫ ବର୍ଷ ହେଲା ମହିଳା ସୁରକ୍ଷା କମିଟିର ଆବାହକ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ପଦବୀ ମିଳିବା ପରେ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇବା ସହିତ ଯେଉଁ ଦାୟିତ୍ୱ ଦିଆ ଯାଇଛି ତାକୁ ସଠିକ ଭାବେ ନିର୍ବାହ କରି ଦଳର ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଆଜି ତାଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ମିଳିବା ପରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବିଜେଡି ନେତା ଦେବପ୍ରିୟ ପାତ୍ର, ମାନସ କୁମାର ବାରିକ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିଦ୍ୟାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ଉପ ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ଶତ୍ରୁଘ୍ନ ପାତ୍ର, ଜିଲ୍ଲା ସମ୍ପାଦକ ବୀରେନ୍ଦ୍ର କୁମାର ବିଶ୍ୱାଳ, ଦୀପ୍ତି ରଞ୍ଜନ ଦାସଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଦୁଇଟି ୱାର୍ଡରେ ଶିଳାନ୍ୟାସ କଲେ ସଦର ବିଧାୟକ

ବାଲେଶ୍ୱର , (ସବ୍ୟୁ) : ବାଲେଶ୍ୱର ପୌର ପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡ ଗୁଡିକରେ ସମ୍ପ୍ରତି ବିଭିନ୍ନ ନୂତନ ପ୍ରକଳ୍ପ ଗୁଡିକର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଜୋରସୋର ରେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀ ରେ ଗୁରୁବାର ପୂର୍ବାହ୍ନ ୯ ଟା ସମୟରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧ ନଂ. ୱାର୍ଡ ର ପୁରୁଣା ବାଲେଶ୍ୱର ଓ ୨ ନଂ.ୱାର୍ଡର ବଡ଼ଖୁଆରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସହିତ ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ବଡ଼ଖୁଆ ଖେଳ ପଡ଼ିଆ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ, ସ୍ଥାନୀୟ କାଉନସିଲର,ବିଭାଗୀୟ ଅଧିକାରୀ,ସ୍ଥାନୀୟ ନେତୃମଣ୍ଡଳୀ ପ୍ରମୁଖ ଯୋଗଦେଇ ଥିଲେ।ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ।

## ନବ ପଦାଧିକାରୀଙ୍କୁ ବାଲେଶ୍ୱର ବିଜେଡିର ସମ୍ବର୍ଦ୍ଧନା




ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସ୍ଥାନୀୟ ହୋଟେଲ ଫାଣ୍ଟାସି ଠାରେ ବିଜୁ ଜନତା ଦଳର ନବ ଦାୟିତ୍ୱ ପାଇଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦଳର ସମସ୍ତ ନେତୃତ୍ୱ, କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ରହି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦାୟିତ୍ୱ ଦେଇଥିବା ବାଲେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ତଥା ସୋର ବିଧାୟକ ମାଧବ ଧଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମାନ ଭାବେ ପ୍ରାରମ୍ଭିକ ତାଲିକାରେ ଦାୟିତ୍ୱ ମିଳିଥିବା ରାଜ୍ୟ ଉପସଭାପତି ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସ୍ୱରୂପ ଦାସ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବିଧାୟକ ପ୍ରାର୍ଥୀନୀ ବିଦୁସ୍ମିତା ମହାଲିକ ପ୍ରମୁଖ ମଂଚାସିନ ଥିଲେ । ପ୍ରଥମେ ସମସ୍ତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଆୟୋଜିତ ସଭାରେ ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବା ସହ ଦଳକୁ କେଉଁଭଳି ଭାବେ ଅଧିକ ସଶକ୍ତ କରିହେବ ସେନେଇ ଆଲୋଚନା କରିଥିଲେ । ସଭା ପୂର୍ବରୁ ଫାଣ୍ଡି ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।ଏବେ ଠାରୁ ବିଜେଡି ନିଜର ଲଢେଇକୁ ବାଲେଶ୍ୱର ଜିଲ୍ଲାରେ ଜୋରଦାର କରିବ ଏବଂ ବିଜେଡି ୱାର୍ଡ ତଥା ବୁଥ୍ ସ୍ତରରେ ପହଁଚିବ । ଏଥିସହ ବିଜେପିର ଛଳକପଟ ବିରୋଧରେ ବଡ଼ ଲଢେଇ କରିବାକୁ ନେତୃତ୍ୱମାନେ ଆହ୍ୱାନ ଜଣାଇଥିଲେ ।ଏଥିପାଇଁ ଜନତାଙ୍କ ସ୍ୱାର୍ଥ ପାଇଁ ବିଧାନସଭା ଭିତରେ ଏବଂ ବାହାରେ ଦଳ ଲଢେଇକୁ ଜୋରଦାର କରିବ ବୋଲି ଆହ୍ୱାନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସାଧାରଣ ସମ୍ପାଦକ ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏସକେ ଏହେସାନ, ରେମୁଣା ବ୍ଲକ ରାଜେନ୍ଦ୍ର ରାଉତ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ସଦର ବ୍ଲକ ସଭାପତି ବାସନ୍ତ ପଣ୍ଡା, ଜିଲ୍ଲାର ସମସ୍ତ ପୌରପାଳିକା ଓ ଏନଏସିର ପୌରାଧ୍ୟକ୍ଷ, ପୌରଉପାଧ୍ୟକ, ସମସ୍ତ କାଉନସିଲର, ସରପଂଚ, ସମିତିସଭ୍ୟ, ୱାର୍ଡ କାଉନସିଲର, ମହିଳା, ଯୁବ-ଛାତ୍ର ଜନତାର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱର ଟାଉନର ସଞ୍ଜୟ ବେହେରା, ରୀତିକ ଜୀ, କାର୍ତ୍ତିକ ସାହୁ, ସେକ ଆୟୁବ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଯୁବନେତା ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

## ଟିପିଏନଓଡିଏଲ୍ ପକ୍ଷରୁ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଆଜି

# ବିଦ୍ୟୁତ ଚୋରି ଏବଂ ଏନଫୋର୍ସମେଣ୍ଟ ମାମଲାର ହେବ ସହଜ ସମାଧାନ

ବାଲେଶ୍ୱର, (ସବ୍ୟୁ) : ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆଜି ନିଜର ସେବାଯୋଗାଣ ଅଂଚଳରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି। ଟିପିଏନଓଡିଏଲ୍‌ର କ୍ଷେତ୍ରାଧିକାର ଅନ୍ତର୍ଗତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ସର୍କଲର ବିଭିନ୍ନ ଡିଭିଜନ ଓ ସବ-ଡିଭିଜନ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ପରିଚାଳିତ ହେଉଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ନିୟମ ଅନୁଯାୟୀ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କୁ ବିଚାରାଧୀନ ଏନଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସହଜ, ସ୍ୱଚ୍ଛ ଏବଂ ସମୟଭିତ୍ତିକ ପ୍ଲାଟଫର୍ମ ପ୍ରଦାନ କରିବା। ଏହି ସମାଧାନ ଶିବିର ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଠାରେ ଉପଭୋକ୍ତାମାନେ ବିବାଦର ସମାଧାନ ପାଇଁ ସହାୟତା ପାଇପାରିବେ। ଉପଭୋକ୍ତାମାନଙ୍କୁ ଦସ୍ତାବିଜ, ଯୋଗ୍ୟତା ମାପଦଣ୍ଡ ଏବଂ ସମାଧାନ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ସମସ୍ତ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଆଇନଗତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଜାତୀୟ ଲୋକ ଅଦାଲତ ବହୁ ଦିନରୁ ଅଟକି ରହିଥିବା ବିଦ୍ୟୁତ ସମ୍ବନ୍ଧୀୟ ବିବାଦଗୁଡ଼ିକୁ କମ୍ କରିବାରେ ସହାୟକ ହେବ। ଏହା ଉପଭୋକ୍ତାମାନଙ୍କ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିବା ସହିତ ଏକ ସ୍ୱଚ୍ଛ ବିଦ୍ୟୁତ ପରିଚାଳନା ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ଉତ୍ସାହିତ କରିବ। ଟିପିଏନଓଡିଏଲ୍ ପକ୍ଷରୁ ବିଚାରାଧୀନ ଏନଫୋର୍ସମେଣ୍ଟ ମାମଲା ଥିବା ଉପଭୋକ୍ତାମାନଙ୍କୁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରି ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ପାଇଁ ଅନୁରୋଧ କରାଯାଇଛି। ଲୋକ ଅଦାଲତ ସମ୍ବନ୍ଧୀୟ ସୂଚନା ସମ୍ପୃକ୍ତ ଡିଭିଜନ ଏବଂ ସବ-ଡିଭିଜନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି, ଏବଂ ଉପଭୋକ୍ତାମାନେ କୌଣସି ବି ସହାୟତା ବା ପରାମର୍ଶ ପାଇଁ ସେମାନଙ୍କ ନିକଟସ୍ଥ ଟିପିଏନଓଡିଏଲ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

## ସମ୍ପାଦକୀୟ

# କ୍ରୋଧରୁ ମୃତ୍ୟୁ !

ଗତ ମେ ୭ ତାରିଖ (୨୦୨୬)ରେ ରାଜଧାନୀ ଭୁବନେଶ୍ୱରର ବାଲିଅନ୍ତାଠାରେ ପୂର୍ବାହ୍ନ ୧୧ଟା ପରେ ଭୁଲ ବୁଝାମଣାର ଶିକାର ହୋଇ କ୍ରୋଧବଶତଃ ରେଳବାଇର ଜଣେ କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ (୩୨), ଜଣେ ଯୁବତୀଙ୍କୁ ବର୍ବୋରୋଚିତ ଭାବେ ବାଡ଼େଇବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହା ପରେ ଉତ୍ତେଜିତ ଲୋକେ ସୌମ୍ୟରଞ୍ଜନଙ୍କୁ ଅତି ନିର୍ମମ ଭାବେ ବାଡେଇ ବାଡେଇ ମାରିଦେବା ଘଟଣା କେତେ ଯେ ହୃଦୟ ବିଦାରକ ତାହା ସ୍ୱାଧୀନତାର ୭୯ ବର୍ଷ ପରେ ଭାବିଲେ ଖୁବ୍ ବାଧିଥାଏ । 'ସମୟ'ରେ ଏ ଖବର ପ୍ରକାଶ ପାଇଛି ଯେ ମଧ୍ୟଯୁଗୀୟ ବର୍ବରତା ପରି ସେ ଯୁବକ ସ୍ୱାଇଁଙ୍କୁ ମାଡ଼ ଦିଆଯାଇଥିଲା । ବିଭିନ୍ନ ଖବର କାଗଜ, ବିଭିନ୍ନ ତଡିତ ଓ ସାମାଜିକ ଗଣମାଧ୍ୟମକୁ ଅନୁଧ୍ୟାନ କଲାପରେ ଯାହା ଜଣାପଡୁଛି, କ୍ଷଣିକ କ୍ରୋଧ ଓ ଭୁଲ ବୁଝାମଣା ଯୋଗୁଁ ଏପରି ଅଭୁତପୂର୍ବ କାଣ୍ଡ ଘଟି ସେହି ଯୁବକର ମୃତ୍ୟୁ ହେଲା । ସେ ପୁଣି ବାପା ଓ ମା'ଙ୍କର ଜଣେ ମାତ୍ର ପୁତ୍ର ଥିଲେ । ତାଙ୍କ ବାପା ଓ ମା'ଙ୍କର ଦୁଃଖ ମଧ୍ୟ ଅବର୍ଣ୍ଣନୀୟ । ମୃତ ସୌମ୍ୟରଞ୍ଜନ ମଧ୍ୟ କ୍ଷଣିକ କ୍ରୋଧର ବଶବର୍ତ୍ତୀ ହୋଇଥିଲେ ଓ ତାଙ୍କ ବାଇକ ଧକ୍କାରେ ସ୍କୁଟରରୁ ତଳେ ପଡ଼ି ଯାଇଥିବା ଯୁବତୀଟିକୁ ସେ ନିର୍ଦ୍ଧୁମ ବାଡ଼େଇ ଥିଲେ । ସ୍ଥାନୀୟ ଲୋକେ ଏହା ପରେ ଉତ୍ତେଜିତ ହୋଇ ସୌମ୍ୟରଞ୍ଜନଙ୍କୁ କ୍ଷଣିକ କ୍ରୋଧବଶତଃ ହାତଗୋଡ଼ ବାନ୍ଧି ପିଟି ପିଟି ମାରିଦେଲେ । ଏମାନେ ସମସ୍ତେ ଭୁଲ ବୁଝାମଣାର ଶିକାର ହୋଇଥିଲେ । ଆମର ସମାଜ ଶୃଙ୍ଖଳିତ ହୋଇ ପାରି ନାହିଁ । ନିଜର ଗର୍ବ ଓ ଅହଂକାର ଏବଂ ତା' ପରେ ଭୁଲ ବୁଝାମଣା ଓ କ୍ରୋଧ ଯୋଗୁଁ ଯେ ଏପରି କାଣ୍ଡ ଘଟିଗଲା, ତାହା ପ୍ରକୃତରେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଘଟଣାସ୍ଥଳରେ ଥିବା ଭୁବନେଶ୍ୱର ଡେପୁଟୀ କମିଶନର ଅଫ୍ ପୋଲିସ ଜଗମୋହନ ମୀନା ଘଟଣାସ୍ଥଳ ପରିଦର୍ଶନ କରିବା ପରେ ତିନି ପକ୍ଷଙ୍କୁ ଦୋଷାରୋପ କରିଛନ୍ତି । ଯାହା ମନେହୁଏ, ତିନିପକ୍ଷ ଭୁଲ ବୁଝାମଣାର ଶିକାର ହୋଇଛନ୍ତି ଏବଂ କ୍ରୋଧବଶତଃ ଦୁଇ ପକ୍ଷ ପିଟାପିଟି କରିଛନ୍ତି । ଏ ଘଟଣା ଦେଖିଲା ପରେ ଉପସ୍ଥିତ ଲୋକେ ଉତ୍ତେଜନା ବଶତଃ ସେହି ଯୁବକ କନଷ୍ଟେବଲକୁ ମରଣାନ୍ତକ ଆକ୍ରମଣ କରି ଶେଷରେ ତାକୁ ଜୀବନରୁ ମାରି ଦେଇଥିଲେ । ଯେଉଁ ଦୁଇଜଣ ନୀରିହ ଯୁବତୀ ସ୍କୁଟରରୁ ଖସି ପଡ଼ିଲେ, ସେମାନଙ୍କ କଥାକୁ ସମସ୍ତେ ଶୁଣିବା ଆବଶ୍ୟକ । ସେଥିମଧ୍ୟରୁ ଜଣେ ଯୁବତୀ କୁଆଡ଼େ ଉତ୍ୟକ୍ତ ହୋଇ ପଡ଼ିଥିବା କନଷ୍ଟେବଲ ଯିଏ ତା'ର ଯୁବତୀ ବାନ୍ଧବୀକୁ ଗାଳି ଦେଇ ମାରଧର କରିଥିଲା, ତାକୁ ସେ ବୁଝାଇଥିଲା– ଏ ଝିଅ, ସେ ଝିଅ ନୁହେଁ । ତାକୁ ଅଯଥାରେ ବାଡାଅ ନାହିଁ । ମାତ୍ର ଉତ୍ୟକ୍ତ କନଷ୍ଟେବଲ ସୌମ୍ୟରଞ୍ଜନ ତାଙ୍କ କଥା ମଧ୍ୟ ଶୁଣିଲା ନାହିଁ ଓ ଅନ୍ୟ ଯୁବତୀଟିକୁ ଖୁବ୍ ବାଡେଇବାକୁ ଲାଗିଲା । ଏହା ଦେଖି ଉପସ୍ଥିତ ଲୋକେ ଉତ୍ତେଜନାବଶତଃ ମାଡ଼ ମାରି ମାରି ସେ କନଷ୍ଟେବଲକୁ ମାରି ଦେଇଥିଲେ ।

**ଏମାନେ ସମସ୍ତେ ଭୁଲ ବୁଝାମଣାର ଶିକାର ହୋଇଥିଲେ । ଆମର ସମାଜ ଶୃଙ୍ଖଳିତ ହୋଇ ପାରି ନାହିଁ । ନିଜର ଗର୍ବ ଓ ଅହଂକାର ଏବଂ ତା' ପରେ ଭୁଲ ବୁଝାମଣା ଓ କ୍ରୋଧ ଯୋଗୁଁ ଯେ ଏପରି କାଣ୍ଡ ଘଟିଗଲା, ତାହା ପ୍ରକୃତରେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ... ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହି ଘଟଣାର ତଦନ୍ତ ପାଇଁ କହିଛନ୍ତି । ଘଟଣାସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୋଲିସ ଡିଜି ୱାଇ ବି ଖୁରାନିଆ, ଭୁବନେଶ୍ୱର–କଟକ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ପହଞ୍ଚିଥିଲେ । ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ମଧ୍ୟ ଘଟଣାର ଅନୁଧ୍ୟାନ କରୁଛନ୍ତି । ଦେଖାଯାଉ, ଏହାର ତଦନ୍ତ କିପରି ହେଉଛି ।**

ଘଟଣା ପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ମାତ୍ର ଯେଉଁ ଚାରି/ପାଞ୍ଚ ଜଣଙ୍କୁ ପୋଲିସ, ଯୁବକକୁ ମାଡ଼ମାରି ମାରିଦେବା ଅଭିଯୋଗରେ ଧରି ନେଇଛନ୍ତି, ସେମାନେ ପ୍ରକୃତ ଦୋଷୀ ନୁହଁନ୍ତି ବୋଲି ଅନେକ ପ୍ରତ୍ୟକ୍ଷଦର୍ଶୀ ଓ ଯୁବତୀଦ୍ୱୟ ଏବେ କହୁଥିବା ଜଣାଯାଇଛି ।

ମୃତ ଯୁବକ ସୌମ୍ୟରଞ୍ଜନ ପ୍ରଥମେ ସ୍କୁଟରରେ ଯାଉଥିବା ଯୁବତୀ ଦୁଇଜଣଙ୍କୁ କମେଣ୍ଟ ମାରିଲା । ତା'ପରେ ତାଙ୍କ ସ୍କୁଟରକୁ ବାଇକରେ ଧକ୍କା ଦେବାରୁ ଯୁବତୀ ଦୁଇଜଣ ସ୍କୁଟରରୁ ଖସି ତଳେ ପଡ଼ି ଯାଇଥିଲେ । ଏହା ପରେ ମୃତ ଯୁବକ ଜଣକ ଯୁବତୀକୁ କୁଆଡ଼େ ମାଡ଼ ମାରିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହି ଘଟଣାର ତଦନ୍ତ ପାଇଁ କହିଛନ୍ତି । ଘଟଣାସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୋଲିସ ଡିଜି ୱାଇ ବି ଖୁରାନିଆ, ଭୁବନେଶ୍ୱର–କଟକ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ପହଞ୍ଚିଥିଲେ । ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ମଧ୍ୟ ଘଟଣାର ଅନୁଧ୍ୟାନ କରୁଛନ୍ତି । ଦେଖାଯାଉ, ଏହାର ତଦନ୍ତ କିପରି ହେଉଛି ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପଶ୍ଚିମବଙ୍ଗରେ ଏକ ନୂତନ ସୂର୍ଯ୍ୟୋଦୟ



**ଶ୍ରୀ ରାଜନାଥ ସିଂ**
ପ୍ରତିରକ୍ଷା ମନ୍ତ୍ରୀ

''ହେ ନୁତୋନ, ଦେଖା ଦିକ ଆର୍–ବାର, ଜୋନ୍ମେରୋ ପ୍ରୋଥୋମୋ ଶୁଭୋକ୍ଷୋଣ''– ହେ ନବୀନ, ପୁଣିଥରେ ସାମ୍ନାକୁ ଆସ, ଠିକ୍ ସେହିପରି ଯେପରି ଜନ୍ମ ସମୟରେ ସେହି ପ୍ରଥମ ଶୁଭ ମୁହୂର୍ତ୍ତ ଆସିଥିଲା ।)

ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କର ଏକ ପଙ୍କ୍ତି କେବଳ ଏକ କବିତାର ଅଂଶବିଶେଷ ନୁହେଁ, ବରଂ ବିଭିନ୍ନ ସମୟରେ ସ୍ୱତଃପ୍ରବୃତ୍ତ ଭାବେ ବଦଳୁଥିବା ଏବଂ ନୂତନ ରୂପ ନେଉଥିବା ବଙ୍ଗୀୟ ଆତ୍ମାର ଆହ୍ୱାନ ମଧ୍ୟ । ଗୁରୁଦେବ ଭଲ ଭାବେ ଜାଣିଥିଲେ ଯେ ବଙ୍ଗ ସମୟ ସହିତ ପରିବର୍ତ୍ତିତ ହୁଏ ନାହିଁ, ବରଂ ଏହା ବାରମ୍ବାର ଉନ୍ନତ ଏବଂ ନୂତନ ରୂପରେ ପ୍ରସ୍ଫୁଟିତ ହୋଇଥାଏ । ଗୁରୁଦେବଙ୍କ ଜନ୍ମବାର୍ଷିକୀରେ ଗାନ କରାଯାଇଥିବା ଏହି କବିତାଟି ନବଜାଗରଣ ଏବଂ ନବଚେତନାର ପ୍ରତୀକ । ଏହି ପ୍ରାର୍ଥନା ପୁରୁଣା ରୂଢିବାଦୀ ଧାରଣାକୁ ଭାଙ୍ଗି ନୂତନ, ଉଜ୍ଜ୍ୱଳ ଏବଂ ସୃଜନଶୀଳ ଚିନ୍ତାଧାରା ଗ୍ରହଣ କରିବା ପାଇଁ ଏକ ଆହ୍ୱାନ ମଧ୍ୟ ।

ଏହା ଏକ ସୁଖଦ ସଂଯୋଗ ଯେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀର କିଛି ଦିନ ପୂର୍ବରୁ, ପଶ୍ଚିମବଙ୍ଗ ଅନେକ ଦଶନ୍ଧି ପରେ ଏକ ନବଜାଗରଣର ସାକ୍ଷୀ ହେଉଛି । ମଇ ୪ ତାରିଖରେ, ଭାରତୀୟ ଜନତା ପାର୍ଟି (ବିଜେପି) ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏକ ଐତିହାସିକ ବିଜୟ ହାସଲ କରିଛି । କିନ୍ତୁ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ, ଏହି ନିର୍ବାଚନ କେବେବି କେବଳ ଏକ ରାଜନୈତିକ ପ୍ରତିଯୋଗିତା ନଥିଲା । ଏହା ଏ ମହାନ ଭୂମିର ହଜିଯାଇଥିବା ଗୌରବକୁ ପୁନରୁଦ୍ଧାର କରିବାର ଏକ ସୁଯୋଗ ଥିଲା – ଏପରି ଏକ ସଭ୍ୟତାଗତ ଆହ୍ୱାନ ଥିଲା ଯାହା ନିର୍ବାଚନୀ ସମୀକରଣ ଏବଂ ଗଣନା ଠାରୁ ଉର୍ଦ୍ଧ୍ୱରେ ।

ଆଜି, ଯେତେବେଳେ ପଶ୍ଚିମବଙ୍ଗର ଚେତନା ଏବଂ ଗୌରବର ନୂତନ ସୂର୍ଯ୍ୟୋଦୟ ହେଉଛି, ଆମକୁ ବୁଝିବାକୁ ପଡିବ ଯେ ବଙ୍ଗ କ'ଣ ଏବଂ ବଙ୍ଗ ଚେତନାର ନବଜାଗରଣ କାହାକୁ କୁହାଯାଏ । ଏଥିପାଇଁ ବଙ୍ଗର ଶହ ଶହ ବର୍ଷ ପୁରୁଣା ଚେତନାକୁ ବୁଝିବା ଏବଂ ଜାଣିବା ଆବଶ୍ୟକ ।

ବଙ୍ଗ ସାମାଜିକ ଚେତନାର କେନ୍ଦ୍ର ହେବା ପୂର୍ବରୁ, ଜ୍ଞାନ ଏବଂ ଆଧ୍ୟାତ୍ମିକତାର ଏକ ପବିତ୍ର ଭୂମି ଥିଲା । ପଞ୍ଚଦଶ ଶତାବ୍ଦୀରେ, ନବଦ୍ୱୀପର ଗଙ୍ଗା ନଦୀ କୂଳରେ, ଜଣେ ଯୁବ ସନ୍ନ୍ୟାସୀ ନିମାଇଁ ନିଜ କୀର୍ତ୍ତନ ମାଧ୍ୟମରେ ସମାଜକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ । ଆଜି, ଆମେ ସେହି ଯୁବ ସନ୍ନ୍ୟାସୀଙ୍କୁ ଆଦି ସନ୍ଥ ଚୈତନ୍ୟ ମହାପ୍ରଭୁ ଭାବରେ ଜାଣୁ । ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରଦର୍ଶିତ ଭକ୍ତି ମାର୍ଗ କେବଳ ଆଧ୍ୟାତ୍ମିକ ଶାନ୍ତି ପ୍ରାପ୍ତ କରିବାର ଏକ ମାଧ୍ୟମ ନୁହେଁ ବରଂ ସାମାଜିକ ସମନ୍ୱୟ ପାଇଁ ଏକ ଅଭିଯାନ ମଧ୍ୟ ଥିଲା । ଚୈତନ୍ୟ ମହାପ୍ରଭୁ ଜାତିଗତ ଏବଂ ଉଚ୍ଚନୀଚର ବନ୍ଧନକୁ ଭାଙ୍ଗି ଦେଇଥିଲେ । ତାଙ୍କ ଦ୍ୱାରା ପ୍ରବାହିତ ବୈଷ୍ଣବ ପରମ୍ପରା ସମାଜକୁ କରୁଣା, ସମାବେଶ, ସମାନତା ଏବଂ ସମ୍ଭାବନା ଉପରେ ଗୁରୁତ୍ୱ ଦେଇଥିଲା ।

ଏହି ଚେତନା ବାଉଲ ପରମ୍ପରାରେ ମଧ୍ୟ ଦେଖିବାକୁ ମିଳିଥିଲା । ବାଉଲ ପରମ୍ପରାର ଫକୀରମାନଙ୍କ ପରିଚୟ ଜାତି, ଧର୍ମ କିମ୍ବା କୌଣସି ଶାସ୍ତ୍ର ଦ୍ୱାରା ପରିଭାଷିତ ହେଉନଥିଲା, ବରଂ ସେମାନଙ୍କର ମାନବିକତା ଭାବନା ଦ୍ୱାରା ସେମାନେ ପରିଚିତ ହେଉଥିଲେ । ଲାଲନ ଫକୀର ବାଉଲ ପରମ୍ପରାର ସର୍ବଶ୍ରେଷ୍ଠ ପ୍ରବକ୍ତା ଥିଲେ । ସେ କେଉଁ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିଲେ, ସେହି ପ୍ରଶ୍ନ କେବେ ମହତ୍ୱପୂର୍ଣ୍ଣ ନଥିଲା । ସେ ହିନ୍ଦୁ ସମାଜରେ ପ୍ରଚଳିତ ଜାତିପ୍ରଥାକୁ ବିରୋଧ କରିଥିଲେ ଏବଂ ମୁସଲିମ ସମାଜ ମଧ୍ୟରେ ରହିଥିବା ଭେଦଭାବ ବିରୁଦ୍ଧରେ ସ୍ୱର ଉଠାଇଥିଲେ । ସେ ବଙ୍ଗର ସେହି ସାଂସ୍କୃତିକ ଚେତନାର ପ୍ରତୀକ ଥିଲେ ଯେଉଁଥିରେ ସହିଷ୍ଣୁତା ଓ ସହାବସ୍ଥାନର ଭାବନା ସମାହିତ ଥିଲା ।

ବିଗତ ତିନି ଶତାବ୍ଦୀ ମଧ୍ୟରେ, ବଙ୍ଗ ଓ ବଙ୍ଗର ଲୋକମାନେ କେବଳ ଭାରତର ସାମାଜିକ ନବଜାଗରଣରେ ଭାଗ ନେଇନଥିଲେ, ବରଂ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ । ଯେତେବେଳେ ସମାଜ ଏହାର ଜଡତା, କୁପ୍ରଥା ଏବଂ ବିକୃତ ପରମ୍ପରା ଦ୍ୱାରା ଭାରାକ୍ରାନ୍ତ ଥିଲା, ରାଜା ରାମମୋହନ ରାୟ ପରମ୍ପରାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିନଥିଲେ କିମ୍ବା ଅଯୌକ୍ତିକ ଭାବରେ ଏହାକୁ ଯଥାର୍ଥ ବୋଲି କହିନଥିଲେ । ସେ ଲୋକମାନଙ୍କୁ ଆତ୍ମବୋଧ କରାଇ, ସମାଜକୁ ଭିତରରୁ ସଂସ୍କାର କରିବାର ପଥ ବାଛିଥିଲେ । ତାଙ୍କର ବାର୍ତ୍ତା ସ୍ପଷ୍ଟ ଥିଲା: ସମାଜର ପୁନର୍ଜନ୍ମ ବାହାରୁ ନୁହେଁ ବରଂ ଭିତର ଚେତନାରୁ ହୋଇଥାଏ । ସତୀଦାହ ପ୍ରଥା ଭଳି ଅମାନବୀୟ କୁପ୍ରଥା ବିରୁଦ୍ଧରେ ତାଙ୍କର ସଂଘର୍ଷ କେବଳ ସାମାଜିକ ସଂସ୍କାର ପାଇଁ ଏକ ଆନ୍ଦୋଳନ ନଥିଲା, ବରଂ ଭାରତୀୟ ଆତ୍ମାକୁ ପୁନର୍ଜୀବିତ କରିବା ପାଇଁ ଏକ ତପସ୍ୟା ଥିଲା । ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଏହି କାର୍ଯ୍ୟକୁ ଆଗକୁ ବଢ଼ାଇଥିଲେ । ସେ ଶିକ୍ଷାକୁ କେବଳ ଜ୍ଞାନ ପ୍ରାପ୍ତିର ଏକ ମାଧ୍ୟମ ନୁହେଁ, ବରଂ ମୁକ୍ତିର ଏକ ମନ୍ତ୍ରରେ ପରିଣତ କରିଥିଲେ । ସେ ଶିକ୍ଷାକୁ ମହିଳାମାନଙ୍କ ଉତ୍ଥାନ, ସଶକ୍ତିକରଣ ଏବଂ ମୁକ୍ତିର ଏକ ମାଧ୍ୟମ ଭାବରେ ପରିଣତ କରିଥିଲେ ।

ବଙ୍ଗର ଅନ୍ୟତମ ମହାପୁରୁଷ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ହିଁ ଦେଶକୁ ବନ୍ଦେ ମାତରମ୍ ଅମର ମନ୍ତ୍ର ଦେଇଥିଲେ । ''ବନ୍ଦେ ମାତରମ୍'' ଗୀତଟି ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଲଢ଼ିବାକୁ ଶକ୍ତି ଦେଇଥିଲା ଏବଂ ଶହ ଶହ ବର୍ଷ ଧରି ଶୋଇଥିବା ଏକ ଜାତିକୁ ଜାଗ୍ରତ କରିଥିଲା । ଏହି ଗୀତଟି ଏବେ ବି ଭାରତର ଅନ୍ତରାତ୍ମା ସହ ପ୍ରତିଧ୍ୱନିତ ହୁଏ । ବଙ୍ଗ ଭାରତର ପ୍ରଥମ ମହିଳା ଚିକିତ୍ସକ ଡକ୍ଟର କାଦମ୍ବିନୀ ଗାଙ୍ଗୁଲିଙ୍କୁ ମଧ୍ୟ ଜନ୍ମ ଦେଇଥିଲା, ଯିଏ ସମସ୍ତଙ୍କୁ, ବିଶେଷକରି ମହିଳାମାନଙ୍କୁ ପ୍ରେରଣା ଦେଇଥିଲେ । ବଙ୍ଗ ମାଟିରେ ଜନ୍ମଗ୍ରହଣ କରିଥିବା ପ୍ରଖର ରାଷ୍ଟ୍ରବାଦୀ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

ବଙ୍ଗ ଯେତେ ଅସାଧାରଣ ପ୍ରତିଭା ଏବଂ ମହାପୁରୁଷମାନଙ୍କୁ ଜନ୍ମ ଦେଇଛି ସେମାନଙ୍କ ମଧ୍ୟରୁ ହୁଏତ ସବୁଠାରୁ ପ୍ରସିଦ୍ଧ ଏବଂ ପ୍ରବୁଦ୍ଧ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ଚିକାଗୋଠାରେ ୧୮୯୩ ମସିହାରେ ବିଶ୍ୱ ଧର୍ମ ସଂସଦରେ ତାଙ୍କର ଭାଷଣ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ସେ ସମଗ୍ର ବିଶ୍ୱକୁ ବେଦାନ୍ତ ଏବଂ ଭାରତର ମହାନ ସଭ୍ୟତା ମୂଲ୍ୟବୋଧ ସହିତ ପରିଚିତ କରାଇଥିଲେ । ସେ ହିନ୍ଦୁ ଧର୍ମର ମହାନତା ବିଷୟରେ ବର୍ଣ୍ଣନା କରିବା ସହିତ ଧାର୍ମିକ ସହନଶୀଳତା ଅବଲମ୍ବନ କରିବା ଏବଂ ଧର୍ମାନ୍ଧତା ଦୂର କରିବା ଲାଗି ଆହ୍ୱାନ ଦେଇଥିଲେ । ସେଠାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେ ଏପରି କିଛି କଥା ଦେଶବାସୀଙ୍କୁ କହିଥିଲେ – ଶକ୍ତି ବିନା ଆଧ୍ୟାତ୍ମିକତା ହେଉଛି ଭାବପ୍ରବଣତା, ଜଣେ ଭୋକିଲା ପୁରୁଷକୁ ଦର୍ଶନ ଶିକ୍ଷା ଦିଆଯାଇପାରିବ ନାହିଁ, ଦେବୀଙ୍କୁ କେବଳ ମନ୍ଦିରରେ ନୁହେଁ ବରଂ ମହିଳା, ଗରିବ, ରାଷ୍ଟ୍ର ରୂପରେ ପୂଜା କରାଯିବା ଉଚିତ ।

ଏହା ହିଁ ବଙ୍ଗର ପରିଚୟ । ବଙ୍ଗ ସବୁବେଳେ ନିଜକୁ ଏହି ରୂପରେ ବ୍ୟକ୍ତ କରି ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଙ୍ଗଳା ପାଇଁ ଏହି ଦୃଷ୍ଟିକୋଣ ରଖିଛନ୍ତି । ଏହା ଅତୀତକୁ ଫେରିଯିବାର ଆକାଂକ୍ଷା ନୁହେଁ, କିମ୍ବା ଆଧୁନିକତାର ପଛରେ ପଡ଼ି ଏକ ବିଦେଶୀ ସଭ୍ୟତାର ଛାୟା ହେବାର ଲାଳସା ନୁହେଁ । ଏହା ଏକ ଦୃଷ୍ଟିକୋଣ ଯାହା ବଙ୍ଗକୁ ପୁନର୍ବାର ଜାଗ୍ରତ କରିବାକୁ ଚେଷ୍ଟା କରେ ଯାହା ଦ୍ୱାରା ରାଜ୍ୟ ତାର ପୂର୍ଣ୍ଣ ସାମର୍ଥ୍ୟ ଆଧାରରେ ନିଜର ସର୍ବୋଚ୍ଚ ବୈଭବ ହାସଲ କରିପାରିବ ।

ଦୁର୍ଭାଗ୍ୟବଶତଃ, ବହୁତ ଦିନ ଧରି, ବଙ୍ଗର କିଛି ବୁଦ୍ଧିଜୀବୀ ଓ ରାଜନୈତିକ ବର୍ଗ ନିଜର ସାଂସ୍କୃତିକ ଐତିହ୍ୟକୁ ବୋଝ ବୋଲି ମନେ କରୁଥିଲେ ଏବଂ ଏହାକୁ ହୀନ ଦୃଷ୍ଟିରେ ଦେଖୁଥିଲେ । ଯେଉଁମାନେ ବଙ୍ଗର ସଭ୍ୟତା, ଧର୍ମ, ସଂସ୍କୃତି ଏବଂ ଚେତନାର କଥା କହୁଥିଲେ ସେମାନଙ୍କୁ ଦମନ କରାଯାଇଥିଲା ଏବଂ ସେମାନଙ୍କ ସ୍ୱରକୁ ଦମନ କରାଯାଇଥିଲା । ପରମ୍ପରାକୁ ପଛୁଆ ବୋଲି ବିବେଚନା କରାଯାଇଥିଲା । ଆଧୁନିକତା ନାମରେ ଏକ ଉପନିବେଶବାଦୀ ମାନସିକତାକୁ ପ୍ରୋତ୍ସାହିତ କରାଯାଇଥିଲା । ଫଳସ୍ୱରୂପ, ପଶ୍ଚିମବଙ୍ଗ ଅନେକ ଦଶନ୍ଧି ଧରି ଅସ୍ଥିରତା, ଅରାଜକତା, ବିକାଶହୀନତା, ସାଂଗଠନିକ ଅବନତି ଏବଂ ବୈଚାରିକ ଜଡ଼ତା ଭୋଗ କରିଥିଲା ।

ପଶ୍ଚିମବଙ୍ଗରେ ଏହି ନିବାଚନ ଓ ପରିବର୍ତ୍ତନ କେବଳ ରାଜନୈତିକ କ୍ଷମତାର ହସ୍ତାନ୍ତର ନୁହେଁ । ଏହା ବଙ୍ଗକୁ ଏହାର ମୂଳଦୁଆ ଠାରୁ ଦୂରେଇ ରଖିଥିବା ଲୋକଙ୍କ ବିରୁଦ୍ଧରେ ଏକ ଜନାଦେଶ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ କ୍ଷମତା ପାଇଁ ଲଢ଼େଇ ନୁହେଁ, ବରଂ ପଶ୍ଚିମବଙ୍ଗର ଗୌରବ ଓ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏକ ଯଜ୍ଞ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବେଲୁର ମଠ ସହିତ ଆଧ୍ୟାତ୍ମିକ ସମ୍ପର୍କ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ତାଙ୍କର ଅପାର ଶ୍ରଦ୍ଧା ଏବଂ ସୁଶାସନକୁ 'ସେବା' ରୂପରେ ଦେଖିବାର ତାଙ୍କର ଦୃଷ୍ଟିକୋଣ – ଏସବୁ ପ୍ରମାଣ ଯେ 'ପ୍ରଧାନ ସେବକ' ବଙ୍ଗର ବିକାଶ ଏବଂ ପୁନର୍ଜାଗରଣକୁ ଏକ ପବିତ୍ର ଦାୟିତ୍ୱ ବୋଲି ବିବେଚନା କରନ୍ତି । ଏହାକୁ ସେ ତାଙ୍କର 'ପ୍ରଧାନ ଧର୍ମ' ଏବଂ 'ପ୍ରଧାନ କର୍ମ' ରୂପେ ପାଳନ କରୁଛନ୍ତି ।

ତେଣୁ, ବଙ୍ଗର ବିକାଶ ଏବଂ ପୁନଃର୍ନିର୍ମାଣର ଅର୍ଥ କେବଳ ଅନେକ ଦଶନ୍ଧି ଧରି ଅବହେଳିତ ଏବଂ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମି ନିର୍ମାଣ କରିବା ନୁହେଁ, ବରଂ ସେହି ଘାଟଗୁଡ଼ିକୁ ପୁନରୁଦ୍ଧାର କରିବା ଯେଉଁଠାରେ ଚୈତନ୍ୟ ମହାପ୍ରଭୁଙ୍କ କୀର୍ତ୍ତନ ଏକଦା ଲୋକଙ୍କୁ ଆକର୍ଷିତ କରିଥିଲା । ଏହାର ଅର୍ଥ ସେହିସବୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସୁଦୃଢ଼ କରିବା ଯାହାର ସ୍ୱପ୍ନ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଦେଖିଥିଲେ । ଏହାର ଅର୍ଥ ଶହ ଶହ ବର୍ଷ ଧରି ବଙ୍ଗରେ ବସବାସ କରୁଥିବା ଆମର ଆଦିବାସୀ ଭାଇଭଉଣୀମାନଙ୍କୁ ମର୍ଯ୍ୟାଦା, ସମ୍ମାନ ଏବଂ ସୁଯୋଗ ଦେବା । ଏହାର ଅର୍ଥ ଦୀର୍ଘ ଦିନ ଧରି ଶାସକ ଦଳ ଦ୍ୱାରା ବୈମାତୃକ ମନୋଭାବ କାରଣରୁ ଅବହେଳିତ ହୋଇ ରହିଥିବା ପାର୍ବତ୍ୟାଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ କରିବା ।

ଗତ କିଛି ଦଶନ୍ଧି ଧରି ଭୟ ଏବଂ କୁଶାସନ ଯୋଗୁଁ ଏପରି ଲାଗୁଥିଲା ଯେପରି ପଶ୍ଚିମବଙ୍ଗର ସୁବର୍ଣ୍ଣ ଯୁଗ ଚାଲିଯାଇଛି । କିନ୍ତୁ ଆଜି, ନୂତନ ଆତ୍ମବିଶ୍ୱାସ ଓ ଶକ୍ତି ସହିତ, ବଙ୍ଗ ପୁଣି ଥରେ ସମୃଦ୍ଧି ଓ ଶାନ୍ତିର ଏକ ନୂତନ ଯୁଗରେ ପ୍ରବେଶ କରିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଗଠିତ ପ୍ରଥମ ବିଜେପି ସରକାର ଗୁରୁଦେବଙ୍କ ଦ୍ୱାରା ବର୍ଣ୍ଣିତ ''ନୂତନ'' ଭାବନା ସହିତ ସେବାର ସଂକଳ୍ପକୁ ନେଇ ଆଗକୁ ବଢ଼ିବ । ବଙ୍ଗର ପ୍ରତିଷ୍ଠା ଓ ସମୃଦ୍ଧି ସହିତ ଏହାର ସାଂସ୍କୃତିକ ଗୌରବ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିବ ।

# ଅନ୍ଧ ବିଶ୍ୱାସର କଥା



**ରାକେଶ ପଣ୍ଡା**

ଆଜିର ଆଧୁନିକ ସମୟ ଓ ଆଲୋକିତ ପରିବେଶ ମଧ୍ୟରେ କିପରି ଜଣେ ଶିକ୍ଷିତ ଓ ସଭ୍ୟ ମଣିଷ ତା'ର ଜାଣତ ଓ ଅଜାଣତରେ ଅନ୍ଧାରୀ ବିଶ୍ୱାସ ଓ ଅବାସ୍ତବ ଦୁନିଆଁ ଆଡକୁ ଚାଲିଯାଏ ! ଅନେକ ସମୟରେ ଦୈନିକ ସମ୍ବାଦପତ୍ରର ପୃଷ୍ଠା ଲେଉଟାଇଲା ବେଳକୁ ଗୁଣିଗାରେଡି ଓ ଅନ୍ଧବିଶ୍ୱାସକୁ ଭିତ୍ତି କରି କେଉଁ ଜଣେ ବ୍ୟକ୍ତିଙ୍କୁ ଉଲଗ୍ନ କରି ଗାଁ ରାସ୍ତାରେ ଚଲେଇବା, ଗଛରେ ବାନ୍ଧି ଅମାନୁଷିକ ଭାବରେ ମାଡ ମାରିବା ଏବଂ ନିର୍ମମ ହତ୍ୟା କରିବାର ଘଟଣା ଓ ଖବର ପାଠକର ନଜରକୁ ଆସିଥାଏ, ଯାହାକି' ତା'ର ହୃଦୟକୁ ଆଘାତ ଦେବା ସହ ମନ ମଧ୍ୟରେ ଏକ ନକରାତ୍ମକ ପ୍ରତିକ୍ରିୟା ଓ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ।

ନିକଟ ଅତୀତରେ ଏକ ଅଗ୍ରଣୀ ଓଡିଆ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ପ୍ରକାଶିତ ସଦ୍ୟ ଖବର ଅନୁସାରେ, କୋରାପୁଟ ଜିଲ୍ଲାର ଜୟପୁର ଜଳସେଚନ କଲୋନୀର ତଳି ଅଞ୍ଚଳରେ ଜଣେ ଜନ୍ମଦାତ୍ରୀ ତନ୍ତ୍ର ସାଧନାରେ ସିଦ୍ଧି ନିମନ୍ତେ ନିଜର ନାବାଳିକା କନ୍ୟାକୁ ବଳିଦେବା ନିମନ୍ତେ ପ୍ରସ୍ତୁତ କରୁଥିବା ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଧରାପଡିବା ପରେ, ଘଟଣାଟି ସାରା ରାଜ୍ୟରେ ଏକ ଆଲୋଡନ ସୃଷ୍ଟି କରିଛି ! ତେବେ, ଆଜିର ଆଧୁନିକତାର ଚରମ ସୀମାରେ ପହଞ୍ଚି ଏବଂ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ଆଗାମୀ ଦିନରେ ବାସ କରିବା ନିମନ୍ତେ ଯୋଜନା କରୁଥିବା ମଣିଷଟିଏର ଏହା ପୁଣି କେଉଁ ବିଶ୍ୱାସର ଏକ ଅଂଶ ଅଟେ !

କିଛି ଦିନ ତଳେ, ଜଣେ ବନ୍ଧୁଙ୍କ ଘରକୁ ତାଙ୍କର ଜେଜେ ବାପାଙ୍କର ଶ୍ରାଦ୍ଧ ଅବସରରେ ଯିବା ବେଳେ ଦେଖିବାକୁ ମିଳିଲା ଯେ ପୁରୋହିତ ଶ୍ରାଦ୍ଧ ଦେବାର କିଛି ଘଣ୍ଟା ପୂର୍ବରୁ ସେମାନେ ଦୁଇଟି ବିଲେଇକୁ ଖୋଜିବାକୁ ଲାଗିଲେ । କେଉଁଠାରେ ବିଲେଇ ନ'ମିଳିବାରୁ ତାଙ୍କ ପରିବାର ସଦସ୍ୟ ବ୍ୟସ୍ତ ହୋଇପଡିଲେ ଏବଂ ସଙ୍ଗେ ସଙ୍ଗେ ସେମାନେ ଆଉ ଜଣେ ବାହାର ବ୍ୟକ୍ତିଙ୍କୁ ପାରିଶ୍ରମିକ ଦେଇ ଦୁଇଟି ବିଲେଇ ଧରି ଆଣିବାକୁ କହିଲେ । କିଛି ସମୟ ଭିତରେ ଉକ୍ତ ବ୍ୟକ୍ତି ଜଣଙ୍କ ଗାଁ ଭିତରୁ ଦୁଇଟି ବିଲେଇ ଧରି ଆଣିଲେ ଏବଂ ଶ୍ରାଦ୍ଧ ଦେବା ପାଖ କକ୍ଷରେ ଗୋଟିଏ ବଡ ଡାଲା ଅବା ପାଛିଆ ତଳେ ସେମାନଙ୍କୁ ରଖିଦେଲେ । ଶ୍ରାଦ୍ଧ ସମାପ୍ତ ପରେ, ଉକ୍ତ ବିଲେଇ ଦୁଇଟିକୁ ପାଛିଆ ମଧ୍ୟରୁ ମୁକ୍ତ କରିଦିଆଗଲା । ଏହା ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ଏବଂ ଘଟଣା ପଛର ମନସ୍ତାତ୍ତ୍ୱିକ, ପାରମ୍ପରିକ ଓ ବୈଜ୍ଞାନିକ କାରଣ ଖୋଜିବାକୁ ଲାଗିଲି । ପରବର୍ତ୍ତୀ ମୁହୂର୍ତ୍ତରେ, ଏହା ମୋର ଜ୍ଞାତସାରକୁ ଆସିଲା ଯେ, ଅତୀତରେ ଉକ୍ତ ଗ୍ରାମରେ ଘରେ ଘରେ ମାତ୍ରାଧିକ୍ୟ ପୋଷା ବିଲେଇ ଥିଲେ ଏବଂ ଘର ସଦସ୍ୟଙ୍କୁ ଅନେକ ହଇରାଣ କରୁଥିଲେ । ତେଣୁ, ଘରେ ଅନୁଷ୍ଠିତ ହେଉଥିବା କିଛି ପୂଜା ତଥା କାର୍ଯ୍ୟକ୍ରମ ପୂର୍ବରୁ ବିଲେଇମାନଙ୍କୁ ଏକାଠି କରି ଗୋଟିଏ ବଡ ପାଛିଆ ତଳେ ରଖି ଦିଆ ଯାଉଥିଲା ଏବଂ ପୂଜା ପରେ ସେମାନଙ୍କୁ ମୁକ୍ତ କରା ଯାଉଥିଲା । ବର୍ତ୍ତମାନ ସମୟରେ ସେଠାରେ ଆଉ ସେହିପରି ସଂଖ୍ୟାରେ ବିଲେଇ ନାହାଁନ୍ତି । କିନ୍ତୁ, ତାହା ଏକ ଅପ–ଚଳଣି ତଥା ଅନ୍ଧବିଶ୍ୱାସରେ ପରିଣତ ହୋଇ ଆଜି ମଧ୍ୟ ଚାଲୁ ରହିଛି !

ତେବେ, ଅନ୍ଧବିଶ୍ୱାସ ହେଉଛି ଏପରି କୌଣସି ବିଶ୍ୱାସ କିମ୍ବା ଅଭ୍ୟାସ ଯାହା ଅଯୌକ୍ତିକ, ଅଜ୍ଞତାରୁ ଉତ୍ପନ୍ନ, ବିଜ୍ଞାନ କିମ୍ବା କାରଣଗତିର ଭୁଲ ବୁଝାମଣା, ଭୟ ଏବଂ ଭାଗ୍ୟରେ ବିଶ୍ୱାସ ଉପରେ ଆଧାରିତ ଆଚରଣର ଏକ ଉପାୟ ଅଟେ, ଯାହାକି' ଯୁକ୍ତି ଯୁକ୍ତ ଜ୍ଞାନ ଉପରେ ଆଧାରିତ ନୁହେଁ, ଏବଂ ଜଣେ ଅନ୍ଧବିଶ୍ୱାସୀ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ଭୟଙ୍କର ବିଶ୍ୱାସର କୁପ୍ରଭାବ ବିଷୟରେ କୌଣସି ଚିନ୍ତା କରନ୍ତି ନାହିଁ ।

ଭାରତର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB)ରୁ ମିଳିଥିବା ତଥ୍ୟ ଅନୁସାରେ, ଦେଶରେ ପ୍ରତିବର୍ଷ ଶହ ଶହ ହତ୍ୟାକାଣ୍ଡ ଅନ୍ଧ ବିଶ୍ୱାସ ଯୋଗୁଁ ଘଟୁଛି, ଯାହାକି' ବିଶେଷକରି କଳା–ଯାଦୁବିଦ୍ୟା, ତନ୍ତ୍ର ସାଧନା, ଗୁଣିଗାରେଡି ଏବଂ ମାନବ ବଳି ସହିତ ଜଡିତ ଅଟେ ।

ବର୍ଷ ୨୦୦୦ ରୁ ୨୦୨୦ ମଧ୍ୟରେ ଭାରତରେ କଳାଯାଦୁ ଓ ଗୁଣିଗାରେଡିକୁ ଭିତ୍ତିକରି ପ୍ରାୟ ୨୫୦୦ରୁ ଅଧିକ ମହିଳାଙ୍କୁ ହତ୍ୟା କରାଯାଇଛି । କିଛି ରାଜ୍ୟ, ବିଶେଷକରି ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଆସାମରେ ତନ୍ତ୍ର ସାଧନା ସମ୍ପର୍କିତ ଅପରାଧ ସର୍ବାଧିକ ପ୍ରଚଳିତ ଅଟେ । ୨୦୨୧ ବର୍ଷର NCRB ରିପୋର୍ଟରେ କଳା–ଯାଦୁବିଦ୍ୟା ସମ୍ପର୍କିତ ୬୮ଟି ହତ୍ୟା ଏବଂ ୬ ଟି ମାନବ ବଳି ରେକର୍ଡ କରାଯାଇଛି, ଯେଉଁଥିରେ, ରୋଗ, ଫସଲ ନଷ୍ଟ, ଆର୍ଥିକ କ୍ଷତି, ଜମି ହଡ଼ପ, ପାରିବାରିକ ବିବାଦ, ସାମାଜିକ ବାସନ୍ଦ, ଶାରୀରିକ ହିଂସା, ମୃତକଙ୍କୁ ପୁନର୍ଜୀବିତ କରିବାର ପ୍ରୟାସ, ଅସାଧାରଣ ଶକ୍ତି ପ୍ରାପ୍ତି ପରି କିଛି ଉଦ୍ଦେଶ୍ୟକୁ କାରଣ ଭାବରେ ଅଭିହିତ କରାଯାଇଛି । ବିଶେଷକରି ବିଚ୍ଛିନ୍ନ ଗ୍ରାମାଞ୍ଚଳରେ ଅନେକ ଘଟଣା ଓ ମାମଲା ରିପୋର୍ଟ ନ'ହେବା କାରଣରୁ ତାହା ସରକାରୀ ତଥ୍ୟକୁ ଆସିପାରେ ନାହିଁ ଏବଂ ଅନ୍ଧାରୀ ଚଳଣି ମଧ୍ୟରେ ଲୁଚି ରହିଯାଏ ।

**ବର୍ଷ ୨୦୦୦ ରୁ ୨୦୨୦ ମଧ୍ୟରେ ଭାରତରେ କଳାଯାଦୁ ଓ ଗୁଣିଗାରେଡିକୁ ଭିତ୍ତିକରି ପ୍ରାୟ ୨୫୦୦ରୁ ଅଧିକ ମହିଳାଙ୍କୁ ହତ୍ୟା କରାଯାଇଛି । କିଛି ରାଜ୍ୟ, ବିଶେଷକରି ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଆସାମରେ ତନ୍ତ୍ର ସାଧନା ସମ୍ପର୍କିତ ଅପରାଧ ସର୍ବାଧିକ ପ୍ରଚଳିତ ଅଟେ ।**

ଏତଦ୍ ବ୍ୟତୀତ, ଆଜି ମଧ୍ୟ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏହିପରି ଚମତ୍କାର ବିଶ୍ୱାସ ଓ ମାନସିକତା ରଖନ୍ତି ଯେ ଘରୁ ବାହାରିବା ସମୟରେ ମାଆଙ୍କ ପଣତ କାନିରେ ମୁହଁ ପୋଛିଲେ ନିଜର ଆର୍ଥିକ ଲାଭ ହେବ, ବାପାଙ୍କ ବିଛଣାରେ ଶୋଇଲେ ଭଲ ସ୍ୱାସ୍ଥ୍ୟ ଉପଭୋଗ କରିବ, ସ୍ତ୍ରୀକୁ ଗହଣାରେ ଆଭୂଷିତ କଲେ ଚାକିରିରେ ପଦୋନ୍ନତି ମିଳିବ, ବୁଲା ପଶୁମାନଙ୍କୁ ଖାଇବାକୁ ଦେଲେ ଫସଲ ଭଲ ହେବ, କୁକୁରମାନଙ୍କୁ ଖାଦ୍ୟ ଦେଲେ କିଛି ଗ୍ରହ ପୀଡା ଶାନ୍ତି ହେବ, ବିଲେଇ ବାଟ କାଟିଲେ ଯାତ୍ରା ଅମଙ୍ଗଳ ହେବ, ଝିଟିପିଟି ଶରୀର ଉପରେ ପଡିଲେ ଅନିଷ୍ଟ ଘଟିବ, ଦେବାଦେବୀଙ୍କ ନିକଟରେ ପଶୁବଳି ପ୍ରଦାନ କଲେ ମନୋସ୍କାମନା ପୂର୍ଣ୍ଣ ହେବ ।

ଏହାଛଡା, ନିଜର ଉନ୍ନତି ଓ ସଫଳତା ପ୍ରାପ୍ତି ନିମନ୍ତେ ଚିତାବାଘ, କୁମ୍ଭୀର, ସାପ ଏବଂ ଓଟର ଦାନ୍ତ, ଝିଟିପିଟିର ଲିଙ୍ଗ, ହରିଣ ହାଡ଼ ଆଦିକୁ କିଛି ବ୍ୟକ୍ତି ଧାରଣ କରିଥାନ୍ତି । ଯେଉଁ ମାନସିକତା ଓ ଅଭ୍ୟାସ ଅନେକ ପ୍ରଶ୍ନବାଚୀର ଘେର ମଧ୍ୟରେ ଆଜି ଏକ ସ୍ପଷ୍ଟ ଓ ପରିପକ୍ୱ ଉତ୍ତର ପାଇବା ନିମନ୍ତେ ଅପେକ୍ଷା କରେ । ତେବେ, ଏହାକୁ ପ୍ରତିରୋଧ କରିବା ନିମନ୍ତେ ସମ୍ବିଧାନରେ କିଛି ଆଇନ ବ୍ୟବସ୍ଥା ରହିଥିଲେ ମଧ୍ୟ, ଯେ–ପର୍ଯ୍ୟନ୍ତ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଆତ୍ମସଚେତନତା ନ'ଆସିଛି, ସେ–ପର୍ଯ୍ୟନ୍ତ ଉକ୍ତ ଅନ୍ଧ–ବିଶ୍ୱାସ ଓ କୁଅଭ୍ୟାସ ସବୁଦିନ ପାଇଁ ମଣିଷର ମନ ଉପରେ ମଧ୍ୟରେ ଆଧିପତ୍ୟ ବିସ୍ତାର କରି ରହିଥିବ ଏବଂ ସମାଜରେ ନୀରବତାର ସହିତ ଅନେକ କ୍ଷତି କରି ଚାଲିଥିବ ।

**ବନ୍ଧାଲୋ, ଟାଙ୍ଗୀ, କଟକ–୭୫୪୦୨୨**
**ମୋ–୯୩୩୭୮୯୭୬୫୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଦେଶ ବିଦେଶର ୧୨ତମ ସ୍ୱନକ୍ଷେତ୍ର ଦିବସ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ସାପ୍ତାହିକ ଖବର କାଗଜ ଦେଶ ବିଦେଶର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱନକ୍ଷେତ୍ର ଉତ୍ସବରେ ଉଦଘାଟକ ଭାବରେ ବରିଷ୍ଠ ରାଜନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ମୁଖ୍ୟ ଅତିଥି ଭାବରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ,ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପାଟଶାଣୀ, ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ସମସ୍ତ ଉପସ୍ଥିତ ରହିଥିଲେ ।ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ପ୍ରଥମେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ ସମ୍ବାଦ ସାମ୍ବାଦିକ ଓ ଏହାର କର୍ତ୍ତବ୍ୟ ଏବଂ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ପରବର୍ତ୍ତୀ ମୁଖ୍ୟବକ୍ତା ବିଧାୟକ ପ୍ରଶାନ୍ତ




ଜଗଦେବ କହିଥିଲେ ସାମ୍ବାଦିକତା ହେଉଛି ଏକ ସେବାର ବୃତ୍ତି ଏହା ସମାଜକୁ ପ୍ରକୃଷ୍ଟ ଦିଗ୍‌ଦର୍ଶନ ଦେବା ସହ ବାସ୍ତବରେ ସମାଜର ତଳସ୍ତରର ଲୋକଙ୍କ ସମସ୍ୟାକୁ ସରକାରଙ୍କ ସାମ୍ନାକୁ ଆଣିଥାଏ କିନ୍ତୁ ଏବେ ଖବର ମାଧ୍ୟମରେ ବିଭ୍ରାନ୍ତିକର ଖବର ପରିବେଷଣ ହେଉଛି ଏଥିରୁ ସାମ୍ବାଦିକ ଏବଂ ସମ୍ବାଦପତ୍ର ଦୂରେଇ ରହିବା ଉଚିତ ବୋଲି କହିଥିଲେ। ଉଦଘାଟକ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ କହିଥିଲେ ସମ୍ବାଦପତ୍ର ସାମ୍ବାଦିକ ସମାଜର ହିତସାଧ ଖବର ପରିବେଷଣ ସହିତ ବ୍ୟବସ୍ଥାକୁ ସଠିକ୍ ପ୍ରଶ୍ନ ପଚାରିବା ଆବଶ୍ୟକ ।

ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଖବରକାଗଜ ଓ ସାମ୍ବାଦିକତାକୁ ନେଇ ନିଜର ଅନୁଭୂତି ବଖାଣିଥିଲେ ରାଧାନାଥ ରଥ ଠାରୁ ଆରମ୍ଭ କରି ହରେକୃଷ୍ଣ ମହତାବଙ୍କ ପର୍ଯ୍ୟନ୍ତ ସେ କହିଥିଲେ ଯେ ସେତେବେଳେ ଖବର କାଗଜରେ ସତ୍ୟ ନିରୂପିତ ଖବର ପ୍ରକାଶ ପାଉଥିଲା ଏବଂ ହକରକୁ ଅପେକ୍ଷା କରି ରହୁଥିଲେ ଲୋକମାନେ ଖବର ପଢ଼ିବା ପାଇଁ ବର୍ତ୍ତମାନ ସମୟରେ ଏହାର ପରିବର୍ତ୍ତନ ଘଟିଛି କେତେକ ଖବର କାଗଜରେ ସତ୍ୟ ଆଧାରିତ ଖବର ପରିବେଷଣ ହେଉଥିବାବେଳେ ବେଳେବେଳେ କିଛି ଖବର କାଗଜରେ ଅସତ୍ୟ ଖବର ପ୍ରକାଶିତ ହୋଇଥାଏ ବୋଲି ଶ୍ରୀ ପୂଜାରୀ କହିଥିଲେ। ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଆରମ୍ଭରୁ ସାମ୍ବାଦିକଙ୍କ ସୁରକ୍ଷା ସମ୍ମାନ ପେନସନ ସମ୍ପର୍କରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସମାଜ ର ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ଲାଭ କରିଥିବା ଶ୍ରୀମତୀ କଳ୍ପସା, ଅଙ୍କିତା ସଙ୍କୁ ବିଶିଷ୍ଟ ନାରୀ ଶିଳ୍ପଦ୍ୟୋଗି ସମ୍ମାନ, ଜିତେନ୍ଦ୍ର ପାତ୍ର ଙ୍କୁ ଯୁବ ଶିଳ୍ପଦ୍ୟୋଗି ସମ୍ମାନ, ଶିବନାରାୟଣ ବିଶ୍ୱାଳ ଙ୍କୁ ବିଶିଷ୍ଟ ସେବା ସମ୍ମାନ, ଜିତେନ୍ଦ୍ର ନାଥ ଦାସ ଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ ଓ଼ ଶ୍ରୀମତୀ ରାଉତ ସୂର୍ଯ୍ୟକାନ୍ତି ପୁହାଣ ଙ୍କୁ ବିଶିଷ୍ଟ ନାରୀ ସେବା ସମ୍ମାନରେ ସନମାନିତ କରାଯାଇଥିଲା। ସଭା ଶେଷରେ ସାପ୍ତାହିକ ଖବରକାଗଜ "ଦେଶ ବିଦେଶ"ର ପ୍ରତିଷ୍ଠାତା କିଶୋର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ସାକ୍ଷାତ କରୁଛନ୍ତି ଅଷ୍ଟ୍ରେଲିଆ ହାଇକମିଶନର ଖ୍ରୀଷ୍ଟଫର କୁଟର ।

## ବାଲିଅନ୍ତାରେ ସୌମ୍ୟ ସ୍ୱାଇଁ ହତ୍ୟା ମାମଲା

# ପୋଲିସ ସମ୍ମୁଖରେ ପିଟିପିଟି ହତ୍ୟା କରାଯିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ନଗ୍ନ ନମୁନା: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗତ ଏକ ସପ୍ତାହ ହେଲା ଓଡିଶାର ବିଭିନ୍ନ ସ୍ଥାନରେ ଅପରାଧୀମାନେ ଯେଉଭଳି ନାରକୀୟ କାଣ୍ଡ ରଚାଉଛନ୍ତି। ରାଜ୍ୟର ଆଇନ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡି ପଡିଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ ଦାସବର୍ମା ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ, ରାଜ୍ୟରେ ବଢି ଚାଲିଥିବା ଅପରାଧ ଓ ଜଘନ୍ୟ ହତ୍ୟାକାଣ୍ଡ ପୂର୍ବରୁ କେବେ ଦେଖିବାକୁ ମିଳୁନଥିଲା । ବିଜେପି ସରକାର କ୍ଷମତାକୁ ଆସିବା ପରେ ଗୃହ ବିଭାଗର ଅପାରଗତା ଲାଗି ଓଡିଶା ଆଜି ସମଗ୍ର ଦେଶରେ ନିନ୍ଦିତ ହେଉଛି । ଶ୍ରୀ ଦାସବର୍ମା କହିଥିଲେ ଯେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିଲା ବେଳେ ଏହାକୁ କିଭଳି ଦୃଢତାର ସହ ମୁକାବିଲା କରାଯିବ, ସେ କଥା ନକରି ସରକାର ଆତ୍ମରକ୍ଷା ପାଇଁ ବିଭିନ୍ନ ପ୍ରକାର ରାଜନୈତିକ ବିବୃତି ଦେବା ସହ ପ୍ରଶାସନିକ ବିବୃତି ମଧ୍ୟ ଅଫିସରଙ୍କ ଜରିଆରେ ପ୍ରଦାନ କରୁଛନ୍ତି, ଯାହା ଅତ୍ୟନ୍ତ ଲଜ୍ଜାକର ବିଷୟ । ଗତ ଏକ ସପ୍ତାହ ମଧ୍ୟରେ ଢେଙ୍କାନାଳ ସଦର ବ୍ଲକ ଭାପୁର, ବଣିଆସାହିର ଜଣେ ଦଳିତ ମହିଳା ଅଶାନ୍ତି ନାୟକଙ୍କ ଉପରେ ଦୁଷ୍କର୍ମ ଓ ହତ୍ୟା ପାଇଁ ଉଦ୍ୟମ କରାଯାଇଥିଲା । ବର୍ତ୍ତମାନ ସେ କଟକ ବଡ଼ ମେଡ଼ିକାଲ ଆଇସିୟୁରେ ଚିକିତ୍ସାଧୀନ ହେଉଛନ୍ତି । ଅନ୍ୟପଟେ ହିଞ୍ଜିଳି ଥାନା ଅନ୍ତର୍ଗତ ଖରିଡା ଗ୍ରାମରେ ଜଣେ ଗର୍ଭବତୀ ମହିଳାଙ୍କୁ ସ୍ପଷ୍ଟ ଦିବାଲୋକରେ ତାଙ୍କ ୩ ବର୍ଷର ଝିଅ ସମ୍ମୁଖରେ ବିଭତ୍ସ ଭାବେ ହତ୍ୟା କରାଯାଇଛି । ବାଲିଅନ୍ତାରେ ଘଟିଥିବା ଅମାନବୀୟ ଘଟଣାରେ ଦୋଷୀ ତଥା ପୋଲିସକୁ ଘଣ୍ଟ ଘୋଡାଇବା ପାଇଁ ଘଟଣା ସ୍ଥଳରେ ପହଞ୍ଚି ମହିଳା କମିଶନ ଏକ ନାଟକ କରୁଛନ୍ତି । ରାଜ୍ୟରେ ବଢିଚାଲିଥିବା ଅପରାଧ ଓ ନାରୀ ନିର୍ଯାତନା ରୋକିବା ପାଇଁ ଯଦି ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସ୍ନେହାଗିନି ଛୁରିଆ କହିଛନ୍ତି ।

# ମାଲାବାର ଗୋଲ୍ଡର ଭୁବନେଶ୍ୱର ଶୋ'ରୁମରେ ବ୍ରାଇଡାଲ୍ ଶୋ'

ଭୁବନେଶ୍ୱର(ସବ୍ୟୁ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ତାହାର ସହିଦ ନଗର, ଭୁବନେଶ୍ୱର ଶୋ'ରୁମରେ ବ୍ରାଇଡାଲ୍ ଶୋ' ଅଭିଯାନ ଆରମ୍ଭ କରିଛି । ଏହି



ଅଭିଯାନ ୭ ମଇ ୨୦୨୬ ରୁ ୧୭ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହାର ପ୍ରମୁଖ ବ୍ରାଇଡାଲ୍ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହି ବର୍ଷ ସୁନା, ହୀରା, ପୋଲକି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ରାଇଡାଲ୍ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛି । ଏହି ଶୋ'ଟି ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଓଡ଼ିଆ ଅଭିନେତ୍ରୀ ସୋମା ହୋତା ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି । ଏହି ବ୍ରାଇଡାଲ୍ ଶୋ' ଗ୍ରାହକମାନଙ୍କୁ ମୂଲ୍ୟ ସହିତ କାରିଗରୀକୁ ମିଶ୍ରଣ କରୁଥିବା ଅଳଙ୍କାରରେ ନିବେଶ କରିବାର ଏକ ଅସାଧାରଣ ସୁଯୋଗ ପ୍ରଦାନ କରେ ।ଏହା ବ୍ୟତୀତ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଆଡଭାନ୍ସ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଆଡଭାନ୍ସ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ହାର କିମ୍ବା ପ୍ରଚଳିତ ହାର, ଯାହା କମ୍ ଥାଏ, ତାହା ପାଇପାରିବେ । ବ୍ରାଇଡାଲ୍ ଶୋ'ର ଶୁଭାରମ୍ଭ ବିଷୟରେ ମତାମତ ଦେଇ, ମାଲାବାର ଗ୍ରୁପ୍ ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ପ୍ରତିବର୍ଷ ଆମେ ପ୍ରଚଳନ କରୁଥିବା ଅନନ୍ୟ ଡିଜାଇନ୍ ନବସୃଜନ ଏବଂ ଆକର୍ଷଣୀୟ ଅଫର ଯୋଗୁଁ ବ୍ରାଇଡାଲ୍ ଶୋ' ଅଭିଯାନ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର ଅଭିଯାନ ଭାବରେ ଉଭା ହୋଇଛି । ବିଭିନ୍ନ ଅଞ୍ଚଳରେ ନୂତନ ଯୁଗର ବଧୂମାନଙ୍କୁ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବା ପାଇଁ ଆମର ଲକ୍ଷ୍ୟ ସହିତ, ଆମେ କିଛି ପ୍ରକୃତରେ ଅସାଧାରଣ ବଧୂ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛୁ । ଆମର ଗୁଣବତ୍ତା ଏବଂ ପବିତ୍ରତା ନିଶ୍ଚିତତା ସହିତ, ଆମର ବଧୂ ଅଳଙ୍କାର ସଂଗ୍ରହ ବଧୂମାନଙ୍କୁ ଆକର୍ଷିତ କରିବ ।

## ହିମାଳୟ ବେବିକେୟାର୍‌ର ମାତୃଦିବସ ଡିଭିସି ଉନ୍ମୋଚନ

ଭୁବନେଶ୍ୱର (ସବ୍ୟୁ): ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ଯତ୍ନକାରୀ ବ୍ରାଣ୍ଡ ହିମାଳୟ ବେବିକେୟାର ସଦା ପରିବର୍ତ୍ତନଶୀଳ ମାତୃତ୍ୱର ଯାତ୍ରାକୁ ପାଳନ କରିବାକୁ ଯାଇ ଏହି ମାତୃ ଦିବସରେ ଏକ ହୃଦୟସ୍ପର୍ଶୀ ଡିଭିସି ଉନ୍ମୋଚନ କରିଛି । ଏହି ପ୍ରଚାର ଅଭିଯାନ ଏକାଧିକ ଶିଶୁଙ୍କର 'ପ୍ରଥମ' ଏବଂ ସେମାନେ ଆଗକୁ ବହନ କରୁଥିବା ଉଷ୍ମ ଭାବପ୍ରବଣତାଗୁଡିକ ଜରିଆରେ ଏହି ଯାତ୍ରା ସମ୍ପର୍କରେ ଆଲୋକପାତ କରୁଛି । ଏହାର ମୂଳରେ ରହିଥିବା ଚିନ୍ତାଧାରା ହେଉଛି ଯେ ଏହି ଉଲ୍ଲେଖନୀୟ ଘଟଣାଗୁଡିକ ଯେତେବେଳେ ଗୋଟିଏ ଶିଶୁର ଅଭିବୃଦ୍ଧିକୁ ନେଇ ଖୁସି ମନାଉଛି, ସେତେବେଳେ ଏହି ମୁହୂର୍ତ୍ତଗୁଡିକ ମା'ଙ୍କ ପାଇଁ ମଧ୍ୟ ସେତିକି ଗୁରିତ୍ୱପୂର୍ଣ୍ଣ ଓ ଭାବପ୍ରବଣପୂର୍ଣ୍ଣ ଅଟେ । ବର୍ତ୍ତମାନର ପରିବର୍ତ୍ତିତ ପିତୃତ୍ୱ ଓ ମାତୃତ୍ୱ ଯାତ୍ରାରେ ଏହିଭଳି ଅନେକ ମୁହୂର୍ତ୍ତ ନିରବରେ ଅତିବାହିତ ହୋଇଯାଉଛି ।

# ଜ୍ୟୋତିର୍ମୟୀ ଜେନା ହେଲେ ବିଓବି କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଜ୍ୟୋତିର୍ମୟୀ ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୦୮ ମସିହାରେ ବ୍ୟାଙ୍କ ଅଫ୍ ବରୋଦାରେ ଯୋଗଦେଇଥିବା ଶ୍ରୀମତୀ ଜେନାଙ୍କର ଶାଖା ବ୍ୟାଙ୍କିଙ୍ଗ୍ , କର୍ପୋରେଟ୍ କ୍ରେଡିଟ୍, ଫରେକ୍ସ ଏବଂ କ୍ରେଡିଟ୍ ମ୍ୟାନେଜମେଣ୍ଟ ଆଦି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ତାଙ୍କର ୧୮ ବର୍ଷର କ୍ୟାରିୟର ମଧ୍ୟରେ ସେ ମହାରାଷ୍ଟ୍ର, ବିହାର, ଓଡିଶା, ଗୁଜୁରାଟ ଏବଂ ପଶ୍ଚିମବଙ୍ଗ ସହିତ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରିଛନ୍ତି। ସେ ପ୍ରାୟ ୧୧ ବର୍ଷ କ୍ଷେତ୍ର ସ୍ତରରେ କାର୍ଯ୍ୟ କରିଥିବା ବେଳେ ଅବଶିଷ୍ଟ ୭ ବର୍ଷ କର୍ପୋରେଟ୍ କାର୍ଯ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି। ବର୍ତ୍ତମାନ ବ୍ୟାଙ୍କ ଅଫ୍ ବରୋଦା, କଟକ କ୍ଷେତ୍ର ଅଧିନରେ ବ୍ୟାଙ୍କର ୭୩ଟି ଶାଖା କାର୍ଯ୍ୟରତ ରହିଛି। ବ୍ୟାଙ୍କର ଉପସ୍ଥିତିକୁ ଆହୁରି ସୁଦୃଢ କରିବା ପାଇଁ ଆଗାମୀ ଦିନରେ କିଛି ନୂତନ ଶାଖା ଖୋଲାଯିବାର ସମ୍ଭାବନା ରହିଛି ବୋଲି ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଛି। କଟକ କ୍ଷେତ୍ରରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ରିଟେଲ୍, ଏଗ୍ରିକଲ୍‌ଚର ଓ ଏ ମ୍ ଏ ସ୍ ଏ ମ୍ ଇ ବ୍ୟବସାୟକୁ ସୁଦୃଢ କରିବା ସହିତ ଡିଜିଟାଲ ବ୍ୟାଙ୍କିଙ୍ଗ୍ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ଉପରେ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କର କ୍ଷେତ୍ରସ୍ତରୀୟ ଅନୁଭବ ଓ ପ୍ରଶାସନିକ ଦକ୍ଷତା ବ୍ୟାଙ୍କର କଟକ କ୍ଷେତ୍ରର ବ୍ୟବସାୟିକ ଅଭିବୃଦ୍ଧି ଓ ଗ୍ରାହକ ସେବା ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ଆଶା କରାଯାଉଛି।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପଡା ପକ୍ଷରୁ ଜଳସେବା

କଟକ, (ସ୍ୱପ୍ର) : ପ୍ରଚଣ୍ଡ ରୌଦ୍ର ତାପକୁ ଆଖି ଆଗରେ ରଖି ସ୍ଥାନୀୟ ନୂଆପଡା ବାଲିସାହୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶୁକ୍ରବାର ଆଖଣ୍ଡଳମଣି ଶିବ ମନ୍ଦିର ସମ୍ମୁଖ ରାସ୍ତା ପାଶ୍ୱର୍ରେ ଏକ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ପ୍ରଭାତ କୁମାର ରାଉତରାୟ, ଉପ-ସଭାପତି ଦିଲ୍ଲୀପ କୁମାର ଆଚାର୍ଯ୍ୟ, ସମ୍ପାଦକ ଡଃ ରାକେଶ କୁମାର ଜେନା ଏହି ଜଳସେବା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜଳସେବା କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମା, ସେବକ ଭାଇ, ଭଉଣୀ ଓ ସ୍କାଉଟ୍ ଗାଇଡର ଛାତ୍ରଛାତ୍ରୀମାନେ ପଥୀକମାନଙ୍କୁ ଦହିପଣା ବଣ୍ଟନ କରିଥିଲେ



। ଏପରି ଜନସେବା ମୂଳକ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମସ୍ତ ସଦସ୍ୟମାନେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍କାଉଟ ମାଷ୍ଟର ପବିତ୍ର କୁମାର ବେହେରା ଓ ଗାଇଡ କ୍ୟାପଟେନ ଶକୁନ୍ତଳା ମହାନ୍ତିଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପୋଲିସ୍ କମିସନରେଟ୍ ରେଡକ୍ରସ୍ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ରେଡକ୍ରସ୍ ସୋଇାଇଟି, ଭୁବନେଶ୍ୱର – କଟକ ଆଞ୍ଚଳିକ ଶାଖା ପକ୍ଷରୁ ଆଜି ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇ ଯାଇଛି। ଶୁକ୍ରବାର ସକାଳ ୮ ଟା ସମୟରେ ଆରମ୍ଭ ହୋଇଥିବା ମହିଳା ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରକୁ ପୋଲିସ କମିସନର ଡଃ. ଏସ୍ ଦେବ ଦତ୍ତ ସିଂହଙ୍କ ଧର୍ମପତ୍ନୀ ଡଃ. ମାଧୁରୀ ସିଂହ ଓ ରେଡକ୍ରସ୍ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ଶ୍ରୀମତୀ ସୋନାଲୀ ମହାନ୍ତୀଙ୍କ ଉପସ୍ଥିତିରେ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେନ୍ଦ୍ର ବାହାଦୁର ଖୁରାନିଆଙ୍କ ଧର୍ମପତ୍ନୀ ଶ୍ରୀମତୀ ରୁଚିରା ଖୁରାନିଆ ଉଦ୍‌ଘାଟିତ କରିଥିଲେ। ଏହା ସହିତ ବରିଷ୍ଠ ନାଗରିକ ଓ ପୋଲିସ ପରିବାର ପାଇଁ ମଧ୍ୟ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଦିନ ୧୧ ଟା ସମୟରେ ପୋଲିସ କମିସନରେଟ ସଭାଗୃହରେ ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ଅନୁଷ୍ଠିତ ବୈଠକକୁ ପୋଲିସ କମିସନର ତଥା ପୋଲିସ କମିସନରେଟ ରେଡକ୍ରସ୍‌ର ଅଧ୍ୟକ୍ଷ ଡଃ. ଏସ୍ ଦେବ ଦତ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ସହିତ ରେଡକ୍ରସ୍‌ର ପ୍ରତିଷ୍ଠାତା ହେନେରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୋଲିସ ରେଡକ୍ରସ୍‌ର ଉପାଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ଆୟୁକ୍ତ ନରସିଂହ ଭୋଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡିଆ ପକ୍ଷ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୋଲିସ କମିସନରେଟ ରେଡକ୍ରସ୍ ଆଞ୍ଚଳିକ ଶାଖାର ପ୍ରତିଷ୍ଠାତା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା ଓ ରୁଷି ପଟ୍ଟନାୟକଙ୍କୁ କମିସନରେଟ ରେଡକ୍ରସ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହା ପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ହୃଦରୋଗ ବିଷୟରେ, ବାଗଚି କ୍ୟାନସର ଅନୁଷ୍ଠାନର ଡାକ୍ତର ଶ୍ୱେତଲିନା ଆଶେ କ୍ୟାନସର ବିଷୟରେ ଓ ଡାକ୍ତର ପ୍ରଜ୍ଞାନ କୁମାର



ରାଉତରାୟ ମୌଳିକ ଜୀବନ ରକ୍ଷାକାରୀ ସହାୟତା ଉପରେ ଆଲୋଚନା କରିଥିଲେ। ଶେଷରେ ପୋଲିସ କମିସନରେଟ ରେଡକ୍ରସ୍ ଆଞ୍ଚଳିକ ଶାଖାର ଯୁଗ୍ମ-ସମ୍ପାଦକ ତଥା ଅତିରିକ୍ତ ଡିସିପି ମାନସ ରଞ୍ଜନ ଗଡନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରେଡକ୍ରସ୍ ଦାୟୀତ୍ୱରେ ଥିବା ଏସ ଆଇ ଶିବାନୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୋଆ ପକ୍ଷରୁ ଦିନିକିଆ ଟିଏଚ୍‌ଇ ଓଡ଼ିଶା ରିଜିଓନାଲ୍ କନ୍‌କ୍ଲେଭ୍

ଭୁବନେଶ୍ୱର, (ସବ୍ୟୁ): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ଆୟୋଜିତ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଠାରେ ଅଧିକ ବିକଶିତ କରାଯାଇ ପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ।

ଏହି ସମ୍ମିଳନୀରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗ ଦେଇ ନିଜ ବକ୍ତବ୍ୟରେ ଶିକ୍ଷାର ଗୁଣବତା ଉପରେ ଅଧିକ ସହାୟକ ହେଉଛି। ଟିଏଚ୍‌ଇର ଜେନେରାଲ ମ୍ୟାନେଜର ଏବଂ ସିନିୟର ରିଜିଓନାଲ୍ ଡାଇରେକ୍ଟର (ଏସିଆ) ରିତିନ୍ ମାଲହୋତ୍ରା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଗବେଷଣା ମାପଦଣ୍ଡରେ ବିଶ୍ୱସ୍ତରୀୟ ପରିସ୍ଥିତି




ଶୁକ୍ରବାର ଅନୁଷ୍ଠିତ ଏକ ଦିନିକିଆ ସମ୍ମିଳନୀରେ ଓଡ଼ିଶାର ୩୭ଟି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର କୁଳପତି, ପ୍ରଶାସକ ଏବଂ ଶିକ୍ଷାବିତ୍‌ମାନେ ଯୋଗ ଦେଇ ଉଚ୍ଚ ଶିକ୍ଷାର ବିକାଶ ଏବଂ ବିଶ୍ୱ ସ୍ତରରେ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠିତ କରିବାର ବିଭିନ୍ନ ଦିଗ ନେଇ ଆଲୋଚନା ଓ ବିଚାରବିମର୍ଷ କରିଛନ୍ତି। ଟାଇମ୍ସ ହାୟର ଏଜୁକେସନ୍ (ଟିଏଚ୍‌ଇ) ଓଡ଼ିଶା ରିଜିଓନାଲ୍ କନ୍‌କ୍ଲେଭରେ ବକ୍ତାମାନେ ବିଶ୍ୱ ସ୍ତରରେ ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରକୁ କିଭଳି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍ନୋଲଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର)ର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ଉପସ୍ଥିତ ଥାଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଫେସର ବିଶ୍ୱାଳ କହିଥିଲେ ଯେ ଟିଏଚ୍‌ଇ ଏବଂ କ୍ୟୁଏସ୍ ଭଳି ର୍‍ୟାଙ୍କିଙ୍ଗ ପ୍ରକ୍ରିୟା ଭାରତର ଶିକ୍ଷାନୁଷ୍ଠାନ ଗୁଡ଼ିକୁ ବିଶ୍ୱ ସ୍ତରରେ ଚିହ୍ନିତ ହେବା ପାଇଁ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଦୁଇଟି ପର୍ଯ୍ୟାୟରେ ଆଲୋଚନା ଏବଂ ଗୋଟିଏ ସାମୁହିକ ଆଲୋଚନା ରଖାଯାଇଥିବା ବେଳେ ଗୁଣବତା ଭିତିକ ଶିକ୍ଷା, ବୈଷୟିକ ଏବଂ ଗବେଷଣା କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହିତ କିଭଳି ଆନ୍ତର୍ଜାତିକ ସହଭାଗିତା ଏବଂ ଭାଗିଦାରୀ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା।

## ବେଦାନ୍ତ ଶିକ୍ଷାକୁ ନିକଟତର କରିବା ପାଇଁ

# ରାୟଗଡା, କଳାହାଣ୍ଡିରେ ଏକାଲ ବିଦ୍ୟାଳୟକୁ ସମର୍ଥନ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ବିକାଶ ଯାତ୍ରାରେ, ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତଥାପି, ଆମର ଭୂଦୃଶ୍ୟର ବିଶାଳତା ଏବଂ ବିବିଧତାକୁ ଦୃଷ୍ଟିରେ ରଖି, ଏହି ସାମ୍ବିଧାନିକ ଭାବରେ ନିର୍ଣ୍ଣିତ ଅଧିକାରର ଶେଷ ମାଇଲ ପ୍ରଦାନ ଏକ ପୁନରାବୃତି ଚ୍ୟାଲେଞ୍ଜ ହୋଇଛି, ବିଶେଷକରି ଓଡ଼ିଶା ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟରେ। ଏହା ଆଦିବାସୀ ଅଂଚଳରେ ସର୍ବାଧିକ ଦୃଶ୍ୟମାନ, ଯେଉଁଠାରେ ଭୂଗୋଳ, ବିଚ୍ଛିନ୍ନ ଜନବସତି ଏବଂ ସାମାଜିକ-ଆର୍ଥିକ ପ୍ରତିବନ୍ଧକ ଅତ୍ୟାବଶ୍ୟକ ସେବାଗୁଡ଼ିକର ପ୍ରବେଶକୁ ବାଧା ଦିଏ। ରାୟଗଡା ଏବଂ କଳାହାଣ୍ଡି ଭଳି ଜିଲ୍ଲାରେ, ଶିକ୍ଷାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଏହି ପାର୍ଥକ୍ୟ ବିଶେଷ ଭାବରେ ସ୍ପଷ୍ଟ। ଅନେକ ଆଦିବାସୀ ପିଲାଙ୍କ ପାଇଁ, ଆନୁଷ୍ଠାନିକ ଶିକ୍ଷା ପ୍ରାୟତଃ ସେମାନଙ୍କ ପାଇଁ ଅପରିଚିତ ଭାଷାରେ ଆରମ୍ଭ ହୁଏ, ଏପରି ଏକ ବ୍ୟବସ୍ଥା ମଧ୍ୟରେ ଯାହା ସେମାନଙ୍କର ଜୀବନ୍ତ ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ। ଏହି ଆବଶ୍ୟକତାକୁ ଚିହ୍ନି, ଏକଲ ବିଦ୍ୟାଳୟଗୁଡ଼ିକ ଏକ ବିକେନ୍ଦ୍ରୀକୃତ, ସମ୍ପ୍ରଦାୟ-ଆଧାରିତ ମଡେଲ ଗ୍ରହଣ



କରିଛନ୍ତି, ଶିକ୍ଷାକୁ ଗ୍ରାମଗୁଡ଼ିକରେ ଆଣି ସ୍ଥାନୀୟ ଉପଭାଷାରେ ପ୍ରଦାନ କରିଛନ୍ତି।

ବେଦାନ୍ତ ଆଲୁମିନିୟମ ଏହି ଅଂଚଳରେ ଏହି ଅନନ୍ୟ ମଡେଲର ପ୍ରସାରଣକୁ ବ୍ୟାପକ ଭାବରେ ସମର୍ଥନ କରିଆସୁଛି, ଯାହା କଳାହାଣ୍ଡି ଏବଂ ରାୟଗଡ଼ାରେ ପ୍ରାୟ ୪୦୦ଟି ଏପରି ସ୍କୁଲ କମ୍ପାନୀ ଦ୍ୱାରା ସମର୍ଥିତ, ପ୍ରକଳ୍ପର ରୂପାନ୍ତରାତ୍ମକ ପ୍ରଭାବକୁ ଶ୍ରେଣୀଗୃହ ବାହାରେ ଏବଂ ସମ୍ପ୍ରଦାୟରେ ପହଂଚାଇଥାଏ। କମ୍ପାନୀର ପ୍ରୟାସ ଆର୍ଥିକ ସହାୟତାଠାରୁ ଅଧିକ ଏବଂ ଶିକ୍ଷକମାନଙ୍କୁ ସାମିଲ କରିବା, ଶିକ୍ଷଣ ସାମଗ୍ରୀ ପ୍ରଦାନ କରିବା ଏବଂ ଏହାର ବ୍ୟାପକ ସମ୍ପ୍ରଦାୟ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବହାରିକ ସଚେତନତା ଅଧିବେଶନ ସହିତ ଶ୍ରେଣୀଗୃହ ଶିକ୍ଷାକୁ ସଂଯୋଗ କରିବା ପାଇଁ ବିସ୍ତାର କରିଥାଏ। ପ୍ରତ୍ୟେକ ଏକଲ ବିଦ୍ୟାଳୟ ଯଥାସମ୍ଭବ ପ୍ରବେଶ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ୬-୧୦ ବର୍ଷ ବୟସର ପିଲାମାନଙ୍କୁ ମୌଳିକ ଶିକ୍ଷା ସୁଯୋଗ ପାଇବା ନିଶ୍ଚିତ କରିବାରେ ସାହାଯ୍ୟ କରିଥାଏ। ଶ୍ରେଣୀଗୁଡ଼ିକ ଗ୍ରାମ ମଧ୍ୟରେ, ପ୍ରାୟତଃ ଖୋଲା କିମ୍ବା ଅଂଶୀଦାର ସ୍ଥାନରେ ଅନୁଷ୍ଠିତ ହୁଏ, ଜଣେ ଶିକ୍ଷକ/ ଆଚାର୍ଯ୍ୟଙ୍କ ନେତୃତ୍ୱରେ, ସମାନ କିମ୍ବା ନିକଟବର୍ତ୍ତୀ ସମ୍ପ୍ରଦାୟରୁ ଆକର୍ଷିତ। ଏହା ପରିଚିତତା, ଭାଷା ସମନ୍ୱୟ ଏବଂ ନିରନ୍ତରତା ସୁନିଶ୍ଚିତ କରେ।

ଏହା ସହିତ, ପରିମଳ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର କ୍ଷେତ୍ରରେ କମ୍ପାନୀର ଅତିରିକ୍ତ ହସ୍ତକ୍ଷେପ ଏହି ସ୍କୁଲଗୁଡ଼ିକ ଯେଉଁ ଇକୋସିଷ୍ଟମରେ କାର୍ଯ୍ୟ କରେ ତାହାକୁ ଆହୁରି ବୃଦ୍ଧି କରେ। ମଡେଲଟି ସରଳ କିନ୍ତୁ ସୁଚିନ୍ତିତ। ଶିକ୍ଷାଦାନ ପଦ୍ଧତି କାହାଣୀ କହିବା, ଗୀତ ଏବଂ ସ୍ଥାନୀୟ ସନ୍ଦର୍ଭ ଉପରେ ନିର୍ଭର କରେ, ପ୍ରାରମ୍ଭିକ ବର୍ଷଗୁଡ଼ିକରେ ବୋଧଗମ୍ୟତା ସୁନିଶ୍ଚିତ କରେ। କେବଳ ନାମଲେଖା ଅପେକ୍ଷା ସଂରକ୍ଷଣ ଏବଂ ମୌଳିକ ଶିକ୍ଷା ଉପରେ ଧ୍ୟାନ ଦିଆଯାଇଛି। ଶ୍ରେଣୀଗୃହ ଶିକ୍ଷାଠାରୁ ଘରୋଇ ଅଭ୍ୟାସ ପର୍ଯ୍ୟନ୍ତ ଏକଲ ଭିତିଭୂମି ପ୍ରଦାନ କରୁଥିବା ବେଳେ, ସମନ୍ୱିତ ସମ୍ପ୍ରଦାୟ ପଦକ୍ଷେପ ଦ୍ୱାରା ସମର୍ଥିତ ହେଲେ ଏହାର ପ୍ରଭାବ ଗଭୀର ହୁଏ। ଅନେକ ଗାଁରେ, ବେଦାନ୍ତର ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରେଣୀଗୃହ ସଚେତନତାକୁ ସୁଦୃଢ଼ କରାଯାଏ, ଯାହା ଶିକ୍ଷା ଏବଂ ଅଭ୍ୟାସ ମଧ୍ୟରେ ନିରନ୍ତରତା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଏକଲ ମାଧ୍ୟମରେ ପ୍ରଚଳିତ ପରିମଳ ସଚେତନତା ବେଦାନ୍ତର ପ୍ରୋଜେକ୍ଟ ନିର୍ମଳ ଦ୍ୱାରା ପରିପୂରକ, ଯାହା ସ୍ୱଚ୍ଛତା ଅଭ୍ୟାସ, ଋତୁସ୍ରାବ ସଚେତନତା ଏବଂ ସମ୍ପ୍ରଦାୟ-ସ୍ତରୀୟ ଆଚରଣ ପରିବର୍ତ୍ତନରେ ଉନ୍ନତି ଉପରେ ଧ୍ୟାନ ଦିଏ। ସେହିପରି, ବେଦାନ୍ତର ପେହେଲି ଉଡାନ ଏବଂ ଶିଶୁ ସଞ୍ଜିବନୀ କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟିକର ସଚେତନତାକୁ ସମର୍ଥନ କରାଯାଏ, ଯାହା ପରିବାରଗୁଡ଼ିକୁ ଶିଶୁ ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ଅଭ୍ୟାସରେ ନିୟୋଜିତ କରିଥାଏ। ଏହା ଜ୍ଞାନକୁ ଗ୍ରହଣ କରିବାରେ ସାହାଯ୍ୟ କରେ।

# ଟ୍ରମ୍ପଙ୍କୁ ପୁଣି ଅଦାଲତି ଝଟକା

## ୧୦% ଶୁଳ୍କ ବି ଅସିଦ୍ଧ



**ୱାଶିଂଟନ:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାର ଏକ କୋର୍ଟରେ ଆଉ ଏକ ଧକ୍କା ଲାଗିଛି। ପୂର୍ବରୁ ସେ ବିଭିନ୍ନ ଦେଶ ଉପରେ ଲଗାଇଥିବା ପାଲଟା ଶୁଳ୍କକୁ ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ଏହାପରେ ଏକ ଆଇନରେ ଥିବା ଗଳାବାଟକୁ ଅପବ୍ୟବହାର କରି ସେ ଲଗାଇଥିବା ୧୦ ପ୍ରତିଶତ ଶୁଳ୍କକୁ ମଧ୍ୟ ଆମେରିକାର ଏକ କୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି। କୋର୍ଟ ଅଫ୍ ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ୨-୧ ବହୁମତରେ ଟ୍ରମ୍ପଙ୍କ ଶୁଳ୍କ ୧୯୭୪ର ବ୍ୟବସାୟ ଆଇନ ଅନୁଯାୟୀ ଠିକ୍ ନୁହେଁ ବୋଲି କହିଛନ୍ତି। କଂଗ୍ରେସର ଅନୁମତି ବିନା ଏତେ ବଡ଼ ପରିମାଣର ଶୁଳ୍କ ଲଗାଇବାର ଅଧିକାର ସରକାରଙ୍କ ପାଖରେ ନାହିଁ ବୋଲି କୋର୍ଟ ରୋକ୍ଠୋକ୍ ଶୁଣାଇଛନ୍ତି। କୋର୍ଟଙ୍କ ରାୟ ବିରୋଧରେ ଟ୍ରମ୍ପ ପ୍ରଶାସନ ଅପିଲ କରିବା ସମ୍ଭାବନା ରହିଛି। ପ୍ରଥମେ ଏହି ମାମଲା ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର୍ ଦି ଫେଡେରାଲ୍ ସର୍କିଟ୍ରେ ପହଞ୍ଚିବ। ଯଦି ସେଠାରେ କୌଣସି ସମାଧାନ ହୋଇପାରିବ ନାହିଁ ତେବେ ଏହି ମାମଲା ମଧ୍ୟ ସୁପ୍ରିମକୋର୍ଟଙ୍କ ପାଖରେ ପହଞ୍ଚିବ। ତେବେ ଏକ ୪୫ ବର୍ଷ ପୁରୁଣା ଆଇନରେ ଥିବା ଗଳାବାଟକୁ ବ୍ୟବହାର କରି କୌଣସି ପ୍ରକାରରେ ଶୁଳ୍କ ନୀତିକୁ ଜୀବିତ ରଖିଥିବା ଟ୍ରମ୍ପ ଆଗାମୀ ଦିନରେ କଣ ପଦକ୍ଷେପ ନେବେ ତାହା ଆଗାମୀ ଦିନରେ ଜଣାପଡ଼ିବ। ଗତବର୍ଷ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଚଢ଼ା ଦରର ପାଲଟା ଶୁଳ୍କ ଲଗାଇ ସେମାନଙ୍କୁ ବ୍ଲାକ୍ମେଲ୍ କରିବା ଆରମ୍ଭ କରିଥିଲେ। ନିଜକୁ ସୁହାଇବା ଭଳି ବାଣିଜ୍ୟ ରାଜିନାମା ହାସଲ କରିବାକୁ ସେ ଉଦ୍ୟମ କରିଥିଲେ। ଭାରତ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ତାଙ୍କର ସେହି ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିବା ପରେ ଟ୍ରମ୍ପ ବିଚଳିତ ହୋଇ ଗଳାବାଟ ଖୋଜିବା ଆରମ୍ଭ କରିଥିଲେ। ବାଣିଜ୍ୟ ନୀତି ୧୯୭୪ର ଧାରା ୧୨୨ରେ ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ଏକ ବିଶେଷାଧିକାର ତାଙ୍କ ନଜରରେ ପଡ଼ିଥିଲା। ସେହି କ୍ଷମତାକୁ ବ୍ୟବହାର କରି ସେ ଆମେରିକାକୁ କରାଯାଉଥିବା ଆମଦାନି ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ସେହି ଶୁଳ୍କର ଅବଧି ୧୫୦ ଦିନ ଥିଲା। ତାପୂର୍ବରୁ କୋର୍ଟ ଉକ୍ତ ଶୁଳ୍କକୁ ବେଆଇନ କହିଛନ୍ତି। ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ମଧ୍ୟ ଟ୍ରମ୍ପଙ୍କୁ ସ୍ପଷ୍ଟ କରିସାରିଛନ୍ତି ଯେ ଆଇନରେ ରାଷ୍ଟ୍ରପତିଙ୍କୁ ଅସୀମିତ କ୍ଷମତା ଦିଆଯାଇନାହିଁ। ଟ୍ରମ୍ପ ଲଗାଇଥିବା ୧୦ ପ୍ରତିଶତ ଶୁଳ୍କ ବିରୋଧରେ ଆମେରିକାର କ୍ଷୁଦ୍ର ବ୍ୟବସାୟୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ କୋର୍ଟ ସ୍ୱୀକାର କରିଥିଲେ ଯେ କଂଗ୍ରେସକୁ ଦିଆଯାଇଥିବା କ୍ଷମତାର ଅପବ୍ୟବହାର କରାଯାଉଛି। ତିନି ବିଚାରପତି ବିଶିଷ୍ଟ ଖଣ୍ଡପୀଠ ମାମଲାର ଶୁଣାଣୀ କରିଥିଲେ। ସେଥିରୁ ଜଣେ ବିଚାରପତି ରାୟ ଉପରେ ସହମତ ହୋଇନଥିଲେ। ସେହି କହିଥିଲେ ଯେ ବ୍ୟବସାୟ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ପାଖରେ କିଛି ବିଶେଷ କ୍ଷମତା ରହିବା ଉଚିତ୍। ସାରା ବିଶ୍ୱରୁ କଞ୍ଚାମାଲ ସଂଗ୍ରହ କରୁଥିବା ଆମେରିକାର କ୍ଷୁଦ୍ର ବ୍ୟବସାୟୀମାନେ କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବେସିକ୍ ଫନ୍ କମ୍ପାନିର ସିଇଓ ମୟ ଫୋରମ୍ୟାନ୍ କହିଛନ୍ତି ଯେ ଏହା ସେହି ଆମେରିକୀୟ କମ୍ପାନିମାନଙ୍କ ବିଜୟ ଯେଉଁମାନେ ସୁଲଭ ଓ ସୁରକ୍ଷିତ ଜିନିଷ ତିଆରି କରିବା ପାଇଁ ସାରା ବିଶ୍ୱର ବଜାର ଉପରେ ନିର୍ଭରଶୀଳ ରହିଛନ୍ତି। ନିକଟରେ ଲଗାଯାଇଥିବା ଶୁଳ୍କ ଦ୍ୱାରା ଏହି କମ୍ପାନିଗୁଡ଼ିକ ବଞ୍ଚିରହିବା କଷ୍ଟକର ହୋଇପଡ଼ିଥିଲା। ଏବେ ସେମାନେ ନୀତିରେ ସ୍ୱଷ୍ଟତା ସହ କାରବାର କରିବାର ସ୍ୱାଧୀନତା ପାଇପାରିବେ।

# ଜ୍ୱାଳାମୁଖୀ ବିସ୍ଫୋରଣରେ ୩ ପର୍ଯ୍ୟଟକଙ୍କ ମୃତ୍ୟୁ



**ଜାକର୍ତ୍ତା:** ସୋସିଆଲ ମିଡିଆରେ ଭିଡିଓ ଓ ଫଟୋ ପୋଷ୍ଟ କରିବାର କ୍ରେଜ୍ କେତେବେଳେ ଜୀବନ ନେଇପାରେ, ତାହାର ଏକ ଦୁଃଖଦ ଉଦାହରଣ ଇଣ୍ଡୋନେସିଆର ମାଉଣ୍ଟ ଡୁକୋନୋ ଜ୍ୱାଳାମୁଖୀରେ ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ଏହି ସକ୍ରିୟ ଜ୍ୱାଳାମୁଖୀରେ ହଠାତ୍ ବିସ୍ଫୋରଣ ଘଟିବାରୁ ୩ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ସିଙ୍ଗାପୁରର ପର୍ଯ୍ୟଟକ ଏବଂ ଜଣେ ସ୍ଥାନୀୟ ବାସିନ୍ଦା ଅଛନ୍ତି। କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାରମ୍ବାର ଚେତାବନୀ ଓ ସେହି ଅଞ୍ଚଳକୁ ନିଷେଧ କରାଯାଇଥିଲେ ହେଁ, ସୋସିଆଲ ମିଡିଆ କଣ୍ଟେଣ୍ଟ ପ୍ରସ୍ତୁତ କରିବା ପାଇଁ ୨୦ ଜଣ ପର୍ବତାରୋହୀ ବିପଦକୁ ଅଣଦେଖା କରି ପାହାଡ଼ ଉପରକୁ ଚଢ଼ିଥିଲେ। ବିସ୍ଫୋରଣ ସମୟରେ ଆକାଶ ପ୍ରାୟ ୧୦ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ କଳା ଧୂଆଁରେ ପରିପୂର୍ଣ୍ଣ ହୋଇଯାଇଥିଲା। ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଗତ ଡିସେମ୍ବର ମାସରୁ ଭୂକମ୍ପ ଗତିବିଧି ବୃଦ୍ଧି ପାଇବା ଯୋଗୁଁ ଦୁର୍ଘଟଣା ଘଟିଥିବା ଅଞ୍ଚଳର ପ୍ରାୟ ୪ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଶାନ୍ତ ମହାସାଗରର "ରିଙ୍ଗ୍ ଅଫ୍ ଫାୟାର"ରେ ଅବସ୍ଥିତ ଇଣ୍ଡୋନେସିଆରେ ପ୍ରାୟ ୧୩୦ଟି ସକ୍ରିୟ ଜ୍ୱାଳାମୁଖୀ ରହିଛି, ଯେଉଁଥିପାଇଁ ଏଠାରେ ବାରମ୍ବାର ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକମାନଙ୍କୁ ନିଜ ଜୀବନକୁ ବିପଦରେ ନପକାଇବାକୁ ନିବେଦନ କରାଯାଇଛି।

# ନେପାଳରେ ମୁଖ୍ୟ ବିଚାରପତି ନିଯୁକ୍ତି ନେଇ ବିବାଦ



**କାଠମାଣ୍ଡୁ:** ନେପାଳ ରାଜନୀତିରେ ଏବେ ଏକ ବଡ଼ ଧରଣର ସାମ୍ବିଧାନିକ ସଙ୍କଟ ମୁଣ୍ଡ ଟେକିଛି। ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ନେତୃତ୍ୱରେ ସାମ୍ବିଧାନିକ ପରିଷଦ ଦୀର୍ଘ ୭୦ ବର୍ଷର "ବରିଷ୍ଠତା ନିୟମ"କୁ ଅଣଦେଖା କରି ମନୋଜ କୁମାର ଶର୍ମାଙ୍କୁ ନେପାଳର ୩୩ତମ ମୁଖ୍ୟ ବିଚାରପତି ଭାବେ ମନୋନୀତ କରିଛନ୍ତି। ଏହି ନିଷ୍ପତ୍ତି ପରେ ସେଠାକାର ନ୍ୟାୟପାଳିକା ଓ ରାଜନୈତିକ ମହଲରେ ଝଡ଼ ସୃଷ୍ଟି ହୋଇଛି।ସୂଚନା ଅନୁଯାୟୀ, ମନୋଜ କୁମାର ଶର୍ମା ସୁପ୍ରିମକୋର୍ଟର ଚତୁର୍ଥ ବରିଷ୍ଠ ବିଚାରପତି। ପରିଷଦ ତାଙ୍କଠାରୁ ବରିଷ୍ଠ ଥିବା ତିନିଜଣ ବିଚାରପତି, ସ୍ୱପ୍ନା ପ୍ରଧାନ ମଲ୍ଲ, କୁମାର ରେଗମି ଓ ହରି ପ୍ରସାଦ ଫୁୟାଲଙ୍କୁ ବାଦ୍ ଦେଇଛି। ବିରୋଧୀ ଦଳ ଏହାକୁ ଏକ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି କହିବା ସହ ଲିଖିତ ପ୍ରତିବାଦ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ନିଜ ଜିଦରେ ଅଟଳ ରହିଛନ୍ତି। ସେ କହିଛନ୍ତି ଯେ, କେବଳ ବୟସ ବା ବରିଷ୍ଠତା ନୁହେଁ, ବରଂ "ଯୋଗ୍ୟତା ଓ ଦକ୍ଷତା" ଆଧାରରେ ନିଯୁକ୍ତି ହେବା ଆବଶ୍ୟକ। ଅନ୍ୟପକ୍ଷରେ, ଆଇନ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ସରକାରଙ୍କ ଏଭଳି ହସ୍ତକ୍ଷେପ ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁଣ୍ଣ କରିବ ଏବଂ ଭବିଷ୍ୟତରେ ବିଚାରପତିମାନେ ସରକାରୀ ଚାପରେ ରହି କାର୍ଯ୍ୟ କରିବାକୁ ବାଧ୍ୟ ହେବେ।

# ଇଣ୍ଡିଗୋ ବିମାନରେ ନାରାବାଜି

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ ଲୋକସଭା ସାଂସଦ ମହୁଆ ମୋଇତ୍ରା ଗୁରୁବାର ଅଭିଯୋଗ କରିଛନ୍ତି ଯେ, ପ୍ରତିରକ୍ଷା ସଂସଦୀୟ ସ୍ଥାୟୀ କମିଟିର ବୈଠକ ପାଇଁ ସେ ଦିଲ୍ଲୀ ଯାଉଥିବା ସମୟରେ ଇଣ୍ଡିଗୋ ବିମାନରେ ୪-୬ ଲୋକ ଗୋଷ୍ଠୀ ହୋଇ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ତାଙ୍କୁ ଓ ତାଙ୍କ ଦଳ ଟିଏମ୍ସି ତଥା ମମତା ବାନାର୍ଜୀଙ୍କୁ ଚୋର ବୋଲି କହିଥିଲେ। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିକଟରେ ସେ ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଖଲ କରି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଟିଏମ୍ସି ନେତ୍ରୀ ଲେଖିଛନ୍ତି ଯେ, ଇଣ୍ଡିଗୋ ବିମାନ ୬ଇ୭୧୯ରେ ଏହି ଘଟଣା ଘଟିଥିଲା।

# କେରଳମ୍‌ରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଅଛନ୍ତି କେସି ଭେନୁଗୋପାଲ



**ତିରୁଭାନନ୍ତପୁରମ୍** କେରଳ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ବିଜୟୀ ହୋଇଥିବା ବେଳେ କିଏ ମୁଖ୍ୟମନ୍ତ୍ରୀ ହେବେ, ତାହା ସ୍ପଷ୍ଟ ହୋଇପାରିନି। ସେଥିପାଇଁ ସେଠାରେ ସରକାର ଗଠନରେ ବିଳମ୍ବ ହେଉଛି। ୟା ମଧ୍ୟରେ ଖବର ଆସିଛି ଯେ ମୁଖ୍ୟମନ୍ତ୍ରୀ ଦୌଡ଼ରେ କେସି ଭେନୁଗୋପାଲ ସର୍ବାଗ୍ରେ ଅଛନ୍ତି।ସମସ୍ତଙ୍କ ମତାମତ ନେଇ କାହାକୁ ମୁଖ୍ୟମନ୍ତ୍ରୀ କଲେ ଭଲ ହେବ, ସେ ନେଇ ଏକ ରିପୋର୍ଟ ଦେବାକୁ ପର୍ଯ୍ୟବେକ୍ଷକ ଅଜୟ ମାକେନ ଓ ମୁକୁଲ ୱାସନିକଙ୍କୁ ନିର୍ଦ୍ଦେଶ ଦେଇଥିଲେ କଂଗ୍ରେସ ହାଇକମାଣ୍ଡ। କଂଗ୍ରେସ ଓ ୟୁଡିଏଫ ମେଣ୍ଟରେ ଥିବା ଅନ୍ୟାନ୍ୟ ଦଳଗୁଡ଼ିକର ନବନିର୍ବାଚିତ ବିଧାୟକ ଓ ସାଧାରଣ ଲୋକଙ୍କ ମତ ନେବା ପରେ ଅଜୟ ମାକେନ ଓ ମୁକୁଲ ୱାସନିକ ହାଇକମାଣ୍ଡଙ୍କୁ ସେମାନଙ୍କ ରିପୋର୍ଟ ଦେଇଛନ୍ତି। ଚୂଡ଼ାନ୍ତ ନିଷ୍ପତ୍ତି ଦଳ ନେବ ବୋଲି ସେମାନେ କହିଛନ୍ତି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିବା ନେତାଙ୍କ ତାଲିକାରେ ସର୍ବାଗ୍ରେ କେସି ଭେନୁଗୋପାଲ ରହିଛନ୍ତି। ତାଙ୍କ ସହିତ ଗତ ବିଧାନସଭାରେ ବିରୋଧୀ ଦଳ ନେତା ରହିଥିବା ଭିଡି ସତୀସନ ଓ ବରିଷ୍ଠ ନେତା ତଥା ଦୃଢ଼ ସଂଗଠକ ରମେଶ ଚେନ୍ନିଥଲା ଅଛନ୍ତି। ୬୩ ବର୍ଷୀୟ କେସି ଭେନୁଗୋପାଲ ଏବେ କଂଗ୍ରେସର ସାଧାରଣ ସଂପାଦକ ଅଛନ୍ତି। ତା'ସହିତ ସେ ଲୋକସଭା ସାଂସଦ ଅଛନ୍ତି। ସେ ଅଲାପୁଝା ଆସନରୁ ବିଜୟୀ ହୋଇ ଲୋକସଭା ଯାଇଛନ୍ତି। ଯଦି ସେ କେରଳର ମୁଖ୍ୟମନ୍ତ୍ରୀ ହେବେ, ତା'ହେଲେ ସେହି ସାଂସଦ ପଦରୁ ଇସ୍ତଫା ଦେବେ।କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫର ବୃହତ୍ତ ବିଜୟ ପଛରେ କେସି ଭେନୁଗୋପାଲଙ୍କ ପ୍ରମୁଖ ଭୂମିକା ଥିବା ଦଳର କର୍ମକର୍ତ୍ତାମାନେ କହୁଛନ୍ତି। କେରଳରେ ଲାଗିଥିବା ବଡ଼ ବଡ଼ ପୋଷ୍ଟରରେ ତାଙ୍କୁ 'ନାୟକନ' (ହିରୋ) ବୋଲି ଦର୍ଶାଯାଇଛି।ଏଯାଏ କଂଗ୍ରେସ କାହାକୁ ମୁଖ୍ୟମନ୍ତ୍ରୀ କରିବ ସ୍ଥିର କରି ନଥିବା ବେଳେ ସୋମବାର ଶପଥ ଗ୍ରହଣ ଉତ୍ସବ ହୋଇପାରେ ବୋଲି ଦଳୀୟ ସୂତ୍ର ଆଧାରରେ କିଛି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଦୁଇ ଦିନ ଭିତରେ କଂଗ୍ରେସ ତା'ର ନିଷ୍ପତ୍ତି ସାର୍ବଜନୀନ କରିବ ବୋଲି ଜଣାପଡ଼ିଛି।

# ଆଇଏସ୍‌ଆଇ ଟାର୍ଗେଟରେ ଐତିହାସିକ ମନ୍ଦିର

**ନୂଆଦିଲ୍ଲୀ:** ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନ ସମର୍ଥିତ ଶେହଜାଦ୍ ଭଟ୍ଟି ମଡ୍ୟୁଲର ୯ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଦିଲ୍ଲୀର ଐତିହାସିକ ମନ୍ଦିର , ହରିୟାଣାର ଏକ ସୈନ୍ୟ ଶିବିର ଓ ଦିଲ୍ଲୀ-ସୋନିପତ୍ ହାଇୱେରେ ଥିବା ଏକ ପ୍ରସିଦ୍ଧ ଢାବା ଉପରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ପଚରାଉଚରାରୁ ଅଭିଯୁକ୍ତମାନେ ମନ୍ଦିର ଓ ସୈନ୍ୟ ଶିବିରର ସର୍ବେକ୍ଷଣ କରି ପାକିସ୍ତାନସ୍ଥିତ ହ୍ୟାଣ୍ଡଲର୍ସଙ୍କୁ ଭିଡିଓ ପଠାଇଥିବା ଜଣାପଡ଼ିଛି।ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ଦ୍ୱାରା ଗିରଫ ହୋଇଥିବା ପାକିସ୍ତାନ ସମର୍ଥିତ ଶେହଜାଦ୍ ଭଟ୍ଟି ମଡ୍ୟୁଲର ଆତଙ୍କବାଦୀମାନଙ୍କୁ ପଚରାଉଚରା ବେଳେ ଚକିତ କରିଦେବା ପରି ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀର ଏକ ଐତିହାସିକ ମନ୍ଦିର ଓ ହରିୟାଣାର ସୈନ୍ୟ ଶିବିର ଆତଙ୍କବାଦୀଙ୍କ ଟାର୍ଗେଟରେ ଅଛି। ଦିଲ୍ଲୀ ପୁଲିସ ଗୁରୁବାର ଏହି ମଡ୍ୟୁଲର ୯ ଜଣ ଆତଙ୍କବାଦୀଙ୍କୁ ବିପୁଳ ଅସ୍ତ୍ରଶସ୍ତ୍ର ସହିତ ଗିରଫ କରିଛି। ପଚରାଉଚରାରୁ ମଡ୍ୟୁଲର ଜଣେ ସଦସ୍ୟ ମନ୍ଦିରର ସର୍ବେକ୍ଷଣ କରିଥିବା ଜଣାପଡ଼ିଛି। ମନ୍ଦିର ପରିସର ଫଟୋ ଓ ଭିଡିଓ ପାକିସ୍ତାନରେ ଥିବା ହ୍ୟାଣ୍ଡଲରଙ୍କୁ ପଠାଇଥିଲା। ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ନିର୍ଦ୍ଦେଶରେ ଆତଙ୍କବାଦୀମାନେ କାମ କରୁଥିବା ଜଣାପଡ଼ିଛି। ଆତଙ୍କୀ ମନ୍ଦିରରେ ମୁତୟନ ଥିବା ପୁଲିସକର୍ମୀ ଓ ଅର୍ଦ୍ଧସାମରିକ ବାହିନୀ ଉପରେ ଅତର୍କିତ ଗୁଳିଚାଳନା କରି ବିନାଶ କରିବାକୁ ଷଡ଼ଯନ୍ତ୍ର ରଚିଥିଲେ।

# ଶୁଭେନ୍ଦୁଙ୍କ ପିଏଙ୍କୁ ହତ୍ୟା ପଛରେ ପେସାଦାର ହତ୍ୟାକାରୀ



**କୋଲକାତା:** ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ୟକ୍ତିଗତ ସହାୟକ ଚନ୍ଦ୍ରନାଥ ରଥଙ୍କୁ ହତ୍ୟା କରାଯିବା ମାମଲାରେ ଏବେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଚନ୍ଦ୍ରନାଥ ଶୁଭେନ୍ଦୁ ଅଧିକାରୀଙ୍କ ସହ ଅନେକ ବର୍ଷ ଧରି ଘନିଷ୍ଠ ଭାବେ କାମ କରୁଥିଲେ। ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନ ପ୍ରଚାରଠାରୁ ଭୋଟ ଗଣତି ପର୍ଯ୍ୟନ୍ତ ସବୁକିଛି ବୁଝୁଥିଲେ। ବୁଧବାର ରାତିରେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ତାଙ୍କୁ ଅଜଣା ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଥିଲେ। ତେବେ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ପ୍ରାଥମିକ ତଦନ୍ତରୁ ଏହି ଘଟଣା ପଛରେ ପେସାଦାର ହତ୍ୟାକାରୀ ଥିବା ସନ୍ଦେହ କରୁଛନ୍ତି। ସିଆଇଡି ଇନ୍ସପେକ୍ଟର ଜେନେରାଲ ଅନୁପ ଜୟସ୍ୱାଲ ଏସ୍‌ଆଇଟି ଟିମର ନେତୃତ୍ୱ ନେଉଛନ୍ତି। ରଥଙ୍କୁ ହତ୍ୟା କରାଯିବାର ୭୨ ଘଣ୍ଟା ପୂର୍ବରୁ ସେହି ଅଞ୍ଚଳରେ ଆକ୍ରମଣକାରୀ ସର୍ବେକ୍ଷଣ କରିଥିବା ପ୍ରମାଣରୁ ଜଣାପଡୁଛି ବୋଲି ଏସ୍‌ଆଇଟି କହିଛି। ତଦନ୍ତକାରୀମାନେ ବିଶ୍ୱାସ କରୁଛନ୍ତି ଯେ, ଆକ୍ରମଣକାରୀମାନେ ପୂର୍ବରୁ ଏହି ଅଞ୍ଚଳର ତନାଘନ କରିଥିଲେ ଓ ହତ୍ୟା କରିବା ପୂର୍ବରୁ ପଳାୟନ ମାର୍ଗ ନିର୍ଦ୍ଧାରଣ କରିଥିଲେ। ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡ ପଛରେ ୪ ଜଣ ଆକ୍ରମଣକାରୀଙ୍କ ହାତ ଥିବା ଅନୁମାନ କରାଯାଉଛି। ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡିଛି ଯେ, ରଥଙ୍କ ସ୍କର୍ପିଓ ଗାଡ଼ିକୁ ଦୁଇଟି ମୋଟର ସାଇକଲ ଓ ଗୋଟିଏ କାର୍ ପିଛା କରୁଥିଲା। ସନ୍ଦିଗ୍ଧ କାର୍ ରଥଙ୍କ ସ୍କର୍ପିଓ ଗାଡ଼ିକୁ ଓଭରଟେକ୍ କରି ଏହାର ମାର୍ଗ ଅବରୋଧ କରିଥିଲା। କିଛି ସମୟ ପରେ ବାଇକ୍ ଆରୋହୀମାନେ ସେଠାରେ ପହଞ୍ଚି ତାଙ୍କ ଉପରକୁ ଅତି ନିକଟରୁ ଗୁଳି ଚଳାଇଥିଲେ। ଗ୍ଲକ ସ୍ୱୟଂଚାଳିତ ପିସ୍ତଲରୁ ଅତି କମ୍‌ରେ ୮ ରାଉଣ୍ଡ ଗୁଳି କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ପୁଲିସକୁ କହିଛନ୍ତି ଯେ, ଆକ୍ରମଣରେ ବ୍ୟବହୃତ ମୋଟରସାଇକଲରେ କୌଣସି ପଞ୍ଜୀକରଣ ପ୍ଲେଟ୍ ନ ଥିଲା, ଯାହା ପୂର୍ବ ଯୋଜନାବଦ୍ଧ ଆକ୍ରମଣର ସନ୍ଦେହକୁ ଦୃଢ଼ୀଭୂତ କରିଛି।

# ପଞ୍ଜାବର ନୂଆ ଈଶନିନ୍ଦା ଆଇନକୁ ପ୍ରତ୍ୟାଖ୍ୟାନ

**ଅମୃତସର:** ପଞ୍ଜାବର ନୂଆ ଈଶନିନ୍ଦା ଆଇନକୁ ନେଇ ପଞ୍ଜାବ ସରକାର ଓ ଶିଖ୍ ଧର୍ମଗୁରୁଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଅକାଳ ତଖତ ଶୁକ୍ରବାର ଜଗତ ଜୋତ ଶ୍ରୀଗୁରୁଗ୍ରନ୍ଥସାହିବ ସତକାର (ସଂଶୋଧନ) ଅଧିନିୟମ, ୨୦୨୬କୁ ପ୍ରତ୍ୟାଖ୍ୟାନ କରିଛି। ପବିତ୍ର ଶିଖ୍ ଧର୍ମଗ୍ରନ୍ଥକୁ ଅପମାନ କଲେ ଦଣ୍ଡବିଧାନର ବ୍ୟବସ୍ଥା ଏହି ଆଇନରେ ଅଛି। ପଞ୍ଜାବ ବିଧାନସଭା ବାଚସ୍ପତି କୁଲତାର ସିଂହ ସାନ୍ଧାନ କାର୍ଯ୍ୟନିର୍ବାହୀ ଜଠେଦାର ଜ୍ଞାନୀ କୁଲଦୀପ ସିଂହ ଗର୍ଗଜ ଓ ତଖତ ଦମଦମା ସାହିବ ଜଠେଦାର ଜ୍ଞାନୀ ଟେକ୍ ସିଂହ ଧନାଉଲାଙ୍କ ନିକଟରେ ହାଜର ହେବା ପରେ ଧର୍ମଗୁରୁମାନେ ଏହି ଆଇନକୁ ପ୍ରତ୍ୟାହାର କରିବାକୁ ଆମ୍ ଆଦମୀ ପାର୍ଟି ସରକାରଙ୍କୁ ୧୫ ଦିନିଆ ଅଲ୍ଟିମେଟମ୍ ଜାରି କରିଥିଲେ। ଜଠେଦାର ସ୍ପଷ୍ଟ କରିଛନ୍ତି ଯେ, ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସଜିପିସି) ଗୁରୁଗ୍ରନ୍ଥ ସାହିବ 'ସରୂପ (କପି)'ର ରେକର୍ଡ ସରକାରୀ ତଦାରଖରେ ଥିବା ୱେବସାଇଟ ଅପ୍ଲୋଡ୍ କରିବା ପାଇଁ ଆଇନର ଆବଶ୍ୟକତାକୁ ପାଳନ କରିବ ନାହିଁ। ସେ କହିଛନ୍ତି ଯେ, ଧାର୍ମିକ ରେକର୍ଡ ଓ ଜୀବନ୍ତ ଗୁରୁଙ୍କ ପବିତ୍ରତାର ପରିଚାଳନା ପନ୍ଥ (ଶିଖ୍ ସମ୍ପ୍ରଦାୟ)ର ଏକମାତ୍ର ଡୋମେନ୍ (ପରିସର) ହୋଇ ରହିଛି ଏବଂ ଏହା ରାଜ୍ୟ ଦ୍ୱାରା ବାଧ୍ୟତାମୂଳକ ଡିଜିଟାଲ୍ ନିରୀକ୍ଷଣର ଅଧୀନ ହୋଇପାରିବ ନାହିଁ। ସ୍ୱର୍ଣ୍ଣ ମନ୍ଦିର ପରିସରରେ ଉପସ୍ଥିତ ହେବା ପରେ ସାନ୍ଧାନ ବିଭାଜନକୁ ଦୂର କରିବାକୁ ଚେଷ୍ଟା କରିଥିଲେ, ଯଦିଓ ତାଙ୍କର ସ୍ପଷ୍ଟୀକରଣ ଧର୍ମଗୁରୁମାନଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ ହୋଇଥିଲା। ସାନ୍ଧାନ କହିଛନ୍ତି, ମୁଁ ବାର୍ତ୍ତାଳାପ ବିଷୟରେ ଅଧିକ କିଛି ପ୍ରକାଶ କରିପାରିବି ନାହିଁ, କିନ୍ତୁ ମୁଁ ଜଣାଇଲି ଯେ ଆମେ ପନ୍ଥ ପ୍ରତି ପ୍ରତିଶ୍ରୁତିବଦ୍ଧ ଏବଂ ଏହାର ଭାବନା ଅନୁଯାୟୀ କାର୍ଯ୍ୟ କରିବୁ।

# ଶିକ୍ଷକ ଆଶାୟୀଙ୍କ ଉପରେ ଲାଠି ମାଡ଼



**ପାଟନା:** ବିହାରର ରାଜଧାନୀ ପାଟନାରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପ୍ରକାଶ ଦାବିରେ ଆନ୍ଦୋଳନ କରୁଥିବା ଶହ ଶହ ପ୍ରାର୍ଥୀଙ୍କ ଉପରେ ପୋଲିସ ନିର୍ମମ ଭାବେ ଲାଠିଚାର୍ଜ କରିଛି । ଶୁକ୍ରବାର ଦିନ ପାଟନା କଲେଜରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରାରେ ହଜାର ହଜାର ପୁରୁଷ ଓ ମହିଳା ପ୍ରାର୍ଥୀ ସାମିଲ ହୋଇ ବିହାର ସରକାର ଓ ବିହାର ଲୋକସେବା ଆୟୋଗ (ବିପିଏସସି) ବିରୋଧରେ ସ୍ଲୋଗାନ ଦେଇଥିଲେ । ଆଶାୟୀମାନେ ଛାତ୍ର ନେତା ଦିଲୀପଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜେପି ଗୋଲମ୍ବର ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ଯେତେବେଳେ ପ୍ରାର୍ଥୀମାନେ ବାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ସେତେବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା, ଯାହା ଫଳରେ ଅନେକ ଆନ୍ଦୋଳନକାରୀ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାର୍ଥୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବ କରୁଥିବାରୁ ଲକ୍ଷ ଲକ୍ଷ ଆଶାୟୀ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧକାରମୟ ହେବାକୁ ଯାଉଛି । ଦୀର୍ଘ ଦିନରୁ ଶିକ୍ଷକ ନିଯୁକ୍ତି ପରୀକ୍ଷା ବିଜ୍ଞପ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ । ଏଥିସହ ବିପିଏସସି ଦ୍ୱାରା ଲାଗୁ କରାଯାଇଥିବା କିଛି ନୂଆ ନିୟମକୁ ମଧ୍ୟ ଛାତ୍ରମାନେ ତୀବ୍ର ବିରୋଧ କରିଛନ୍ତି ।ପଦଯାତ୍ରା ସମୟରେ ପୋଲିସ ଓ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ଯୋଗୁଁ ସମଗ୍ର ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଥିବା ବେଳେ ପରିସ୍ଥିତି ଉପରେ ନଜର ରଖିବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଛାତ୍ରମାନଙ୍କ ଏହି ଆନ୍ଦୋଳନ ଏବେ ବିହାର ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛି ।

# କୋଭିଡ୍ ପରି ହାଣ୍ଟାଭାଇରସ୍ ବ୍ୟାପିବ କି?





**ଜେନେଭା:** ହାଣ୍ଟାଭାଇରସ୍ ବିଷୟରେ ସାରା ବିଶ୍ୱରେ ଚିନ୍ତା ବୃଦ୍ଧି ପାଉଛି। ଲୋକଙ୍କ ମନରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କି ଏହି ସଂକ୍ରମଣ କ'ଣ କରୋନା ଭାଇରସ୍ ପରି ବ୍ୟାପିପାରେ? ପୁଣି ଥରେ ଲକଡାଉନ୍ ଲାଗୁ ହେବ, କ'ଣ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ, ଏବଂ ବିଶ୍ୱ କ'ଣ ଏକ ନୂତନ ମହାମାରୀ ଆଡ଼କୁ ଯାଉଛି? ଏହି ସମସ୍ତ ପ୍ରଶ୍ନ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରିସ୍ଥିତି ସ୍ପଷ୍ଟ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାମାରୀ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମାରିଆ ଭାନ୍ କେରଖୋଭ ସ୍ପଷ୍ଟ ଭାବରେ କହିଥିଲେ, "ଏହା କୋଭିଡ୍ ନୁହେଁ, କିମ୍ବା ଏହା ଏକ ଫ୍ଲୁ ପରି ଭାଇରସ ନୁହେଁ। ଏହାର ସଂକ୍ରମଣ ଧାରାକୁ ସମ୍ପୂର୍ଣ୍ଣ ଭିନ୍ନ।" ସେ ଆହୁରି ମଧ୍ୟ କହିଛନ୍ତି ଯେ ଜାହାଜରେ ଥିବା କୌଣସି ଯାତ୍ରୀ କିମ୍ବା କ୍ରୁ ବର୍ତ୍ତମାନ ନୂତନ ଲକ୍ଷଣ ବିକଶିତ କରିନାହାଁନ୍ତି। ଆଣ୍ଡିଜ୍ ଭାଇରସ ସଂକ୍ରମଣର ପୂର୍ବ ମାମଲାଗୁଡ଼ିକ କେବଳ ଅତି ନିକଟ ସମ୍ପର୍କ ମାଧ୍ୟମରେ ଘଟିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କତା ଏବଂ ପ୍ରତିକ୍ରିୟା ସମନ୍ୱୟ ବିଭାଗର ନିର୍ଦ୍ଦେଶକ ବ୍ୟାଖ୍ୟା କରିଛନ୍ତି ଯେ ୨୦୧୮-୧୯ ମସିହାରେ ଆର୍ଜେଣ୍ଟିନାରେ ସମାନ ଏକ ମାମଲା ଘଟିଥିଲା, ଯେଉଁଠାରେ ଜଣେ ସଂକ୍ରମିତ ବ୍ୟକ୍ତି ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇ ଅନେକ ଲୋକଙ୍କୁ ସଂକ୍ରମିତ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପରିସ୍ଥିତି ଏପର୍ଯ୍ୟନ୍ତ ସୀମିତ ଏବଂ ଯଦି ଯୋଗାଯୋଗ ଟ୍ରେସିଂ ଏବଂ ଆଇସୋଲେସନ ଭଳି ଉପଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରାଯାଏ, ତେବେ ସଂକ୍ରମଣର ପ୍ରସାରକୁ ନିୟନ୍ତ୍ରଣ କରାଯାଇପାରିବ।ଡବ୍ଲୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ କହିଛନ୍ତି ଯେ ହାଣ୍ଟାଭାଇରସ୍ ହେଉଛି ମୂଷା ଏବଂ ଅନ୍ୟାନ୍ୟ ମୂଷାମାନଙ୍କ ଦ୍ୱାରା ସଂକ୍ରମିତ ଏକ ଭାଇରସ୍ ଯାହା ମଣିଷଙ୍କ ମଧ୍ୟରେ ଗମ୍ଭୀର ରୋଗ ସୃଷ୍ଟି କରିପାରେ। ଲୋକମାନେ ସାଧାରଣତଃ ସଂକ୍ରମିତ ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ସହିତ ସଂକ୍ରମଣ ମାଧ୍ୟମରେ ସଂକ୍ରମିତ ହୁଅନ୍ତି। ସେ କହିଛନ୍ତି ଯେ ଲାଟିନ୍ ଆମେରିକାରେ ମିଳୁଥିବା ଆଣ୍ଡେସ୍ ପ୍ରଜାତି ସୀମିତ ମାନବ ସଂକ୍ରମଣ କରେ। ସେ ବ୍ୟାଖ୍ୟା କରିଛନ୍ତି ଯେ ଜାହାଜରେ ପ୍ରଥମ ମାମଲା ଏପ୍ରିଲ ୬ ତାରିଖରେ ରିପୋର୍ଟ କରାଯାଇଥିଲା। ଜଣେ ବ୍ୟକ୍ତିଙ୍କ ଲକ୍ଷଣ ଦେଖାଯାଇଥିଲା ଏବଂ ସେ ଏପ୍ରିଲ ୧୧ତାରିଖରେ ମୃତ୍ୟୁବରଣ କରିଥିଲେ। ପ୍ରାରମ୍ଭରେ, ନମୁନା ନିଆଯାଇ ନଥିଲା କାରଣ ତାଙ୍କ ଲକ୍ଷଣଗୁଡ଼ିକ ଅନ୍ୟ ଶ୍ୱାସକ୍ରିୟା ସଂକ୍ରମଣ ସହିତ ସମାନ ଥିଲା। ପରେ ତାଙ୍କ ସ୍ତ୍ରୀ ସଂକ୍ରମିତ ହୋଇଥିଲେ ଏବଂ ସେଣ୍ଟ ହେଲେନାରୁ ଜୋହାନ୍ସବର୍ଗ ଯାତ୍ରା କରିବା ସମୟରେ ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥିଲା। ଏପ୍ରିଲ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଆଇପିଏଲ ମହାସମର

# ଫିନଙ୍କ ଶତକରେ କେକେଆର୍ ବିଜୟୀ

ନୂଆଦିଲ୍ଲୀ,୮।୫(ଏଜେନ୍ସି):ଫିନ ଆଲିନଙ୍କ ଶତକୀୟ ଇନିସ ବଳରେ କୋଲକାତା ନାଇଟ ରାଇଡର୍ସ ଚଳିତ ଆଇପିଏଲ୍‌ରେ ଚତୁର୍ଥ ବିଜୟ ହାସଲ କରିଛି । ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ କୋଲକାତା ୩୪ଟି ବଲ ବାକିଥାଇ ୮ ୱିକେଟ୍ ବ୍ୟବଧାନରେ ବିଜୟ ଲାଭ କରିଥିଲା । ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୨ ରନ କରିଥିଲା । ଜବାବରେ କୋଲକାତା ନାଇଟ ରାଇଡର୍ସ ୧୪.୨ ଓଭରରେ ୨ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା । ୪୭ ବଲରୁ ୧୦୦ ରନ୍ କରିଥିବା ଶତକବୀର ଫିନ ଆଲିନଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଚଳିତ ଆଇପିଏଲରେ ଏହା କୋଲକାତା ନାଇଟରାଇଡର୍ସ ଚତୁର୍ଥ ବିଜୟ । ଦଳ ୧୦ ମ୍ୟାଚରୁ ୪ ବିଜୟ ସହ ୯ ପଏଣ୍ଟ ହାଲସ କରି ଟେବୁଲର ସପ୍ତମ ସ୍ଥାନକୁ ଉଠିଛଇ । ଦିଲ୍ଲୀ ୧୧ ମ୍ୟାଚରୁ ୮ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦିଲ୍ଲୀର ଆରମ୍ଭ ଜମାଣିଆ ରହିଥିବା ବେଳେ ମଧ୍ୟମ ସ ଶେଷ ଭାଗ ଖେଳାଳିଙ୍କ ଚରମ ବିଫଳତା ଯୋଗୁଁ ଦଳୀୟ ସ୍କୋର ୧୪୨ରେ ସୀମିତ ରହିଥିଲା । କେବେଳ ୪ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରିଥିଲେ । ଅନ୍ୟମାନଙ୍କ ସ୍କୋର ଶୂନ୍ୟ ରୁ ୯ ମଧ୍ୟରେ ରହିଥିଲା । ଏକମାତ୍ର ଖେଳାଳି ଭାବେ ଶ୍ରୀଲଙ୍କାର ପାଥୁମ ନିଶାନ ୨୯ ବଲ ୫୦ ରନ୍ କରିଥିଲେ । ତାଙ୍କର ଏହି ଇନିଂସରେ ୫ଟି ଚୌକା ଓ ୩ଟି ଛକା ରହିଥିଲା । ୱିକେଟ୍ ରକ୍ଷମ ବ୍ୟାଟର ଲୋକେଶ ରାହୁଲ ୧୪ ବଲରୁ ୨୩, ନୀତିଶ ରାଣା ୮, ସମୀର ରିଜଭି ୩, ତ୍ରିଷ୍ଟାନ ଷ୍ଟୁବସ ୨, ଅଧିନାୟକ ଅକ୍ଷର ପଟେଲ ୧୧, ଆଶୁତୋଷ ଶର୍ମା ୨୮ ବଲରୁ ୩୯, ବିପ୍ରଜ ନିଗମ ୩, ମିଚେଲ ଷ୍ଟାର୍କ ୦ ଏବଂ ଲୁଙ୍ଗି ଏନଗିଡି ୧ ରନ୍ କରିଥିଲେ । ବୋଲିଂରେ କୋଲକାତାର ଅନୁକୁଳ ରଏ ଓ କାର୍ତ୍ତିକ ତ୍ୟାଗୀ ଦୁଇଟି କରି, ବୈଭବ ଅରୋରା, ସୁନୀଲ ନାରିନ ଓ କାମେରନ ଗ୍ରୀନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ୧୪୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା କୋଲକାତାକୁ ଅଧିକ ପରିଶ୍ରମ କରିବାକୁ ପଡିନଥିଲା । ଅଧିନାୟକ ତଥା ଓପନର ଆଜିଙ୍କ୍ୟ ରାହାଣେ ୯ ବଲରୁ ୧୩ ରନ୍ କରି ରନ ଆଉଟ୍ ହୋଇଥିଲା । କିନ୍ତୁ ଫିନ ଆଲିନଙ୍କ ବ୍ୟାଟ ଥମି ନଥିଲା । ଆଲିନଙ୍କ ପରାକ୍ରମରେ ଦିଲ୍ଲୀର ସବୁ ବୋଲର ଧରାଶାୟୀ ହୋଇଥିଲେ । ୬୫ ମିନିଟ୍ ଧରି ପଡିଆରେ ବ୍ୟାଟିଂ କରିଥିବା ଆଲିନ ୪୭ ବଲର ସମ୍ମୁଖୀନ ହୋଇ ୫ଟି ଚୌକା ତଥା ୧୦ଟି ବିଶାଳ ଛକା ସହାୟତାରେ ଶତକ ପୂରଣ କରିଥିଲେ । ଚୌକା ଓ ଛକାରୁ ସେ ୮୦ ରନ୍ ସଂଗ୍ରହ କରିଥିଲେ । ଅଙ୍ଗକ୍ରିସ ରଘୁବଂଶୀ ମାତ୍ର ୧ ରନ୍ କରିଥିବା ବେଳେ କାମେରନ ଗ୍ରୀନ ୨୭ ବଲରୁ ୩୩ ରନ୍ କରିଥିଲେ । ଏହି ଇନିଂସରେ ଦୁଇଟି ବଡ଼ ଛକା ଦେଖିବାକୁ ମିଳିଥିଲା । କେବଳ ଅକ୍ଷର ପଟେଲଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି ।

### ୩ଟି ଅଲଗା ଫ୍ରାଞ୍ଚାଇଜ ପାଇଁ ୧୦୦୦ରୁ ଊର୍ଦ୍ଧ୍ୱ ରନ୍

ଭାରତୀୟ ତାରକା ବ୍ୟାଟର ତଥା ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି ଲୋକେଶ ରାହୁଲ ଆଇପିଏଲ ଇତିହାସରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ସେ ଏପରି ଏକ ରେକର୍ଡ ନିଜ ନାଁ କରିଛନ୍ତି, ଯାହା ଏପର୍ଯ୍ୟନ୍ତ ବିରାଟ କୋହଲି କିମ୍ବା ରୋହିତ ଶର୍ମା ମଧ୍ୟ କରିପାରିନାହାନ୍ତି । କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ରାହୁଲ ୨୩ ରନର ଛୋଟିଆ ଇନିଂସ ଖେଳିଥିଲେ ମଧ୍ୟ ଆଇପିଏଲ ଇତିହାସର ପ୍ରଥମ ଖେଳାଳି ଭାବେ ୩ଟି ଭିନ୍ନ ଭିନ୍ନ ଦଳ ପାଇଁ ୧୦୦୦ରୁ ଅଧିକ ରନ ସଂଗ୍ରହ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର ଏହି ସଫଳତା ଦର୍ଶାଉଛି ଯେ, ସେ କୌଣସି ଦଳ ପାଇଁ ଖେଳିଲେ ମଧ୍ୟ ରନ ପାହାଡ ଛିଡା କରିବାର କ୍ଷମତା ରଖନ୍ତି । ସେ ପଞ୍ଜାବ ପକ୍ଷରୁ ୨୫୪୮ ରନ୍, ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପକ୍ଷରୁ ୧୪୧୦ ରନ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ସହ ୧୦୦୦ ରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି । କେବଳ ସେତିକି ନୁହେଁ, ରାହୁଲ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସବୁଠାରୁ ଦ୍ରୁତତମ ୧୦୦୦ ରନ୍ ପୂରଣ କରିଥିବା ବ୍ୟାଟର ହୋଇଛନ୍ତି । ସେ ମାତ୍ର ୨୪ଟି ଇନିଂସରେ ସଫଳତା ପାଇଛନ୍ତି । ସେ ରିଷଭ ପନ୍ତ ଏବଂ ଡୁମିନିଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି । ରାହୁଲ ତାଙ୍କ ଆଇପିଏଲ କ୍ୟାରିୟରରେ ମୋଟ୍ ୫ଟି ଦଳ ପାଇଁ ଖେଳିଛନ୍ତି । କେବଳ ରୟାଲ ଚ୍ୟାଲଞ୍ଜର୍ସ ବାଙ୍ଗାଲୋର ଓ ସନରାଇଜର୍ସ ହାଇଦ୍ରାବାଦ ହେଉଛି ୧୦୦୦ ରନ୍ ସ୍କୋର ଛୁଇଁ ପାରିନାହାନ୍ତି । ସେ ଆରସିବି ପାଇଁ ୪୧୭ ରନ୍ ଏବଂ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୩୦୮ ରନ୍ କରିଥିଲେ । ରାହୁଲ ୨୦୨୬ରେ ଅରେଞ୍ଜ କ୍ୟାପ ଦୌଡ଼ରେ ଅଛନ୍ତି । ସେ ଏପର୍ଯ୍ୟନ୍ତ ୧୧ ମ୍ୟାଚରେ ୪୬୮ ରନ୍ କରିଛନ୍ତି ।



## ଆଜିର ମ୍ୟାଚ

- ରାଜସ୍ଥାନ-ଗୁଜରାଟ
- ସ୍ଥାନ- ଜୟପୁର
- ସମୟ- ରାତି ୭.୩୦
- ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ସନରାଇଜର୍ସ | ୧୧ | ୭ | ୪ | ୧୪ |
| ପଞ୍ଜାବ | ୧୦ | ୬ | ୩ | ୧୩ |
| ବେଙ୍ଗାଲୁରୁ | ୧୦ | ୬ | ୪ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| କୋଲକାତା | ୧୦ | ୪ | ୫ | ୯ |
| ଦିଲ୍ଲୀ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ଲକ୍ଷ୍ନୌ | ୧୦ | ୩ | ୭ | ୬ |

# ଆଜିଠୁ ରାଜ୍ୟ ସ୍କ୍ୱାଶ ଚାମ୍ପିଅନସିପ

ଭୁବନେଶ୍ୱର,୮।୫(ସବ୍ୟୁ): ନବଗଠିତ ଓଡ଼ିଶା ରାଜ୍ୟ ସ୍କ୍ୱାଶ ଆସୋସିଏସନ୍ ପକ୍ଷରୁ ରାଜ୍ୟରେ ପ୍ରଥମ କରି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛନ୍ତି । ଓଡ଼ିଶା ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ଶନିବାର ଓ ରବିବାର ଦୁଇ ଦିନ ଧରି ଭୁବନେଶ୍ୱରର ପୁରୁଣା କ୍ରୀଡା ନିର୍ଦ୍ଦେଶାଳୟ ବିଲ୍ଡିଂରେ ଆୟୋଜିତ ହେବ । ଏହି ପ୍ରତିଯୋଗିତା ରାଜ୍ୟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବାକୁଯାଉଛି । କାରଣ ପ୍ରଥମଥର ଏହି ର୍ୟାକେଟ ସ୍ପୋର୍ଟ୍ସର ରାଜ୍ୟସ୍ତରୀୟ ପ୍ରତିଯୋଗିତା ରାଜ୍ୟସଂଘ ଆୟୋଜନ କରୁଛି । ଓଡ଼ିଶାର ସ୍କ୍ୱାଶ ଖେଳାଳିଙ୍କୁ ଏକତ୍ରୀତ କରିବା ଓ ସେମାନଙ୍କୁ ଏକ ଭଲ ମଞ୍ଚ ପ୍ରଦାନ କରିବା । ଏହି ପ୍ରତିଯୋଗିତାର ଲକ୍ଷ୍ୟ ରହିଛି । ୬ଟି ଜିଲ୍ଲାର ୩୪ ଜଣ ଖେଳାଳି ଏଥିରେ ଭାଗ ନେବାକୁ ଯାଉଛନ୍ତି । ୩ଟି ବର୍ଗରେ ଯଥା ପୁରୁଷ, ମହିଳା ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ପ୍ରତିଯୋଗିତା ହେବ । ଓଡ଼ିଶାର ସ୍କ୍ୱାଶ ପ୍ରତିଭାଙ୍କୁ ପ୍ରତିଦ୍ୱନ୍ଦ୍ୱିତା ମୂଳକ ପ୍ରତିଯୋଗିତା ପ୍ରଦାନ କରି ସେମାନଙ୍କ ଦକ୍ଷତା ବିକାଶ ପାଇଁ ଏହି ପ୍ରତିଯୋଗିତା ମାଧ୍ୟମରେ ପ୍ରୟାସ କରାଯିବ । ଶନିବାର ସକାଳ ୯.୩୦ ମିନିଟରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ । ରବିବାର ଦିନ ୧୨.୩୦ରୁ ଫାଇନାଲ ମ୍ୟାଚ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସଫଳତା ପରେ ଓଡ଼ିଶାରେ ତୃଣମୂଳସ୍ତରରେ ସ୍କ୍ୱାଶ ଖେଳାଳିଙ୍କ ବିକାଶ ପାଇଁ ଆସୋସିଏସନ୍ କାର୍ଯ୍ୟ କରିବ ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି । ଆସୋସିଏସନର ପରାମର୍ଶଦାତା ବରିଷ୍ଠ କ୍ରୀଡା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ସ୍କ୍ୱାଶ ଦଳର କୋଚ ଗୌତମ ଦାସ, ସଂଘ ସଭାପତି ତଥା ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ନଫିସ ସହିଦ ଏବଂ କମିଟି ସଦସ୍ୟ ଅଶିତ ମହାପାତ୍ର ଉପସ୍ଥିତ ଥିଲେ ।




### ଓଡ଼ିଶାରୁ ସହଯୋଗ ମିଳିଲେ ଏକାଡେମୀ ଖୋଲିବି: ଗୌତମ

ଭାରତୀୟ ସ୍କ୍ୱାଶ ଦୁନିଆର ଜଣେ ପରିଚିତ ମଣିଷ ହେଉଛନ୍ତି ଗୌତମ ଦାସ । ଖେଳ ଜୀବନଠୁ ପ୍ରଶିକ୍ଷକ ଯାଏଁ ତାଙ୍କ ଲମ୍ବା କ୍ୟାରିୟର ମଧ୍ୟରେ ସ୍କ୍ୱାଶର ଅନେକ ଉଥାନପତନ ସେ ଦେଖିଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ବାସିନ୍ଦା ଗୌତମ ସ୍କ୍ୱାଶ କୋଚ ଭାବେ ଦେଶରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି । ଭାରତରେ ଖେଳାଳି ଭାବେ ଅନେକ ବର୍ଷ ସକ୍ରିୟ ଥିବା ଗୌତମ ଅଧୁନା ପ୍ରମୁଖ କୋଚ୍ ଭାବେ ଜଣାଶୁଣା । ପୂର୍ବାଞ୍ଚଳରେ ସ୍କ୍ୱାଶର ବିକାଶ କାର୍ଯ୍ୟକ୍ରମର ସେ ଅଧକ୍ଷ ଅଛନ୍ତି । ଗୌତମ କହିଥିଲେ, ନିଜ ରାଜ୍ୟରେ ସ୍କ୍ୱାଶ ଏକାଡେମୀ ଖୋଲିବା ପାଇଁ ତାଙ୍କର ଅନେକ ଦିନରୁ ଲକ୍ଷ୍ୟ ରହିଛି । ରାଜ୍ୟ ସରକାର କିମ୍ବା ଓଡ଼ିଶାର କୌଣସି ଘରୋଇ ସଂସ୍ଥା ଯଦି ସହଯୋଗ କରିବେ । ତା ହେଲେ ସେଠାରେ ସ୍କ୍ୱାଶ ଏକାଡେମୀ ଗଠନ କରି ଯୁବ ଖେଳାଳିଙ୍କୁ ଗଢ଼ି ପାରିବେ ବୋଲି କହିଛନ୍ତି ଗୌତମ । ସେ ପ୍ରତି ମାସରେ ଭୁବନେଶ୍ୱର ଆସି ସ୍କ୍ୱାଶ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ପ୍ରତିଯୋଗିତା ରାଜ୍ୟସଂଘ ଉପସଭାପତି ନଫିସ ସହିଦ ରାଜ୍ୟରେ ସ୍କୁଲସ୍ତରୀୟ ସ୍କ୍ୱାଶ ଖେଳାଳି ସୃଷ୍ଟି ଦିଗରେ । ସେ ଏବେ ଯେଉଁ ସହଯୋଗ କରୁଛନ୍ତି ତାହାକୁ ଆହୁରି ବ୍ୟାପକ କରିବେ ବୋଲି କହିଛନ୍ତି । ଅଲିମ୍ପିକ୍ସ ମାନ୍ୟତା ପାଇସାରିଥିବା ଏହି ଖେଳର ପ୍ରସାର ଦିଗରେ ଉଭୟ ଗୌତମ ଓ ନଫିସ ଗଣମାଧ୍ୟମର ସହଯୋଗ ଲୋଡିଥିଲେ ।

# ୧୦ ହଜାର ଟିକେଟ ପାଇଁ ବଦଳିଲା ଆଇପିଏଲ୍ ଫାଇନାଲ ଭେନ୍ୟୁ

ଭୁବନେଶ୍ୱର,୮।୫(ସବ୍ୟୁ): ଆଇପିଏଲ ଫାଇନାଲ ଭେନ୍ୟୁ ପରିବର୍ତ୍ତନ ପଛର କାରଣ ସାମ୍ନାକୁ ଆସିଛି । ୧୦ ହଜାର ଟିକେଟ୍ ଫାଇନାଲ ମ୍ୟାଚ ପାଇଁ ଦାବି କରାଯାଇଥିବାରୁ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି । ବେଙ୍ଗାଲୁରୁ ପରିବର୍ତ୍ତେ କ୍ରମାଗତ ଦ୍ୱିତୀୟଥର ପାଇଁ ଆଇପିଏଲ ଫାଇନାଲ ଖେଳାଯିବ । ଚଳିତ ମାସ ୩୧ ତାରିଖରେ ଫାଇନାଲ ଆୟୋଜିତ ହେବ । ନିୟମ ଅନୁସାରେ ୨୦୨୫ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଟ୍ରଫି ଜିତିଥିବାରୁ ଚଳିତ ବର୍ଷ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଫାଇନାଲ ଖେଳାଯିବାର କଥା । କାରଣ ପୂର୍ବ ବର୍ଷ ଚାମ୍ପିଅନ ହୋଇଥିବା ଦଳର ହୋମ ଗ୍ରାଉଣ୍ଡରେ ପରବର୍ତ୍ତୀ ବର୍ଷର ଫାଇନାଲ ହୋଇଥାଏ । କିନ୍ତୁ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ୍ ଅତିରିକ୍ତ ୧୦୦୫୭ ମାଗଣା ଟିକେଟ୍ ମାଗି ଥିବାରୁ ଚଳିତ ବର୍ଷ ଆଇପିଏଲ ଫାଇନାଲ ଆୟୋଜନ କରିବାରୁ ବଞ୍ଚିତ ହୋଇଛି । ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମାଲ କହିଛନ୍ତି ଏମ ଚିନ୍ନାସ୍ୱାମୀ ଫାଇନାଲ ଆୟୋଜନ କରିବା ଅସମ୍ଭବ । କାରଣ ଏଠାରେ ଦର୍ଶକ କ୍ଷମତା କମ ଥିବା ବେଳେ ମାଗଣା ଟିକେଟ୍ ଅଧିକ ଦାବି କରାଯାଉଛି । ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମର ଦର୍ଶନ କ୍ଷମତା ୩୫ ହଜାର ।

ମାଗଣା ଟିକେଟ ଦାବି ପାଇଁ ଆଇପିଏଲର ପ୍ଲେ ଅଫ୍ ଧର୍ମଶାଳା ଓ ନ୍ୟୁଚଣ୍ଡିଗଡ଼ରେ ହେବ । ସେହିପରି ଫାଇନାଲ ଟକ୍କର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । କର୍ଣ୍ଣାଟକ ଆସୋସିଏସନ୍ ନିୟମ ଅନୁସାରେ ମୋଟ୍ ଦର୍ଶକ କ୍ଷମତାର ୧୫% ମାଗଣା ଟିକେଟ ପାଇବାକୁ ହକଦାର । କିନ୍ତୁ ଆସୋସିଏସନ୍ ଏହି ୧୫% ବ୍ୟତୀତ ଆଉ ୧୦୦୫୭ଟି ମାଗଣା ଟିକେଟ ମାଗିଥିଲା । ରାଜ୍ୟ ବିଧାୟନସଭା ଓ ବିଧାନ ପରିଷଦର ସଦସ୍ୟଙ୍କ ଦାବି ପୂରଣ ପାଇଁ ଆସୋସିଏସନକୁ ୯୦୦ ଟିକେଟ ଦରକାର । ଜଣେ ସଦସ୍ୟଙ୍କୁ ୩ଟି ଲେଖାଏଁ ପାସ ମିଳିବ ବୋଲି ଆସୋସିଏସନ୍ କହିଥିଲା । ବିଶେଷଜ୍ଞ କମିଟି ଓ ଅତିରିକ୍ତ ସରକାରୀ ପ୍ରତିଶ୍ରୁତି ପୂରଣ ପାଇଁ ଅତିରିକ୍ତ ୭୫୦ ଭିଆଇପି ଟିକେଟ ମଗାଯାଇଥିଲା । ଆସୋସିଏନର ଦାବି ପୂରଣ କରିଥିଲେ । ସାଧାରଣ ଲୋକଙ୍କ ପାଇଁ କେବଳ ୨୦ ହଜାର ଟିକେଟ ବଳୁଥିଲା । ମାଗଣା ଟିକେଟ ବ୍ୟତୀତ ଆସୋସିଏସନ୍ କମ ଦମରେ କିଛି ଷ୍ଟାଣ୍ଡର ଟିକେଟ କିଣିବାକୁ ସର୍ତ୍ତ ରଖିଥିଲା । ପି-୩ ଷ୍ଟାଣ୍ଡର ୩୦୦୭ ଟିକେଟ୍ ଆସୋସିଏସନ ୨୦୦୦ ଟଙ୍କାରେ କ୍ରିକେଟ ଖେଳୁଥିବା କ୍ଲବ ଓ ୯୦୦ ଟିକେଟ ସଦସ୍ୟଙ୍କ ପରିବାର ଲୋକଙ୍କୁ ଦେବାକୁ କହିଥିଲା । ଏତଦ ବ୍ୟତୀତ ଏମ-୪ ଷ୍ଟାଣ୍ଡର ୧୦୦୦ ଟିକେଟ୍ ମଧ୍ୟ ଆସୋସିଏସନ୍ କିଣିବ ବୋଲି କହିଥିଲା । ଆସୋସିଏସନକୁ ଦାବି ମୁତାବକ ଟିକେଟ ଦେଇଥିଲେ ୩୫ ହଜାର ବିଶିଷ୍ଟ ଚିନ୍ନାସ୍ୱାମୀରେ କ୍ରିକେଟ ପ୍ରଶଂସକଙ୍କ ପାଇଁ ଅଳ୍ପ ସଂଖ୍ୟକ ଟିକେଟ ଉପଲବ୍ଧ ହୋଇଥିଲା । ତେଣୁ ଫାଇନାଲକୁ ଅହମ୍ମଦାବାଦକୁ ସ୍ଥାନାନ୍ତର କରାଯାଇଛି ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୮୮୫୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୮୮୫୩୧୬୪ରେ ଯୋଗାଯୋଗ କରନ୍ତୁ ।

# ବାରବାଟୀରେ ଭିଭିଏସ ଲକ୍ଷ୍ମଣ

ଭୁବନେଶ୍ୱର,୮।୫(ସବ୍ୟୁ): ପୂର୍ବତନ ଭାରତୀୟ କ୍ରିକେଟର ତଥା ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସର କ୍ରିକେଟ ମୁଖ୍ୟ ଭିଭିଏସ ଲକ୍ଷ୍ମଣ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି । ଅଧୁନା ବାରବାଟୀରେ ନର୍ଥ ସିନିୟର ମହିଳା ପ୍ରଶିକ୍ଷଣ ଶିବିର ଚାଲିଛି । ଏହି ଶିବିର ପରିଦର୍ଶନ କରିବା ପାଇଁ ଲକ୍ଷ୍ମଣ କଟକ ଆସିଛନ୍ତି । ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା କିମ୍ବଦନ୍ତୀ କ୍ରିକେଟର ଭିଭିଏସ ଲକ୍ଷ୍ମଣଙ୍କୁ ଓସିଏ ପରିସରରେ ସମ୍ବୋଧିତ କରିଥିଲେ । ଲକ୍ଷ୍ମଣଙ୍କ ସହ ସଭାପତି ଓ ସମ୍ପାଦକ ଓଡ଼ିଶାରେ କ୍ରିକେଟର ସମୃଦ୍ଧି ନେଇ ଆଲୋଚନା ହୋଇଥିଲା । ଏତଦ ବ୍ୟତୀତ ଓସିଏ ଏକାଡେମୀର ଉନ୍ନତିକରଣ, ଜାତୀୟସ୍ତରର ପ୍ରତିଭା ଅନ୍ୱେଷଣ, ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଆଦି ଏକାଧିକ ଦିଗ ଉପରେ ଆଲୋଚନା ହେବ ସହ ଏକ ଦୀର୍ଘ ମିଆଁଦି ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।



# ବିବାହାର ୧୦ ବର୍ଷ ପରେ ଘରକୁ ଆସିଲା କନ୍ୟାରତ୍ନ: ବାପା ହେଲେ ସୂର୍ଯ୍ୟ କୁମାର

ନୂଆଦିଲ୍ଲୀ,୮।୫(ଏଜେନ୍ସି):ଭାରତକୁ ଟି-୨୦ ବିଶ୍ୱକପ୍ ଜିତାଇଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ କନ୍ୟା ସନ୍ତାନର ବାପା ହୋଇଛନ୍ତି । ସୂର୍ଯ୍ୟଙ୍କ ପତ୍ନୀ ଦେବିଶା ସେଟ୍ଟୀ ମା' ହୋଇଛନ୍ତି । ୨୦୧୬ରେ ସୂର୍ଯ୍ୟ କୁମାର ଓ ଦେବୀଶା ବିବାହ କରିଥିଲେ । ପଢ଼ା ସମୟରୁ ଉଭୟ ପରସ୍ପରକୁ ଭଲ ପାଉଥିଲେ । ଦେବୀଶା ଭଲ ନୃତ୍ୟ କରନ୍ତି । ନିକଟରେ ଦେବୀଶାଙ୍କ ଝିଅ ଗାଧୋଉଥିବା ଭିଡ଼ିଓ ଭାଇରାଲ ହୋଇଥିଲା । ସୂର୍ଯ୍ୟ କୁମାର ଚଳିତ ଆଇପିଏଲ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହାନ୍ତି । ଏହି ଚା ଭରା ପରିସ୍ଥିତିରେ ଘରକୁ କନ୍ୟା ସନ୍ତାନ ଆସିବା ତାଙ୍କୁ ଆନନ୍ଦ ଦେଇଛି । ରିପୋର୍ଟ ମୁତାବକ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ସୂର୍ଯ୍ୟ କୁମାର ଖେଳିବେ ନାହିଁ । ସେ ଟିମ୍ ସହିତ ରାୟପୁର ଯାଇନାହାନ୍ତି । ଝିଅ ଓ ପତ୍ନୀଙ୍କ ସହ ସମୟ ଦେବାକୁ ଚାହୁଁଛନ୍ତି । ସୂଚନାଯୋଗ୍ୟ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସଂସ୍କରଣରେ ଏତେ ଭଲ ପ୍ରଦର୍ଶନ କରିନାହାନ୍ତି । ଦଳର ପ୍ଲେ ଅଫ୍ସ ଆଶା ମଧ୍ୟ କ୍ଷୀଣ ହୋଇଛି ।



# ଭିଡ଼ିଓ କରିପାରିବେନି ଅର୍ଶଦୀପ

ନୂଆଦିଲ୍ଲୀ,୮।୫(ଏଜେନ୍ସି): ବିସିସିଆଇର କଡ଼ା ଚେତାବନୀ ପରେ ଆଇପିଏଲ ଟିମ୍ ଗୁଡିକ ଖେଳାଳିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି । ଏହି କ୍ରମରେ ପଞ୍ଜାବକିଙ୍ଗ୍ସ ଅର୍ଶଦୀପ ସିଂଙ୍କ ବ୍ଲଗିଂ ସାମୟିକ ରୋକ ଲାଗିଇଛି । ପ୍ରକୃତରେ ଅର୍ଶଦୀପ ମ୍ୟାଚ ପରେ ଦଳର ଖେଳାଳିଙ୍କ ସହ ଆଲୋଚନା କରୁଥିବା ନଜର ଆସିଥାନ୍ତି । ସେ ଏୟାରପୋର୍ଟ, ହୋଟେଲ, ଫ୍ଲାଇଟରେ ମଧ୍ୟ ଭିଡ଼ିଓ କରିଥାନ୍ତି । ନିକଟରେ ସେ ପଞ୍ଜାବକିଙ୍ଗ୍ସର ଖେଳାଳିଙ୍କ ସହ ଏକ ଭିଡ଼ିଓ ସୁଟିଂ କରିଥିଲେ । ଯେଉଁଥିରେ ଯୁଜଭେନ୍ଦ୍ର ଚହଲ ଇ-ସିଗାରେଟ ଟାଣୁଥିଲେ । ଏହି ଭିଡ଼ିଓକୁ ନେଇ ଖୁବ ବିବାଦ ହୋଇଥିଲା ।

ଦିଲ୍ଲୀ କ୍ୟାପିଟାଲ୍ସ ମଧ ଖେଳାଳିଙ୍କ ଉପରେ କଡା ଆକସନ ନେଇଛି । ଖେଳାଳିଙ୍କ ସହ ସପୋର୍ଟିଂ ଷ୍ଟାଫଙ୍କ ସମ୍ପର୍କୀୟଙ୍କୁ ଭିଡ଼ିଓ ପୋଷ୍ଟ କରିବାକୁ ମନା କରାଯାଇଛି । ବିସିସିଆଇ ହନିଟ୍ରାପ ଦୃଷ୍ଟିରେ ରଖି ସର୍ତକତାମୂଳକ ପ୍ରଦକ୍ଷପ ସ୍ୱରୂପ ଖେଳାଳି, ସପୋର୍ଟ ଷ୍ଟାଫ ଏବଂ ଟିମର ଅଧିକାରୀଙ୍କୁ ହୋଟେଲ ରୁମରେ ଅଜଣା ଲୋକଙ୍କ ଏଣ୍ଟ୍ରି ଉପରେ ବ୍ୟାନ ଲଗାଯାଇଛି । ଏଭଳି ମଧ୍ୟ ଗୁଜବ ପ୍ରସାରିତ ହୋଇଛି ଯେ, ଜଣେ ଖେଳାଳିଙ୍କ ମହିଳା ବନ୍ଧୁ ଟିମର ଖବର ଦୁଇଥର ପ୍ରଘଟ କରିଛନ୍ତି । ଅବଶ୍ୟ ଏହା ଉପରେ କୌଣସି ସ୍ପଷ୍ଟତା ମିଳିପାରିନାହିଁ ।

ବିସିସିଆଇ ମଧ ଟିମ ମାଲିକଙ୍କୁ ଚେତାବନୀ ଦେଇଛି । ଏପରି ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଫ୍ରାଞ୍ଚାଇଜ ମାଲିକମାନେ ମ୍ୟାଚ ସମୟରେ ଖେଳାଳିଙ୍କ ସହ ଯୋଗାଯୋଗ କରିବା, ସେମାନଙ୍କ ପାଖକୁ ଯିବା କିମ୍ବା ଆଲିଙ୍ଗନ କରିବାକୁ ଚେଷ୍ଟା କରନ୍ତି । ବୋର୍ଡ ଏହାକୁ ନିଷିଦ୍ଧ କରିଛି । ସମସ୍ତ ମାଲିକଙ୍କୁ ପ୍ରୋଟ୍ରୋକଲ ପାଳନ କରିବାକୁ କୁହାଯାଇଛି । ଯେକୌଣସି ନିୟମର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିସିସିଆଇ ଚେତାଇ ଦେଇଛି । ରାଜସ୍ଥାନ ରୟାଲ୍ସ ମ୍ୟାନେଜର ରୋମି ଭିଣ୍ଡର ଚଳିତ ସିଜନରେ ଡଗ୍ ଆଉଟରେ ବସି ଫୋନରେ କଥାବାର୍ତ୍ତା କରୁଥିବା ଦେଖାଯାଇଥିଲା । ଯାହା ଉପରେ ବିସିସିଆଇ କଡ଼ା ଆପତ୍ତି କରିଥିଲା । ଅଧିନାୟକ ରିଆନ ପରାଗଙ୍କୁ ମଧ୍ୟ ଇ-ସିଗାରେଟ ଟାଣୁଥିବା ଦେଖାଯାଇଥିଲା । ତାଙ୍କୁ ଜୋରିମାନା ଦଣ୍ଡ ଦିଆଯାଇଥିଲା ।

# ସାଇରାଜ ହେବେ ଭାରତୀୟ ସ୍ପିନ ବୋଲିଂ କୋଚ୍

ନୂଆଦିଲ୍ଲୀ,୮।୫(ଏଜେନ୍ସି): ଭାରତୀୟ କ୍ରିକେଟ ଦଳ ଜୁନ ୬ରୁ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟରେ ଶୃଙ୍ଖଳା ଖେଳିବାକୁ ଯାଉଛି । ଏହି ଶୃଙ୍ଖଳାରେ ବିସିସିଆଇ ନୂଆ ସ୍ପିନ ବୋଲିଂ କୋଚକୁ ଦାୟିତ୍ୱ ଦେବ । ରିପୋର୍ଟ ମୁତାବକ ୬୦୦ରୁ ଅଧିକ ଘରୋଇ କ୍ରିକେଟରେ ୱିକେଟ ଅକ୍ତିଆର କରିଥିବା ସ୍ପିନର ସାଇରାଜ ବାହୁତୁଲେଙ୍କୁ ଗୁରୁଦାୟିତ୍ୱ ମିଳିପାରେ । ଘରୋଇ ପରିବେଶରେ ଟିମ୍ ଇଣ୍ଡିଆ ସ୍ପିନ ବୋଲରଙ୍କ ବିପକ୍ଷରେ ଏବେ ଟେଷ୍ଟ ମ୍ୟାଚରେ କ୍ରମାଗତ ଖରାପ ପ୍ରଦର୍ଶନ କରୁଛି । କ୍ରିକେଟକୁ ଅଲବିଦା କରିବା ପରେ ସାଇରାଜ ପ୍ରଶିକ୍ଷଣ ଦୁନିଆରେ ପାଦ ଥାପି ଥିଲେ । ୨୦୨୩ ବର୍ଡର ଗାଭାସ୍କର ଟ୍ରଫିରେ ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ସପୋର୍ଟ ଷ୍ଟାଫ ଭାବେ ସାମିଲ କରାଯାଇଥିଲା ।

ସାଇରାଜ ଜାତୀୟ କ୍ରିକେଟ ଏକାଡେମୀରେ ଭିଭିଏସ ଲକ୍ଷ୍ମଣଙ୍କ ମାର୍ଗଦର୍ଶନରେ କାମ କରିଥିଲେ । ସେ ୮ଟି ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ଘରୋଇ କ୍ରିକେଟରେ ଏହି ଲେଗ ସ୍ପିନର ୧୧୮ ମ୍ୟାଚ ଖେଳି ୬୩୦ ୱିକେଟ୍ ନେଇଛନ୍ତି । ଆଇପିଏଲ ୨୦୨୬ରେ ପଞ୍ଜାବକିଙ୍ଗ୍ସରେ ସପୋର୍ଟିଂ ଷ୍ଟାପ ଦାୟିତ୍ୱ ତୁଲାଉଛନ୍ତି । ଏବେ ଭାରତୀୟ ଦଳରେ ସୀତାଂଶୁ କୋଟକ ବ୍ୟାଟିଂ କୋଚ ଏବଂ ମର୍ଣ୍ଣ ମୋର୍କେଲ ବୋଲିଂ କୋଚ ଅଛନ୍ତି । ର୍ୟାନ ଟେନ ଡୋଏଶ୍ଚେଟ ଫିଲ୍ଡିଂ କୋଚ୍ ଅଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି